• Vol.- 46, Issue No. 228
• Wednesday, 19 November 2025
• ବୁଧବାର, ୧୯ ନଭେମ୍ବର ୨୦୨୫
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

### ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମିଳନୀ: ମୁଖ୍ୟମନ୍ତ୍ରୀଙ୍କ ୯ ସୂତ୍ରୀ ଫର୍ମୁଲା

# ଜିଲ୍ଲାରେ ଅଭିଯୋଗ ଶୁଣି ସମାଧାନ କରନ୍ତୁ

- ସବୁ ସ୍ତରରେ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ଶାସନ ଆଣନ୍ତୁ
- ଗାଦିମଡ଼ା ବାବୁଙ୍କୁ ଚିହ୍ନଟ କରି ବଦଳାନ୍ତୁ
- ଦୁର୍ନୀତିରେ ସରକାର ବଦ୍‌ନାମ ହେଲେ ବରଦାସ୍ତ କରାଯିବନାହିଁ
- 'ମିଶନ ପାୱାର'ରେ ୨୦୨୭ ସୁଦ୍ଧା ରାସ୍ତା-ବିଦ୍ୟୁତ- ପାନୀୟ ଜଳ
- ଲୋକଙ୍କ ପାଖକୁ ଯାଇ ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ ନିଅନ୍ତୁ: ରାଜସ୍ୱ ମନ୍ତ୍ରୀ
- ପ୍ରତ୍ୟେକ ସ୍ଥାନକୁ ପ୍ରଶାସନ ପହଞ୍ଚିବା ଦରକାର:ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର,୧୮।୧୧(ନିପ୍ର): ଆମ୍ଭେମାନେ ଯିଏ ଯେଉଁ ପଦବୀରେ ଥାଉନା କାହିଁକି, ଆମେ ସମସ୍ତେ ଜନସେବା ପାଇଁ ଉତ୍ସର୍ଗୀକୃତ ଏବଂ ଆମର କାର୍ଯ୍ୟକଳାପ ପାଇଁ ଆମେ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ। ସେଥିପାଇଁ ଆପଣମାନେ ଲୋକଙ୍କ ସହିତ ମିଶନ୍ତୁ, ସାଧାରଣ ଲୋକଟିର କଥା ଧୈର୍ଯ୍ୟର ସହ ଶୁଣନ୍ତୁ ଓ ତାଙ୍କ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରନ୍ତୁ, ଏହା ହିଁ ହେଉଛି ସୁଶାସନର ମୂଳଦୁଆ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ସମ୍ମିଳନୀ ଉଦ୍‌ଘାଟନ ଅବସରରେ କହିଛନ୍ତି। ଲୋକସଭା ଭବନ କନଭେନ୍‌ସନ୍ ସେଣ୍ଟରଠାରେ ଆୟୋଜିତ ଦୁଇଦିନିଆ ସମ୍ମିଳନୀର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜିଲ୍ଲାପାଳମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଆମ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ' ମନ୍ତ୍ରରେ ରାଜ୍ୟର କଲ୍ୟାଣ ପାଇଁ ଅନେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି ଏବଂ କରୁଛନ୍ତି। ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୯ଟି ଟାସ୍କ ଦେଇଛନ୍ତି । ସବୁ ସ୍ତରରେ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ଶାସନ ଆଣନ୍ତୁ । ଦୁର୍ନୀତିରେ ସରକାର ବଦନାମ ହେଲେ ବରଦାସ୍ତ କରାଯିବନାହିଁ । ଅଧିକ କ୍ଷେତ୍ର ପରିଦର୍ଶନ (ଫିଲ୍ଡ ଭିଜିଟ) କରନ୍ତୁ । ଶାସନ ପ୍ରଶାସନରେ ଟେକ୍ନୋଲୋଜିର ବ୍ୟବହାରକୁ ଗୁରୁତ୍ୱ ଦିଅନ୍ତୁ । ଜିଲ୍ଲାସ୍ତରରେ ଲୋକଙ୍କ ଅଭିଯୋଗ ଶୁଣି ସମାଧାନ କରନ୍ତୁ । ସରକାରୀ ବିଜ୍ଞାପନ ଓଡ଼ିଆ ଭାଷାରେ ପ୍ରକାଶ କରନ୍ତୁ । ସୋସିଆଲ ମିଡିଆ ଜରିଆରେ ସରକାରୀ ସୂଚନା ବ୍ୟାପକ କରନ୍ତୁ । ଗାଦିମଡ଼ା ବାବୁଙ୍କୁ ଚିହ୍ନଟ କରି ବଦଳାନ୍ତୁ । ବାଲି ମାଫିଆଙ୍କୁ ସାବାଡ କରନ୍ତୁ, ଚୋରା ମଦ କାରବାର ରୋକନ୍ତୁ । ଏହା ସହ ସେ କହିଛନ୍ତି ଯେ ଆପଣମାନେ ତୃଣମୂଳସ୍ତରରେ ସରକାରୀ ପ୍ରତିନିଧି । ସରକାରୀ ଯୋଜନାରେ ସଫଳ ରୂପାୟନ ଆପଣଙ୍କର ଦାୟିତ୍ୱ । ସେ କହିଥିଲେ ସରକାରଙ୍କ ନୂତନ କାର୍ଯ୍ୟକ୍ରମ 'ମିଶନ ପାୱାର' ଅଧୀନରେ ୨୦୨୭ ସୁଦ୍ଧା ରାଜ୍ୟର ପ୍ରତିଟି ଗ୍ରାମକୁ ସବୁଦିନିଆ ରାସ୍ତା, ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବା ପାଇଁ ଜିଲ୍ଲାପାଳମାନଙ୍କୁ ମିଶନ ମୋଡ୍‌ରେ କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସରକାରୀ ସ୍ତରରେ ନିଆଯାଇଥିବା ନିଷ୍ପତ୍ତି ଓ ଘୋଷଣା ସହିତ ଯୋଜନାଗୁଡିକର କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ନିୟମିତ ତଦାରଖ କରିବା ପାଇଁ ସେ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। ଏଥି ସହିତ କାର୍ଯ୍ୟକ୍ରମ ଓ ଯୋଜନା ବାବଦ ଖର୍ଚ୍ଚ ଓ ଏହାର ଅଗ୍ରଗତି ସମ୍ପର୍କରେ ପ୍ରତି ତିନି ଚାରି ମାସରେ ଥରେ ସମୀକ୍ଷା କରନ୍ତୁ। ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡିକରେ ଜନଜାତି ସମ୍ପ୍ରଦାୟଙ୍କୁ ଜଙ୍ଗଲଜାତ ଲଘୁ ଦ୍ରବ୍ୟ ସଂଗ୍ରହ ଓ ବିକ୍ରୀବଟା କ୍ଷେତ୍ରରେ ଆଇନ ଅନୁଯାୟୀ ସହାୟତା ପ୍ରଦାନ କରିବା, ଧାନ ସଂଗ୍ରହ ଋତୁରେ ଧାନ ଚୋରାଚାଲଣ ପ୍ରତି ତୀକ୍ଷ୍ଣ ନଜର ରଖିବା ଇତ୍ୟାଦି ବିଷୟରେ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ପାଇଁ କହିଥିଲେ। କାର୍ଯ୍ୟାଳୟକୁ ଆସୁଥିବା ଜନପ୍ରତିନିଧି ମାନଙ୍କୁ ସମ୍ମାନର ସହିତ ସୌଜନ୍ୟମୂଳକ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ, ସରକାର ଓ ପ୍ରଶାସନର ଗତି ସମାନ୍ତରାଳ ଭାବେ ନ ରହିଲେ ସମାଜର ଶେଷଧାଡି ପର୍ଯ୍ୟନ୍ତ ଯୋଜନାର ସୁଫଳ ପହଞ୍ଚିବ ନାହିଁ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ଲୋକଙ୍କୁ ମୌଳିକ ସୁବିଧା ତଥା ସେମାନଙ୍କୁ ସାଧାରଣ ସେବା ଯୋଗାଇଦେବା ପାଇଁ ଲୋକଙ୍କ ପାଖକୁ ଯାଇ ସ୍ଥିତି ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ସେ କହିଥିଲେ ରାଜସ୍ୱ ବିଭାଗ ହେଉଛି ସରକାରଙ୍କ ମେରୁଦଣ୍ଡ। ସାଧାରଣ ଜନତାଙ୍କ ପାଇଁ ରାଜସ୍ୱ ସେବାକୁ ଅଧିକ ସରଳ କରିବା ପାଇଁ ରାଜସ୍ୱ ଆଇନଗୁଡ଼ିକରେ ସଂଶୋଧନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇ କହିଥିଲେ ଯେ, ତୃଣମୂଳ ସ୍ତରରେ ପ୍ରତ୍ୟେକ ସ୍ଥାନକୁ ପ୍ରଶାସନ ପହଞ୍ଚିବା ଦରକାର ଏବଂ ପ୍ରତ୍ୟେକ ନାଗରିକଙ୍କୁ ଉଚିତ ସମ୍ମାନର ସହିତ ସେବା ଯୋଗାଇ ଦେବା କ୍ଷେତ୍ରରେ ଯତ୍ନବାନ ହେବା ଆବଶ୍ୟକ।

## ଇଡି କଲା ୫୧.୭ କୋଟି ଟଙ୍କାର ଦୁବାଇ ସମ୍ପତ୍ତି ଆଟାଚ୍

ନୂଆଦିଲ୍ଲୀ,୧୮।୧୧: ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି), ଭୋପାଳ ଜୋନାଲ୍ କାର୍ଯ୍ୟାଳୟ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମଏଲଏ), ୨୦୦୨ ର ବ୍ୟବସ୍ଥା ଅନୁଯାୟୀ ଦୁବାଇରେ ଅବସ୍ଥିତ ନଅଟି ବିଳାସପୂର୍ଣ୍ଣ ବିଦେଶୀ ଅସ୍ଥାବର ସମ୍ପତ୍ତିକୁ ଅସ୍ଥାୟୀ ଭାବରେ ଆଟାଚ୍ କରିଛି । ସଂଲଗ୍ନ ସମ୍ପତ୍ତିଗୁଡ଼ିକ ଆପାର୍ଟମେଣ୍ଟ ଏବଂ ବାଣିଜ୍ୟିକ ସ୍ଥାନ ଆକାରରେ ଅଛି, ଯାହାର ମୂଲ୍ୟ ୫୧.୭୦ କୋଟି ଟଙ୍କା । ଇଡ଼ି ଅନୁଯାୟୀ, କରାଯାଇଥିବା ଉକ୍ତ ଆଟାଚ୍ ଏକ ନିର୍ଦ୍ଦିଷ୍ଟ ସଂସ୍ଥା ଓ ଏହାର ନିର୍ଦ୍ଦେଶକ, ଗ୍ୟାରେଣ୍ଟର ଏବଂ ଏହାର ମୁଖ୍ୟ ନିର୍ଦ୍ଦେଶକ/ ଗୁରୁତ୍ୱପୂର୍ଣ୍ଣ ଲାଭଦାୟକ ମାଲିକ ଶ୍ରୀକାନ୍ତ ଭାସିଙ୍କ ସମେତ ସମ୍ପର୍କିତ ବ୍ୟକ୍ତିମାନଙ୍କ ଦ୍ୱାରା ବ୍ୟାଙ୍କ ଠକେଇ ମାମଲାରେ କରାଯାଇଛି। ଫଳରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ୧୨୬୬.୬୩ କୋଟି ଟଙ୍କାର ଭୁଲ କ୍ଷତି ପହଞ୍ଚାଇଥିଲା। ସଂଲଗ୍ନ ସମ୍ପତ୍ତିଗୁଡ଼ିକ ଶ୍ରୀକାନ୍ତ ଭାସିଙ୍କର, ଯିଏ ସେଗୁଡ଼ିକୁ ତାଙ୍କ ଝିଅକୁ ଉପହାର ଦେଇଥିଲେ ।




## ରାଜ୍ୟରେ ଆଉ ୪ ତହସିଲ

ଭୁବନେଶ୍ୱର,୧୮।୧୧: ରାଜ୍ୟର ତିନୋଟି ବୃହତ୍ତମ ସହରାଞ୍ଚଳ କେନ୍ଦ୍ରରେ ସେବା ପ୍ରଦାନ ଚ୍ୟାଲେଞ୍ଜର ମୁକାବିଲା ପାଇଁ ଚାରୋଟି ନୂତନ ତହସିଲ ସୃଷ୍ଟି ଘୋଷଣା କରାଯାଇଛି। ପ୍ରଶାସନିକ ଦକ୍ଷତା ବୃଦ୍ଧି ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ଅତିରିକ୍ତ ସଚିବଙ୍କ ଦ୍ୱାରା ଖୋର୍ଦ୍ଧା, କଟକ ଏବଂ ସମ୍ବଲପୁରର ଜିଲ୍ଲାପାଳମାନଙ୍କୁ ଜାରି କରାଯାଇଥିବା ଏକ ସରକାରୀ ଚିଠିରେ ଏହି ନିଷ୍ପତ୍ତିକୁ ଆନୁଷ୍ଠାନିକ ଭାବରେ ଗ୍ରହଣ କରାଯାଇଛି। ଏହି ପୁନର୍ଗଠନ ବର୍ତ୍ତମାନ ସମ୍ପୃକ୍ତ ପୌର ନିଗମକୁ ଘେରି ରହିଥିବା ଭୁବନେଶ୍ୱର, କଟକ ଏବଂ ସମ୍ବଲପୁର ତହସିଲଗୁଡ଼ିକୁ ଲକ୍ଷ୍ୟ ରଖିଛି। ନିର୍ଦ୍ଦେଶନାମା ଅନୁଯାୟୀ, ଏହି ତହସିଲଗୁଡ଼ିକ ସେମାନଙ୍କର ବିସ୍ତୃତ କ୍ଷେତ୍ରଫଳ, ଜନସଂଖ୍ୟାର ବର୍ଦ୍ଧିତ ଘନତା ଏବଂ ବହୁ ସଂଖ୍ୟକ ନାଗରିକଙ୍କ ପାଇଁ ଆବଶ୍ୟକ ସେବାର ବହୁଳତା ଯୋଗୁଁ ସାଧାରଣ ସେବା ପ୍ରଦାନରେ ବିରାଟ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି।

## ଜଳ ଉତ୍ସ ପ୍ରତି ଭାରତର ସାଂସ୍କୃତିକ ଶ୍ରଦ୍ଧା ପ୍ରତିଫଳିତ

### ଓଡ଼ିଶାର ୫ ଜିଲ୍ଲା ପୁରସ୍କୃତ

ନୂଆଦିଲ୍ଲୀ,୧୮।୧୧: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ରାଜଧାନୀରେ ଏକ ସମାରୋହରେ ଷଷ୍ଠ ଜାତୀୟ ଜଳ ପୁରସ୍କାର ଏବଂ ଜଳ ସଂଚୟ-ଜନ ଭାଗୀଦାରୀ ପୁରସ୍କାର ପ୍ରଦାନ କରିଛନ୍ତି। ସେ ଗୁରୁତ୍ୱାରୋପ କରିଛନ୍ତି ଯେ ପ୍ରଭାବଶାଳୀ ଜଳ ପରିଚାଳନା କେବଳ ବ୍ୟକ୍ତି, ପରିବାର, ସମାଜ ଏବଂ ସରକାରଙ୍କ ଅଂଶଗ୍ରହଣ ଦ୍ୱାରା ସମ୍ଭବ। ନଦୀ, ହ୍ରଦ ଏବଂ ଜଳ ଉତ୍ସ ପ୍ରତି ଭାରତର ସାଂସ୍କୃତିକ ଶ୍ରଦ୍ଧା ପ୍ରତିଫଳିତ ବୋଲି ସୂଚାଇଥିଲେ। ରାଷ୍ଟ୍ରପତି ଆଲୋକପାତ କରିଥିଲେ ଯେ ଦକ୍ଷ ଜଳ ବ୍ୟବହାର ବିଶ୍ୱସ୍ତରୀୟ ଆବଶ୍ୟକତା ଏବଂ ଭାରତ ପାଇଁ ଆହୁରି ଗୁରୁତ୍ୱପୂର୍ଣ୍ଣ। ସେ ଚେତାବନୀ ଦେଇଥିଲେ ଯେ ଜଳବାୟୁ ପରିବର୍ତ୍ତନ ଜଳଚକ୍ରକୁ ବାଧା ଦେଉଛି ଏବଂ ଜଳ ଉପଲବ୍ଧତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସାମୂହିକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଗତବର୍ଷ ଆରମ୍ଭ ହୋଇଥିବା ଜଳ ସଂଚୟ-ଜନ ଭାଗୀଦାରୀ ପଦକ୍ଷେପ ଅଧୀନରେ ୩୫ ଲକ୍ଷରୁ ଅଧିକ



ଭୂତଳ ଜଳ ପୁନଃଚାର୍ଜ ଢାଞ୍ଚା ନିର୍ମାଣ ହୋଇସାରିଛି ବୋଲି ସେ ସନ୍ତୋଷ ପ୍ରକାଶ କରିଥିଲେ। ସେ ବୃତ୍ତାକାର ଜଳ ଅର୍ଥନୀତି ପ୍ରଣାଳୀ ଗ୍ରହଣ କରୁଥିବା ଶିଳ୍ପଗୁଡ଼ିକୁ ମଧ୍ୟ ପ୍ରଶଂସା କରିଥିଲେ। ପ୍ରାକୃତିକ ସମ୍ପଦକୁ ଗଭୀର ଭାବରେ ସମ୍ମାନ କରୁଥିବା ଆଦିବାସୀ ସମ୍ପ୍ରଦାୟଙ୍କଠାରୁ ପ୍ରେରଣା ନେଇ, ରାଷ୍ଟ୍ରପତି ସଂରକ୍ଷଣ ବିଷୟରେ ସତର୍କତା ଏବଂ ସଚେତନତାକୁ ଉତ୍ସାହିତ କରିଥିଲେ। ଜଳ ସଂରକ୍ଷଣ ଏବଂ ପରିଚାଳନା କ୍ଷେତ୍ରରେ ଅନୁକରଣୀୟ କାର୍ଯ୍ୟ ପାଇଁ ୧୦ଟି ବର୍ଗର ମିଳିତ ବିଜେତାଙ୍କ ସମେତ ୪୬ ଜଣ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା । ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ମଧ୍ୟରେ ଓଡ଼ିଶାର ଗଞ୍ଜାମ, ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡା, କଟକ ତୃତୀୟ ବର୍ଗରେ ପୁରସ୍କୃତ ହୋଇଛନ୍ତି। ଏସବୁ ଜିଲ୍ଲାରେ ବିଭିନ୍ନ ଜଳପ୍ରକଳ୍ପକୁ ସଫଳତାର ପୂର୍ବକ କାର୍ଯ୍ୟକାରୀ କରିବା ଲାଗି ପ୍ରତ୍ୟେକ ଜିଲ୍ଲାକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲ୍ଲାରେ ୯,୪୦୨ ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡା, କଟକ ଜିଲ୍ଲାରେ ଯଥାକ୍ରମେ ୧୫,୧୪୧, ୬,୬୭୮, ୮, ୨୩୭, ୫,୫୭୨ ଟି ଲେଖାଏଁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।

## ହିଡ଼ମା ସମେତ ଟଳିଲେ ୮ ନକ୍ସଲ

ରାଜମୁନ୍ଦ୍ରି,୧୮।୧୧: ଆନ୍ଧ୍ର ପ୍ରଦେଶର ରାଜମୁନ୍ଦ୍ରୀ ନିକଟବର୍ତ୍ତୀ ଅଲ୍ଲୁରୀ ସୀତାରାମ ରାଜୁ ଜିଲ୍ଲାର ମାରେଡୁମିଲ୍ଲି ଜଙ୍ଗଲ ଅଞ୍ଚଳରେ ସୁରକ୍ଷା ବଳର ଗୁଳି ବିନିମୟରେ ୬ ନକ୍ସଲ ଟଳିଛନ୍ତି ଏଥିରେ ମୋଷ୍ଟ ୱାଣ୍ଟେଡ୍ ନକ୍ସଲ ନେତା ଏବଂ କେନ୍ଦ୍ରୀୟ କମିଟି ସଦସ୍ୟ ମାଡଭି ହିଡମା ଏବଂ ତାର ପତ୍ନୀ ରାଜକ୍କା ଥିଲେ। ହିଡମା ଉପରେ ଏକ କୋଟି ଟଙ୍କା ଏବଂ ତାର ପତ୍ନୀ ଉପରେ ପଚାଶ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ଆନ୍ଧ୍ର ପ୍ରଦେଶର ପୁଲିସ ମହାନିର୍ଦ୍ଦେଶକ ହରିଶ କୁମାର ଗୁପ୍ତା କହିଛନ୍ତି ଯେ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଏବଂ ଓଡିଶା ସୀମାନ୍ତ ଅଞ୍ଚଳରେ ନକ୍ସଲ କାର୍ଯ୍ୟକଳାପ ସମ୍ବନ୍ଧୀୟ ସୂଚନା ମିଳିବା ପରେ ମଙ୍ଗଳବାର ସକାଳ ୬ଟାରୁ ସୁରକ୍ଷା ବଳର ତଲାସି ଅଭିଯାନ ଚାଲିଥିଲା। ପରେ ଉତ୍ତର ଆନ୍ଧ୍ରରେ ହାଇ ଆଲର୍ଟ ଘୋଷଣା କରାଯାଇଥିଲା। ସେ କହିଛନ୍ତି ଯେ ମାରେଡୁମିଲ୍ଲି ଜଙ୍ଗଲ ଅଞ୍ଚଳରେ ନକ୍ସଲମାନେ ସୁରକ୍ଷା ବଳକୁ ଦେଖି ଗୁଳିଚାଳନା କରିଥିଲେ। ତାହାର ପ୍ରତିକ୍ରିୟାରେ ସୁରକ୍ଷା ବଳ ମଧ୍ୟ ଜବାବୀ ଗୁଳିଚାଳନା କରିଥିଲେ। ଏହି ଗୁଳି ବିନିମୟରେ ସୁରକ୍ଷା ବଳ ଛଅ ନକ୍ସଲଙ୍କୁ ମାରିଥିଲେ। ନିହତମାନେ ହେଲେ ମାଡଭି ହିଡମା, ତାର ପତ୍ନୀ ରାଜକ୍କା, ତାଙ୍କ ସହଯୋଗୀ ମଲ୍ଲା, ଦେଭେ, ଚେଲ୍ଲୁରୀ ନାରାୟଣ ଓରଫ ସୁରେଶ ଏବଂ ଟେକ୍‌ଶଙ୍କର।



## ପ୍ରତି ୮ ମିନିଟ୍‌ରେ ଜଣେ ଶିଶୁ ନିଖୋଜ

### ଚିନ୍ତା ପ୍ରକଟ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୮।୧୧: ସୁପ୍ରିମକୋର୍ଟ ମଙ୍ଗଳବାର ଏକ ସମ୍ବାଦପତ୍ରର ରିପୋର୍ଟକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ରିପୋର୍ଟରେ ଦାବି କରାଯାଇଥିଲା ଦେଶରେ ପ୍ରତି ୮ ମିନିଟ୍‌ରେ ଜଣେ ଶିଶୁ ନିଖୋଜ ହେଉଛନ୍ତି। କୋର୍ଟ ଏହାକୁ ଗମ୍ଭୀର ପ୍ରସଙ୍ଗ କହିଛନ୍ତି। ବିଚାରପତି ବିବି ନାଗରତ୍ନା ଓ ଜଷ୍ଟିସ୍ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, 'ଦେଶରେ ପୋଷ୍ୟ ସନ୍ତାନ ଭାବରେ ଗ୍ରହଣ କରିବା ପ୍ରକ୍ରିୟା ଖୁବ୍ ଜଟିଳ। ଏହାକୁ ସୁବ୍ୟବସ୍ଥିତ କରାଯାଉ। ମୁଁ ଖବର କାଗଜରେ ପଢିଛି ଦେଶରେ ପ୍ରତି ୮ ମିନିଟ୍‌ରେ ଜଣେ ଶିଶୁ ନିଖୋଜ ହୋଇଯାଉଛନ୍ତି। ମୋତେ ଜଣା ନାହିଁ ଏହା ସତ କି ମିଛ, କିନ୍ତୁ ଏହା ଏକ ଗମ୍ଭୀର ପ୍ରସଙ୍ଗ।' ସୁପ୍ରିମକୋର୍ଟ କହିଛନ୍ତି, ପୋଷ୍ୟ ସନ୍ତାନ ନେବାର ପ୍ରକ୍ରିୟା କଠୋର ରହିଛି, ତେଣୁ ଏହାର ଉଲଂଘନ ହେବା ସ୍ୱାଭାବିକ। ଲୋକମାନେ ସନ୍ତାନଟିଏ ପାଇବା ପାଇଁ ବେଆଇନ ବାଟ ଆପଣାଉଛନ୍ତି। ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ହାଜର ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି ନିଖୋଜ ପିଲାଙ୍କ ମାମଲାର ସମାଧାନ ପାଇଁ ନୋଡାଲ ଅଧିକାରୀ ନିଯୁକ୍ତ କରିବା କରିବାକୁ ୬ ସପ୍ତାହର ସମୟ ମାଗିଛନ୍ତି। ସୁପ୍ରିମକୋର୍ଟ ୬ ସପ୍ତାହର ସମୟ ଦେବାକୁ ମନା କରିଦେଇଛନ୍ତି ଓ ଏଏସ୍‌ଜିଙ୍କୁ ୯ ଡିସେମ୍ବର ପର୍ଯ୍ୟନ୍ତ ପ୍ରକ୍ରିୟା ପୂରା କରିବାକୁ କୁହାଯାଇଛି। ଖଣ୍ଡପୀଠ ୧୪ ଅକ୍ଟୋବରରେ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ସେ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ରାଜ୍ୟକୁ ନିଖୋଜ ଶିଶୁଙ୍କ ମାମଲାରେ ସମ୍ଭାଳିବା ପାଇଁ ନୋଡାଲ ଅଧିକାରୀଙ୍କୁ ନିଯୁକ୍ତ କରନ୍ତୁ। ଏହା ସହିତ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ସଞ୍ଚାଳିତ ମିଶନ୍ ବାତ୍ସଲ୍ୟ ପୋର୍ଟାଲରେ ପ୍ରକାଶ ପାଇଁ ତାଙ୍କ ନାମ ଓ ସମ୍ପର୍କର ବିବରଣୀ ଉପଲବ୍ଧ କରାଯାଉ। ଯେତେବେଳେ ବି ପୋର୍ଟାଲରେ କୌଣସି ନିଖୋଜ ପିଲାଙ୍କ ବିଷୟରେ ଅଭିଯୋଗ ମିଳିବ ସୂଚନା ସମ୍ପର୍କିତ ନୋଡାଲ ଅଧିକାରୀଙ୍କ ସହ ସହଭାଗିତା କରାଯିବା ଦରକାର। ସୁପ୍ରିମକୋର୍ଟ ଏହା ପୂର୍ବରୁ କେନ୍ଦ୍ରକୁ ନିଖୋଜ ପିଲାଙ୍କ ବିଷୟରେ ଜାଣିବାକୁ ଓ ଏଭଳି ମାମଲାର ଯାଞ୍ଚ ପାଇଁ ଗୃହମନ୍ତ୍ରଣାଳୟ ଅନୁସାରେ, ବିଶେଷ ଅନଲାଇନ୍ ପୋର୍ଟାଲ ତିଆରି କରିବାକୁ କହିଥିଲେ। ସେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସେହି ପୋଲିସ ଅଧିକାରୀଙ୍କ ଭିତରେ ସମନ୍ୱୟର ଅଭାବକୁ ଇସାରା କରିଥିଲେ, ଯାହାକୁ ନିଖୋଜ ପିଲାଙ୍କୁ ଜାଣିବାର କାମ ଦିଆଯାଇଥାଏ। କୋର୍ଟ କହିଥିଲେ, ପୋର୍ଟାଲରେ ପ୍ରତ୍ୟେକ ରାଜ୍ୟରୁ ଜଣେ ସ୍ୱତନ୍ତ୍ର ଅଧିକାରୀ ରହିପାରନ୍ତି,ଯିଏକି ସୂଚନା ପ୍ରସାରିତ କରିବା ବ୍ୟତୀତ ନିଖୋଜ ସମ୍ପର୍କିତ ଅଭିଯୋଗର ପ୍ରଭାରୀ ହୋଇପାରନ୍ତି।

### ନିଖୋଜ ମାମଲା ସମାଧାନ ଆଗାମୀ ୯ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ



## ୧୭ ସନ୍ଦିଗ୍ଧ ବାଂଲାଦେଶୀ ଅଟକ

- 'ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ହଟାଇବା ଲାଗି ଚାଲିଛି ପ୍ରକ୍ରିୟା'

ଭଦ୍ରକ/ଭୁବନେଶ୍ୱର,୧୮।୧୧ : ବାଂଲାଦେଶୀ ସନ୍ଦେହରେ ଭଦ୍ରକରେ ୧୭ ଜଣଙ୍କୁ ଅଟକ ରଖାଯାଇଛି। ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତଙ୍କର ପ୍ରମାଣ ପତ୍ର ଯାଞ୍ଚ କରାଯାଉଥିବା ବେଳେ ଜୋର୍‌ଦାର ତଦନ୍ତ ମଧ୍ୟ ଚାଲିଛି। ସୂଚନା ଅନୁସାରେ କଲିକତାର ମୁର୍ଶିଦାବାଦ ଅଞ୍ଚଳର ୧୭ ଜଣ ଲୋକ ଭଦ୍ରକ ଆସୁଥିଲେ। ସେମାନଙ୍କୁ ଭଦ୍ରକର ଟାଉନ ଥାନା ପୁଲିସ ଭଦ୍ରକ ବସ୍‌ଷ୍ଟାଣ୍ଡ ନିକଟରୁ ଠାବ କରିବା ସହ ପଚରାଉଚରା କରିଥିଲା। ସେମାନଙ୍କ କଥାବାର୍ତ୍ତାରୁ ପୁଲିସର ସନ୍ଦେହ ହେବାରୁ ସେମାନଙ୍କୁ ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ରାତ୍ରିକାଳୀନ ବିଶ୍ରାମଗାରରେ ଅଟକ ରଖିଛି। ଅଟକ ଥିବା ଏହି ବ୍ୟକ୍ତିମାନଙ୍କର ଆଧାର ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରାଯାଉଛି। ଅପରପକ୍ଷେ ଆଇନମନ୍ତ୍ରୀ କହିଛନ୍ତି ଓଡ଼ିଶାରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ହଟାଇବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ସେମାନଙ୍କ ବିରୁଦ୍ଧରେ ସରକାରଙ୍କ ଆଭିମୁଖ୍ୟ କଠୋର ରହିଛି । ସରକାର ଆସିବା ପରେ ଗୋଟିଏ ପର୍ଯ୍ୟାୟରେ ଏହି କାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟ ଯେ, କେନ୍ଦ୍ରାପଡା ଓ ଜଗତସିଂହପୁରରେ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ଚିହ୍ନଟ ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ଜାରି ରହିଛି।

## ଅଲ୍ ଫଲାହ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଗିରଫ



ନୂଆଦିଲ୍ଲୀ,୧୮।୧୧: ଅଲ୍ ଫଲାହ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଗିରଫ ହୋଇଛନ୍ତି । ଦିଲ୍ଲୀ ବିସ୍ଫୋରଣ ପଛରେ ଆତଙ୍କୀ ମଡ୍ୟୁଲର କେନ୍ଦ୍ରସ୍ଥଳ ଅଲ୍ ଫଲାହ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଜୱାଦ ଅହମ୍ମଦ ସିଦ୍ଦିକିଙ୍କୁ ମଙ୍ଗଳବାର ଆତଙ୍କବାଦୀ ପାଣ୍ଠି ଯୋଗାଣ ସହିତ ଜଡିତ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗିରଫ କରିଛି। ତାଙ୍କୁ ମନି ଲଣ୍ଡରିଂ ନିବାରଣ ଆଇନର ଅପରାଧିକ ବ୍ୟବସ୍ଥା ଅନୁଯାୟୀ ହେପାଜତକୁ ନିଆଯାଇଥିଲା।



## ପ୍ରଶଂସା-ନିନ୍ଦା

ପୁଷ୍କର କ୍ଷେତ୍ରରେ ବାସ କରୁଥିଲେ ଜଣେ ସାଧୁ। ଦିନେ ଏକାନ୍ତ ଅନୁରକ୍ତ ଜଣେ ଭକ୍ତ ତାଙ୍କ ନିକଟକୁ ଆସି କହିଥିଲେ- 'ମହାତ୍ମନ୍! ମୁଁ ତୀର୍ଥ ଯାତ୍ରାରେ ଯାଉଛି। ସ୍ୱର୍ଣ୍ଣମୁଦ୍ରା ଥିବା ଏହି ଥଳିଟି ଆପଣଙ୍କ ନିକଟରେ ମୁଁ ଫେରିବା ପର୍ଯ୍ୟନ୍ତ ରଖନ୍ତୁ।' ସନ୍ଥ ଏହା ଶୁଣି କହିଥିଲେ- 'ବତ୍ସ! ମୁଁ ସଂସାର ବୈରାଗୀ ଜଣେ ସନ୍ଥ, ପାର୍ଥିବ ସମ୍ପଦରେ ଆମର ଯାଏ, ଆସେ କେତେ? ଏହାର ରକ୍ଷଣାବେକ୍ଷଣ ତ କେବଳ ସଂସାରୀ ଲୋକଙ୍କ ଦ୍ୱାରା ସମ୍ଭବ।' ଶିଷ୍ୟ ଏହା ଶୁଣି କହିଥିଲେ- 'ଆପଣଙ୍କ ବ୍ୟତିରେକ କୌଣସି ବି ବିଶ୍ୱସନୀୟ ସ୍ଥାନ ମୋତେ ଦିଶୁନାହିଁ। ଶଠତା, ପ୍ରବଞ୍ଚନା, ବିଶ୍ୱାସଘାତକତାରେ ଭରା ଏ ଦୁନିଆରେ କାହା ଉପରେ ଭରସା କରିବି?' ସନ୍ଥ ଏହା ଶୁଣି କୁଟୀରର ଏକ କୋଣକୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଥିଲେ- ଯଦି ଏଭଳି ଭାବୁଛ ତା'ହେଲେ ତୁମ 'ଧନ' ସେଠାରେ ଗୋଟିଏ ଗାତ କରି ପୋତି ଦିଅ। ଶିଷ୍ୟ ଗୁରୁଙ୍କ ନିର୍ଦ୍ଦେଶ ମାନି ନିର୍ଦ୍ଦିଷ୍ଟ ସ୍ଥାନରେ ପୋତି ଦେଇ ତୀର୍ଥଯାତ୍ରାରେ ବାହାରି ଯାଇଥିଲେ। ତୀର୍ଥାଟନରୁ ଫେରି ତାଙ୍କର ତଥାକଥିତ 'ଧନ' ପୂର୍ବବତ୍ ଥିବା ଦେଖି ସାଧୁଙ୍କୁ ଖୁବ୍ ପ୍ରଶଂସା କରିଥିଲେ। ସାଧୁ କିନ୍ତୁ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନଥିଲେ। ଘରକୁ ଯାଇ ପତ୍ନୀଙ୍କ ହାତରେ ଥଳିଟି ଧରାଇଦେଇ କାର୍ଯ୍ୟାପଲକ୍ଷେ ଦୁଇଦିନ ପାଇଁ ଅନ୍ୟତ୍ର ଚାଲି ଯାଇଥିଲେ। ପତିଙ୍କ ତୀର୍ଥ ଭ୍ରମଣଜନିତ ଖୁସିରେ ବିଶେଷ ଖାଦ୍ୟ ପ୍ରସ୍ତୁତ କରି ପଡ଼ୋଶୀଙ୍କୁ ବାଣ୍ଟିବା ନିମନ୍ତେ ଥଳିରୁ ଏକ ସ୍ୱର୍ଣ୍ଣ ମୁଦ୍ରା ନେଇ ଏହାକୁ ବିକ୍ରି କରି ପତ୍ନୀ ଆନୁଷଙ୍ଗିକ ଦ୍ରବ୍ୟ କିଣିଥିଲେ। ଗୃହସ୍ୱାମୀ ଦୁଇଦିନ ପରେ ପ୍ରତ୍ୟାବର୍ତ୍ତନ କରି ସ୍ୱର୍ଣ୍ଣମୋହର ସବୁକୁ ଗଣିବାରୁ ଏହା ଗୋଟିଏ କମ୍‌ଥିବା ଜାଣି ନିଶ୍ଚିତ ହୋଇଯାଇଥିଲେ ଯେ ଏସବୁ ସନ୍ଥଙ୍କ କାରନାମା। ସେ ନିଶ୍ଚୟ ଚୋରି କରିଛନ୍ତି। କ୍ରୋଧ ଜର୍ଜରିତ ହୋଇ ତାଙ୍କ ନିକଟରେ ପହଞ୍ଚି ଗାଳି ଦେଇଥିଲେ ନାନା ଅପଶବ୍ଦ ପ୍ରୟୋଗ କରି। ଚୋରିର ଆରୋପ ଲଗାଇ ଭଣ୍ଡ ବୋଲି କହିବାକୁ କୁଣ୍ଠା କରି ନଥିଲେ। ଜଣେ ଶିଷ୍ୟଠାରୁ ଏଭଳି କଟୁକଥା ଶୁଣିବା ପରେ ନିର୍ବିକାର ଥିଲେ ସନ୍ଥ। ଘରେ ପହଞ୍ଚି ସାଧୁଙ୍କୁ ଚୋର ବୋଲି ଅଭିହିତ କରିଥିଲେ ପତ୍ନୀଙ୍କ ଆଗରେ। ସାଧୁଙ୍କୁ ଅଯଥା ଦୋଷାରୋପ କରାଯାଉଥିବା ଜାଣି ପତ୍ନୀ ସତକଥା କହିଥିଲେ। ସତ୍ୟ ଜାଣିବା ପରେ ଶିଷ୍ୟ ଲଜ୍ଜିତ ହୋଇ ସାଧୁଙ୍କ ନିକଟକୁ ଯାଇ ନିଜ ଆଚରଣ ନିମନ୍ତେ ତାଙ୍କ ପାଦତଳେ ପଡ଼ି କ୍ଷମା ପ୍ରାର୍ଥନା କରିଥିଲେ ବିନା କାରଣରେ ଦୁର୍ବ୍ୟବହାର କରିଥିବା ହେତୁ। ନିର୍ବିକାର ସାଧୁ ବାମ ଓ ଡାହାଣ ଦୁଇ ହାତରେ ଦୁଇମୁଠା ଧୂଳି ଧରି ଶିଷ୍ୟଙ୍କ ଉଦ୍ଦେଶ୍ୟରେ କହିଥିଲେ- 'ମୋ ପାଇଁ ପ୍ରଶଂସା ଓ ନିନ୍ଦା ଠିକ୍ ଏଇ ଧୂଳି ସଦୃଶ। ତୁମର ପ୍ରଶଂସା ଓ ନିନ୍ଦା ମୁଁ କିଛି ହେଲେ ଗ୍ରହଣ କରିନାହିଁ। ଏବେ ତୁମେ ଯାଇପାର।'





## ପ୍ରଭୁ ଶାଳଗ୍ରାମ କିଏ?



କୁହାଯାଏ ଯେ ଏହି ବିବାହ କରିବା ଦ୍ୱାରା ଜୀବନରେ ସୁଖ ଏବଂ ସମୃଦ୍ଧି ଆସିଥାଏ । ଭଗବାନ ବିଷ୍ଣୁ ଏବଂ ଦେବୀ ଲକ୍ଷ୍ମୀଙ୍କ ବିଶେଷ ଆଶୀର୍ବାଦ ମଧ୍ୟ ମିଳିଥାଏ । ଆସନ୍ତୁ ଜାଣିବା ପ୍ରଭୁ ଶାଳଗ୍ରାମ କିଏ ଏବଂ ପ୍ରତିବର୍ଷ କାହିଁକି ପ୍ରଭୁ ଶାଳଗ୍ରାମ ମତ ତୁଳସୀଙ୍କ ସହିତ ବିବାହ କରନ୍ତି । ଭଗବାନ ଶାଳଗ୍ରାମକୁ ଭଗବାନ ବିଷ୍ଣୁଙ୍କର ଏକ ରୂପ ଭାବରେ ବିବେଚନା କରାଯାଏ । ଏହି ଶିଳା ପ୍ରାୟତଃ ନେପାଳର ଗଣ୍ଡକୀ ନଦୀର ତଳ ଭାଗରେ ମିଳିଥାଏ । ଏହା କୌଣସି ସାଧାରଣ ପଥର ନୁହେଁ ବରଂ ଏହାକୁ ଭଗବାନ ବିଷ୍ଣୁଙ୍କ ବାସସ୍ଥାନ ବୋଲି ବିବେଚନା କରାଯାଏ । ଏଥିରେ ଶଙ୍ଖ, ଚକ୍ର, ଗଦା ଏବଂ ପଦ୍ମ ଭଳି ପ୍ରତୀକ ଅଛି । ଏହା ସ୍ୱୟଂପ୍ରକାଶିତ ହୋଇଥିବାରୁ ଏଥିରେ ପ୍ରାଣ ପ୍ରତିଷ୍ଠା କରିବାର କୌଣସି ଆବଶ୍ୟକତା ନାହିଁ । ଏହାର ଅର୍ଥ ହେଉଛି ଭକ୍ତମାନେ ଏହାକୁ ଘରକୁ ଆଣି ସିଧାସଳଖ ପୂଜା କରିପାରିବେ । ଓଡ଼ିଆ ଘରର ସଂସ୍କୃତିରେ ଶାଳଗ୍ରାମକୁ ଶ୍ରୀ ବିଷ୍ଣୁଙ୍କ ପବିତ୍ରଶିଳା ଭାବରେ ବିବେଚନା କରାଯାଏ। ଶାଳଗ୍ରାମ ପୂଜାଦ୍ୱାରା ଦୁର୍ଘଟଣା ଆଶଙ୍କା ହ୍ରାସ ପାଇଥାଏ ବୋଲି ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିଶ୍ୱାସ ରହିଛି। ଚତୁର୍ଭୁଜ ନାରାୟଣଙ୍କ ରୂପରେ ଶାଳଗ୍ରାମଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ।



## ବ୍ରଜ ସଂସ୍କୃତିର ଜନନୀ ଯମୁନା ନଦୀ

ଭୁବନଭାସ୍କର ସୂର୍ଯ୍ୟ ତାଙ୍କ ପିତା, ମୃତ୍ୟୁର ଦେବତା ଯମ ଭାଇ ଓ ଭଗବାନ ଶ୍ରୀକୃଷ୍ଣଙ୍କୁ ତାଙ୍କ ସ୍ୱାମୀ ରୂପରେ ଅଭିହିତ କରାଯାଇଛି । ଭଗବାନ ଶ୍ରୀକୃଷ୍ଣ ବ୍ରଜ ସଂସ୍କୃତିର ପିତା ବୋଲି କୁହାଯାଉଥିବା ବେଳେ ଯମୁନା ନଦୀକୁ ମାତା କୁହାଯାଏ । ଏହିପରି ସେ ପ୍ରକୃତ ଅର୍ଥରେ ବ୍ରଜ ଲୋକଙ୍କ ମାତା । ତେଣୁ ବ୍ରଜରେ ଯମୁନାଙ୍କୁ ମା' କୁହାଯାଏ । ବ୍ରହ୍ମ ପୁରାଣରେ ଯମୁନାଙ୍କ ଆଧ୍ୟାତ୍ମିକ ରୂପ ବିଷୟରେ ବର୍ଣ୍ଣନା କରିବାବେଳେ ଏକ ବିବରଣ ଉପସ୍ଥାପିତ ହୋଇଛି -

**ପୁରାଣର ଅନେକ ସ୍ଥାନରେ ଏହାକୁ ବନ୍ଦନୀୟ କୁହାଯାଇଛି । ସ୍କନ୍ଦ ପୁରାଣରେ ଯମୁନା ନଦୀର ବନ୍ଦନା କରି କୁହାଯାଇଛି, ଯମୁନାରେ ସ୍ନାନ କରୁଥିବା ବ୍ୟକ୍ତିଙ୍କୁ ଭଗବାନ ବିଷ୍ଣୁଙ୍କର ଆଶୀର୍ବାଦ ପ୍ରାପ୍ତ ହେବା ସହ ସମସ୍ତ ପାପ କ୍ଷୟ ହୋଇଯାଏ । ସ୍କନ୍ଦ ପୁରାଣରେ ଯମୁନା ନଦୀକୁ ଗଙ୍ଗା ନଦୀ ଠାରୁ ଅଧିକ ପବିତ୍ର ମାନ୍ୟତା ଦିଆଯାଇଛି ।**

ସେ ସୃଷ୍ଟିର ଆଧାର ଅଟେ.. ଯାହାକୁ ସଚ୍ଚିଦାନନ୍ଦ ସ୍ୱରୂପ କୁହାଯାଏ. . ଉପନିଷଦରେ ଯାହାଙ୍କର ବ୍ରହ୍ମ ରୂପର ଗାୟନ କରାଯାଇଛି. . ସେହି ପରମତତ୍ତ୍ୱ ହେଉଛନ୍ତି ସାକ୍ଷାତ ଯମୁନା । ପଣ୍ଡିତ ଶ୍ରୀରୂପ ଗୋସ୍ୱାମୀ ଯମୁନାଙ୍କୁ ଚିଦାନନ୍ଦମୟୀ ବୋଲି ବର୍ଣ୍ଣନା କରିଛନ୍ତି । ଚିଦାନନ୍ଦମୟୀ ଅର୍ଥାତ ଯାହାଙ୍କ ଦର୍ଶନ ଦ୍ୱାରା ଆତ୍ମାକୁ ପ୍ରକୃତ ଆନନ୍ଦ ପ୍ରାପ୍ତ ହୋଇଥାଏ । ଯମୁନା ନଦୀକୁ ଗଙ୍ଗା ନଦୀ ସମାନ ମା'ର ମାନ୍ୟତା ପ୍ରଦାନ କରାଯାଇଛି । ଯେଉଁଭଳି ସ୍ନାନ, ସ୍ତୁତି ଓ ଆଚମନ ପାଇଁ ଗଙ୍ଗା ଜଳର ମହତ୍ତ୍ୱ ରହିଛି, ସେହିପରି ଯମୁନା ନଦୀର ମଧ୍ୟ ବିଶେଷ ଗୁରୁତ୍ୱ ରହିଛି । ଗଙ୍ଗା ପରି ଯମୁନା ମଧ୍ୟ ତୀର୍ଥଯାତ୍ରାର କେନ୍ଦ୍ର ପାଲଟିଛି । ଏହା ବ୍ୟତୀତ ବିଷ୍ଣୁଙ୍କ ଅବତାରର ଭଗବାନ କୃଷ୍ଣଙ୍କର ଲୀଳାର ସହଯୋଗୀ ଓ ସାକ୍ଷୀ ହୋଇଥିବାରୁ ଏହାର ଜଳ ହରି ଚରଣାମୃତ ସହିତ ସମାନ ବୋଲି ବିବେଚନା କରାଯାଏ । ପୁରାଣର ଅନେକ ସ୍ଥାନରେ ଏହାକୁ ବନ୍ଦନୀୟ କୁହାଯାଇଛି । ସ୍କନ୍ଦ ପୁରାଣରେ ଯମୁନା ନଦୀର ବନ୍ଦନା କରି କୁହାଯାଇଛି, ଯମୁନାରେ ସ୍ନାନ କରୁଥିବା ବ୍ୟକ୍ତିଙ୍କୁ ଭଗବାନ ବିଷ୍ଣୁଙ୍କର ଆଶୀର୍ବାଦ ପ୍ରାପ୍ତ ହେବା ସହ ସମସ୍ତ ପାପ କ୍ଷୟ ହୋଇଯାଏ । ସ୍କନ୍ଦ ପୁରାଣରେ ଯମୁନା ନଦୀକୁ ଗଙ୍ଗା ନଦୀ ଠାରୁ ଅଧିକ ପବିତ୍ର ମାନ୍ୟତା ଦିଆଯାଇଛି । ଏଥିରେ କୁହାଯାଇଛି ଗଙ୍ଗା ନଦୀର ଦର୍ଶନରେ ପାପ କ୍ଷୟ ଓ ଛୁଇଁଲେ ପାତକ ସମାପ୍ତ ହୋଇଯାଏ କିନ୍ତୁ ଯମୁନାରେ ସ୍ନାନ କରିବା ଦ୍ୱାରା ସିଧା ମୋକ୍ଷପ୍ରାପ୍ତ ହୋଇଯାଏ । ସେହିପରି ବ୍ରହ୍ମପୁରାଣରେ ଯମୁନା ନଦୀକୁ ପାପନାଶିନୀ, ଶୋକହାରିଣୀ ଓ କଲ୍ୟାଣୀ କୁହାଯାଇଛି । ଯମୁନା ନଦୀରେ ବୁଡ଼ ପକାଇଲେ ସମସ୍ତ ଦୁଃଖ ଧୋଇ ହୋଇଯିବା ସହ ପାପ ନାଶ ହୋଇଯାଏ ।

## ରାଧାଙ୍କର କୃଷ୍ଣଙ୍କୁ ଅପେକ୍ଷା

ରାଣୀ ଶିଶୁକନ୍ୟାକୁ ଉତ୍ତମରୂପେ ସ୍ନାନ କରାଇ ରତ୍ନଦୋଳିରେ ଝୁଲାଇଲେ। ମାତ୍ର କନ୍ୟା ଆଦୌ ଆଖି ଫିଟାଇ ଚାହିଁଲା ନାହିଁ। କିଛି ଖାଦ୍ୟପାନୀୟ ଗ୍ରହଣ କଲାନି। କେବଳ ନିଶ୍ଚିନ୍ତ ହୋଇ ଶୋଇ ରହିଲା। ଏହା ଦେଖି ରାଜା ରାଣୀ ବହୁତ ଦୁଃଖୀ ହେଲେ ଓ ବିଭିନ୍ନ ଉପଚାର କରାଇଲେ। ସେଦିନ ରାଜା ଦୁଃଖୀଦରିଦ୍ର , ବ୍ରାହ୍ମଣଙ୍କୁ ଡକାଇ ବହୁତ ଧନ ଦାନ କଲେ। ପ୍ରଜାମାନେ ପ୍ରତି ଘରେ ସୁବର୍ଣ୍ଣ କଳସ ବସାଇ ବ୍ରତ ପାଳନ କଲେ। ଏହିପରି ଭାବେ କିଛିଦିନ ବିତିଗଲା। କିନ୍ତୁ କନ୍ୟାର ନିଦ ଭାଙ୍ଗିଲା ନାହିଁ। ଦିନେ ଦେବର୍ଷି ନାରଦଙ୍କୁ ଦେଖି ରାଜା ବୃଷଭାନୁ ଆରମ୍ଭରୁ ସବୁକଥା କହି ନିଜର ଦୁଃଖ ଜଣାଇଲେ। ରାଜାଙ୍କ କଥା ଶୁଣି ନାରଦ ଆଶ୍ୱାସନା ଦେଇ କହିଲେ ତୁମେ ଅତ୍ୟନ୍ତ ଭାଗ୍ୟବାନ ରାଜା। ସ୍ୱୟଂ ଲକ୍ଷ୍ମୀ ତୁମ ଘରେ ସନ୍ତାନ ରୂପରେ ଅଛନ୍ତି। ଏବେ ସେ ପରଂବ୍ରହ୍ମଙ୍କୁ ଲୟ ରଖି ଶୋଇଛନ୍ତି । ଯେବେ ନାରାୟଣ ଜନ୍ମନେବେ ସେତେବେଳେ ତାଙ୍କର ଆଖି ଫିଟିବ।

# ରାଧା ଜନ୍ମର ଅଲୌକିକ କାହାଣୀ



ପଦ୍ମବନରୁ ପାଇଥିବାରୁ କନ୍ୟାର ନାମ ରାଧିକା ଦେଲେ। ସେହିପରି ବିଭିନ୍ନ ଲୋକ ବିଭିନ୍ନ ନାଁ ଦେଲେ ଯେମିତି ବୃଷଭାନୁ ଦେଲେ ରସବତୀ, ମା କୀର୍ତ୍ତିଦା ଦେଲେ ବିନୋଦିନୀ, ଯୋଗମାୟାଙ୍କ ଅବତାର ପୂର୍ଣ୍ଣମାସୀ ଦେଲେ ଶ୍ରୀମତୀ, ବୃନ୍ଦାବନର ଗୋପୀ ଦେଲେ ବୃନ୍ଦାବନେଶ୍ୱରୀ। ରାଜା ଋଷି ଦୁର୍ବାସାଙ୍କୁ ଡକାଇ କନ୍ୟାର ଜାତକ ତିଆରି କରାଇଲେ...

ରାଧା ହେଉଛନ୍ତି ପ୍ରେମ ଓ ଭକ୍ତିର ପ୍ରତୀକ। ସେ କୃଷ୍ଣଙ୍କର ଆଦି ଶକ୍ତି ଓ ଦିବ୍ୟସଙ୍ଗିନୀ। ରାଧା ହେଉଛନ୍ତି ଭକ୍ତିର ସର୍ବୋଚ୍ଚ ରୂପ।ରାଧାଙ୍କର ପ୍ରେମ ଓ ଭକ୍ତି ମାନବାତ୍ମାର ପରମାତ୍ମା ସହିତ ମିଳନର ପ୍ରତୀକ। କୁହାଯାଏ ରାଧାଙ୍କଠାରୁ ସବୁରି ସୃଷ୍ଟି ହୋଇଛି। ଜଳସ୍ଥଳ, ଆକାଶ, ପବନ, ନିଆଁ, ସୂର୍ଯ୍ୟ, ଚନ୍ଦ୍ର, ଇନ୍ଦ୍ର ଆଦି ସବୁ ଦେବତା ତଥା ମାନବ ଓ ପଞ୍ଚଭୂତ ରାଧାଙ୍କଠାରୁ ହିଁ ଉତ୍ପତ୍ତି ହୋଇଛି। ରାଧା ନିତ୍ୟେଶ୍ୱରୀ, ରାସମଣ୍ଡଳର ଅଧିକାରିଣୀ। ରାଧାଙ୍କ ବିନା କୃଷ୍ଣ ଅଧୁରା। ରାଧା ଓ କୃଷ୍ଣ ଏକ ଓ ଅଭିନ୍ନ। ରାଧା ହେଉଛନ୍ତି ଆୟୋନୀସମ୍ଭୂତା। କିନ୍ତୁ ତାଙ୍କର ଆବିର୍ଭାବ ଦିବସ ଭାଦ୍ରବମାସ ଶୁକ୍ଳପକ୍ଷ ଅଷ୍ଟମୀକୁ ରାଧାଜନ୍ମୋତ୍ସବ ବା ରାଧାଷ୍ଟମୀ ଭାବେ ପାଳନ କରାଯାଏ।



ବୈଷ୍ଣବ ସମ୍ପ୍ରଦାୟ, ବିଶେଷତଃ ଗୌଡୀୟ ବୈଷ୍ଣବମାନେ ଏହି ପର୍ବକୁ ବହୁ ଭକ୍ତି ଓ ଉତ୍ସାହରେ ପାଳନ କରନ୍ତି। ପୁରାଣ କଥା ଅନୁସାରେ ରାଧା ଥିଲେ ଆୟୋନିସମ୍ଭୂତା । ସେଦିନ ଥାଏ ଭାଦ୍ରବ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥି, ରାଜା ବୃଷଭାନୁ ସୈନ୍ୟ ସାମନ୍ତଙ୍କ ସହିତ ମୃଗୟାରେ ବନକୁ ଯାଉଥିଲେ। ବାଟରେ କାଳିନ୍ଦୀ ହ୍ରଦ ନିକଟରେ ପଦ୍ମଫୁଲର ବାସ୍ନା ଚହଟି ଯାଉଥିଲା। ପଦ୍ମଫୁଲର ବାସ୍ନାରେ ବୃଷଭାନୁ ଆକର୍ଷିତ ହୋଇ ହ୍ରଦ ନିକଟକୁ ଗଲେ। ଭାବିଲେ କିଛି ପଦ୍ମଫୁଲ ଆଣି ରାଣୀ କୀର୍ତ୍ତିଦାଙ୍କୁ ଦେବେ, ରାଣୀ ହେଉଛନ୍ତି ମା ଲକ୍ଷ୍ମୀଙ୍କ ଭକ୍ତ, ସେ ଏହି ପଦ୍ମଫୁଲ ଦେଇ ଲକ୍ଷ୍ମୀଙ୍କ ପୂଜା କରିବେ। ବୃଷାଭାନୁ ହ୍ରଦ ନିକଟକୁ ଯାଇ ଦେଖିଲେ ଯେ ନୀଳ ପଦ୍ମ ଫୁଲ ଉପରେ ଏକ ଶିଶୁ ନିଶ୍ଚିନ୍ତରେ ଶୋଇଛି। ସତେ ଯେପରି ଗୋଟିଏ ହୀରାର କଣ୍ଢେଇ। ଶିଶୁର ଦେହରୁ ଉଜ୍ଜ୍ୱଳ ନୀଳଜ୍ୟୋତି ପ୍ରକାଶ ପାଉଛି। ସେ ଶିଶୁର ରୂପଲାବଣ୍ୟ ପୂର୍ଣ୍ଣିମାର ଜହ୍ନଠୁ ବି ଆହୁରି ସୁନ୍ଦର। ରାଜା ବୃଷଭାନୁ ସେପର୍ଯ୍ୟନ୍ତ ନିଃସନ୍ତାନ ଥିଲେ। ଏ କନ୍ୟାକୁ ପାଇ ରାଜା ଦରିଦ୍ର କୋଟିନିଧି ପାଇବା ପରି ଅନୁଭବ କଲେ । ସେ ସେହି ଶିଶୁକୁ ଆଣି ନିଜର କନ୍ୟା ରୂପେ ଲାଳନପାଳନ କଲେ। ରାଣୀ ଶିଶୁକନ୍ୟାକୁ ଦେଖି ଅତ୍ୟନ୍ତ ଆନନ୍ଦିତ ହେଲେ। ପଦ୍ମବନରୁ ପାଇଥିବାରୁ କନ୍ୟାର ନାମ ରାଧିକା ଦେଲେ। ସେହିପରି ବିଭିନ୍ନ ଲୋକ ବିଭିନ୍ନ ନାଁ ଦେଲେ ଯେମିତି ବୃଷଭାନୁ ଦେଲେ ରସବତୀ, ମା କୀର୍ତ୍ତିଦା ଦେଲେ ବିନୋଦିନୀ, ଯୋଗମାୟାଙ୍କ ଅବତାର ପୂର୍ଣ୍ଣମାସୀ ଦେଲେ ଶ୍ରୀମତୀ, ବୃନ୍ଦାବନର ଗୋପୀ ଦେଲେ ବୃନ୍ଦାବନେଶ୍ୱରୀ। ରାଜା ଋଷି ଦୁର୍ବାସାଙ୍କୁ ଡକାଇ କନ୍ୟାର ଜାତକ ତିଆରି କରାଇଲେ ।



## ଶ୍ରୀ ଓଁକାରେଶ୍ୱର

ନର୍ମଦା ନଦୀ ମଧ୍ୟରେ ଓଁ ଆକୃତିର ଗୋଟିଏ ଟାପୁରେ ଭଗବାନ ଶ୍ରୀ ଓଁକାରେଶ୍ୱର ସ୍ୱୟମ୍ଭୁ ଜ୍ୟୋତିର୍ଲିଙ୍ଗ ଭାବେ ବିରାଜିତ। ମଧ୍ୟପ୍ରଦେଶ ଖଣ୍ଡୱା ସ୍ଥିତ ଏହି ଟାପୁ ବା ଦ୍ୱୀପର ନାମ ମାନ୍ଧାତା ବା ଶିବପୁରୀ ଦ୍ୱୀପ । ଏହାର ବିପରୀତ ପାର୍ଶ୍ୱରେ ଶ୍ରୀ ମମଲେଶ୍ୱର ଶିବ ଲିଙ୍ଗ ମଧ୍ୟ ପୂଜା ପାଉଛନ୍ତି । ପୌରାଣିକ ବିଶ୍ୱାସ ଅନୁସାରେ ଇକ୍ଷାକୁ ବଂଶୀୟ ରାମଚନ୍ଦ୍ରଙ୍କ ପୂର୍ବବଂଶୀୟ ରାଜା ମାନ୍ଧାତା ଓଁକାରେଶ୍ୱର ଓ ମମଲେଶ୍ୱରଙ୍କୁ ସ୍ଥାପନା କରି ନିଜ ଦୁଇ ପୁଅ ଅମ୍ବରୀଶ ଏବଂ ମୁଚୁକୁନ୍ଦଙ୍କୁ ପୂଜା ଦାୟିତ୍ୱ ଅର୍ପଣ କରିଥିଲେ । ଦେବାସୁର ସଂଗ୍ରାମ ସମୟରେ ଓଙ୍କାରେଶ୍ୱର ସାକ୍ଷାତ ପ୍ରକଟ ହୋଇ ଦେବତାମାନଙ୍କୁ ରକ୍ଷା କରିଥିଲେ । ଆଦି ଶଙ୍କର ୮ ବର୍ଷ ବୟସରେ ସଦ୍‌ଗୁରୁ ସନ୍ଧାନରେ ଆସି ଏଠାରେ ଗୁରୁ ଗୋବିନ୍ଦ ପାଦଙ୍କ ଦର୍ଶନ ଲାଭ କରିଥିଲେ। ତେଣୁ ଏଠାରେ ଏକ ଗୁମ୍ଫାରେ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କର ଏକ ମୂର୍ତ୍ତି ସ୍ଥାପନ କରାଯାଇଛି ।

## ଗଞ୍ଜାମ ଜିଲ୍ଲା ପରିଚାଳନା ସମିତି କାର୍ଯ୍ୟଶାଳା

ଆସିକା,(ନିପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷା ବିକାଶ ସମିତି ଗଞ୍ଜାମ ଜିଲ୍ଲାର ପରିଚାଳନା ସମିତି କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସଭାପତି ଡ଼ଃ ବିନୋଦ ଚନ୍ଦ୍ର ଦାଶଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷା ବିକାଶ ସମିତି ଓଡିଶାଙ୍କ କୋଷାଧକ୍ଷ ସତ୍ୟ ନାରାୟଣ ପଟ୍ଟନାୟକ ମୁଖ୍ୟବକ୍ତା ଓ ସଂଘର ଗଞ୍ଜାମ ବିଭାଗ କାର୍ଯ୍ୟ ବାହ ମନୋଜ କୁମାର ଚୌଧୁରୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଦ୍ୟାଳୟର ପରିଚାଳନାରେ ପରିଚାଳନା ସମିତି ସଦସ୍ୟଙ୍କ ଭୂମିକା ବିଷୟରେ ମାର୍ଗଦର୍ଶନ କରିଥିଲେ । ସମ୍ମାନିତ ଅତିଥି ଭାବେ ଦକ୍ଷିଣ ପୂର୍ବ ସମ୍ଭାଗ ସଭାପତି ଡ଼ଃ ତାରାପ୍ରସାଦ ଦାଶ, ସଂପାଦକ ଦୀପକ କୁମାର ମହାରଣା, କୋଷାଧକ୍ଷ ପ୍ରଦୀପ କୁମାର ଦାଶ, ଉପେନ୍ଦ୍ର ପଣ୍ଡା,ସଂଭାଗ ସଂଯୋଜକ ପ୍ରକାଶ କୁମାର ତ୍ରିପାଠୀ, ସରୋଜ କୁମାର ପଟ୍ଟନାୟକ ଆଦି କାର୍ଯ୍ୟକର୍ତ୍ତା ଯୋଗଦେଇ ଥିବା ବେଳେ ଅନୁଷ୍ଠାନର ସଂପାଦକ ପ୍ରତାପ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ଗୌଡଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ୪୦ଟି ବିଦ୍ୟାଳୟରୁ ଶତାଧିକ ସଦସ୍ୟ ଯୋଗଦେଇ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅନୁଷ୍ଠାନର ସମସ୍ତ ସେବାବ୍ରତୀ ସହଯୋଗ କରିଥିଲେ । ଇତ୍ୟବସରରେ ଛାତ୍ର ଛାତ୍ରୀମାନଙ୍କ ଶୈକ୍ଷିକ ବିକାଶ ଦୃଷ୍ଟିରୁ ୨ଗୋଟି ସ୍ମାର୍ଟ ବୋର୍ଡ଼ ଉନ୍ମୋଚନ କରାଯାଇଥିଲା ।

## ଜି. ଉଦୟଗିରିରେ ପାରଦ ୫.୪ ଡିଗ୍ରୀ

ଭୁବନେଶ୍ୱର, ୧୮।୧୧: ସାରା ରାଜ୍ୟରେ ପ୍ରବଳ ଶୀତ ଲହରୀ ଜାରି ରହିଛି । କନ୍ଧମାଳ, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ ଖୋର୍ଦ୍ଧା ଭଳି ଜିଲ୍ଲାଗୁଡ଼ିକରେ ଋତୁର ସବୁଠାରୁ ଥଣ୍ଡା ପରିସ୍ଥିତି ଅନୁଭୂତ ହେଉଛି । ରିପୋର୍ଟ ଅନୁଯାୟୀ ମଙ୍ଗଳବାର ସକାଳ ୫:୩୦ରେ ଝାରସୁଗୁଡ଼ାରେ ୧୧ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛ । କନ୍ଧମାଳ ଜି. ଉଦୟଗିରିରେ ଆହୁରି ଥଣ୍ଡା ୫.୪ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି, ଏହା ରାଜ୍ୟର ସବୁଠାରୁ ଥଣ୍ଡା ସ୍ଥାନ ମଧ୍ୟରୁ ଗୋଟିଏ । ଗତ ସୋମବାର , ଛଅଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ୍ ତଳେ ରେକର୍ଡ କରାଯାଇଥିଲା । ଘନ କୁହୁଡ଼ି ହେତୁ ଦୃଶ୍ୟମାନତା କମ୍ ଥିବା ରିପୋର୍ଟ କରାଯାଇଛି । ବିଶେଷକରି ସଡ଼କ ପରିବହନ ପ୍ରଭାବିତ ହେଉଛି ।

## ଅଭିଯୁକ୍ତ ଚୋର କୋର୍ଟ ଚାଲାଣ

ଆଠଗଡ଼,(ନିପ୍ର): ଆଠଗଡ଼ ଥାନା ଅନ୍ତର୍ଗତ ବଡ଼ଭୂଇଁ ଦେଶ ଗ୍ରାମର ଅନ୍ନପୂର୍ଣ୍ଣା ପ୍ରଧାନଙ୍କ ଘର ତାଲା ଭାଙ୍ଗି ଗତ ତା୮.୧୧.୨୫ରିଖ ମଧରାତ୍ରରେ ଚୋରି ସୁନା ଗହଣା ସହ ବିଭିନ୍ନ ଜିନିଷ ଚୋରି ଅଭିଯୋଗରେ ଅଭିଯୁକ୍ତ ବଡ଼ଭୂଇଁ ଦେଶ ଗ୍ରାମର ଲିଟୁ ଓରଫ ରାଜୀବ ଲୋଚନ ପ୍ରଧାନ (୩୩ ବର୍ଷ) ପିତା: ସଦାଶିବ ପ୍ରଧାନ ଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ ସମସ୍ତ ଚୋରି ଜିନିଷକୁ ତଦନ୍ତ ମଧରେ ଜବତ କରାଯାଇଛି ।

## ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା




କଟକ, (ନିପ୍ର): ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳନ ଅବସରରେ "ଏକ ଭାରତ ଆତ୍ମନିର୍ଭର ଭାରତ" ର ଭାବନାକୁ ନେଇ ଆଜି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ନେତାଜୀ ସୁବାସ ବୋଷ ସ୍ମାରକୀ ଠାରେ ଏହି ଅବସରରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ପଦଯାତ୍ରାର ଶୁଭାରମ୍ଭ କରାଯାଇଥିଲା । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ପତାକା ଦେଖାଇ ଏକତା ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଡିସିପି ରିଶିକେଶ ଖିଲାରୀ, ଉପଜିଲ୍ଲାପାଳ ଶିବ ଟପୋ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ବରିଷ୍ଠ ସିନେ ଅଭିନେତା ଶ୍ରୀତମ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପଦଯାତ୍ରା ନେତାଜୀ ସ୍ମାରକୀଠାରୁ ଆରମ୍ଭ ହୋଇ ବକ୍ସିବଜାର, ସମାଜ ଅଫିସଛକ, ଚଣ୍ଡୀଛକ, କନିକାଛକ, ବିଜୁପଟ୍ଟନାୟକ ଛକ, ଆନନ୍ଦ ଭବନ ଦେଇ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡ଼ିୟମଠାରେ ପହଞ୍ଚିଥିଲା ।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର

ଯୋଡା,(ନିପ୍ର): ଓସ୍କା କେନ୍ଦୁଝରର ସହଯୋଗରେ ଭୂମିକା ଚକ୍ଷୁ ଚିକିତ୍ସାଳୟ କେନ୍ଦୁଝରର ମିଳିତ ଆନୁକୂଲ୍ୟରେ ବଡବିଲ ସ୍ଥିତ ସାଧୁସିଂ ହଟିଂ ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ମୁଖ୍ୟଅତିଥି ରୂପେ ଓସ୍କା କେନ୍ଦୁଝରର ସଚିବ ଧରିତ୍ରୀ ରାଉତ ଯୋଗ ଦେଇଥିଲେ । ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ବିମଲ କୁମାର ରାଉତ,ଫାର୍ମାଶିଷ୍ଟ ଅନୀଲ କୁମାର ବିଶ୍ୱାଳ, ଲ୍ୟାବ ଟେକନିସିଆନ ରଶ୍ମିତା ଅଗଷ୍ଟି, ନର୍ସିଂ ଅଫିସର ତପସ୍ୱନୀ ମହାନ୍ତ ଏବଂ ଉଦିଆ ମହାନ୍ତ ଚକ୍ଷୁ ଚିକିତ୍ସା ଶିବିରରେ ଉପସ୍ଥିତ ରହିଥିଲେ ।

# ଟାଟାଷ୍ଟିଲ ମାଙ୍ଗାନିଜ ଗ୍ରୁପ୍ ଅଫ୍ ମାଇନ୍ସ ପକ୍ଷରୁ ଖଣି ସୁରକ୍ଷା ପ୍ରଶିକ୍ଷଣ




କେନ୍ଦୁଝର,(ନିପ୍ର): ଆଦିବାସୀ ଜନଜାତି ବହୁଳ କେନ୍ଦୁଝର ଜିଲ୍ଲାରେ ସୁରକ୍ଷିତ ଓ ନିରାପଦ ମାତୃତ୍ୱ ତଥା ମା ଓ ଶିଶୁ ମୃତ୍ୟୁହାର ରୋକିବା ପାଇଁ ସରକାର ମା' ଗୃହ କାର୍ଯ୍ୟକ୍ରମ ୨୦୦୮ ମସିହାରୁ ଆରମ୍ଭ କରିଛନ୍ତି । ବର୍ତ୍ତମାନ କେନ୍ଦୁଝର ଜିଲ୍ଲାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସହାୟତାରେ ୧୦ ଗୋଟି ମା' ଗୃହ ପରିଚାଳିତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ହେଉଛି । ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ମା' ଗୃହ ଗୁଡିକରେ ଘୋର ଅବ୍ୟବସ୍ଥା ନେଇ ଗୁରୁତର ଅଭିଯୋଗ ହେଉଛି । ଆନନ୍ଦପୁର ବ୍ଲକ ଅନ୍ତର୍ଗତ ପଣସଡିହା ମା' ଗୃହରେ ମାଆ ମାନଙ୍କର ପୁଷ୍ଟିକର ଖାଦ୍ୟ ସଠିକ ପରିମାଣରେ ଦିଆଯାଉ ନାହିଁ ବୋଲି ଖବର ଆସୁଛି ।

ସରକାର ସକାଳ ଜଳଖିଆରେ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ଓ ରାତ୍ରିରେ କ୍ଷୀର ଦେବାର ବ୍ୟବସ୍ଥା କରିଥିଲେ ମଧ ମା' ମାନଙ୍କୁ ଦିଆଯାଉ ନ ଥିବାର ଅଭିଯୋଗ ହୋଇଛି । ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା ଠିକ ନ ଥିବା ଦେଖିବାକୁ ମିଳୁଛି । ମା' ଗୃହ କର୍ମଚାରୀଙ୍କ ଦରମା ମଧ୍ୟ ୫ମାସ ହେଲା ମିଳି ନ ଥିବା ଜଣାପଡିଛି । ପୂର୍ବରୁ କାର୍ଯ୍ୟରତ ସେବିକାମାନଙ୍କୁ ବହିଷ୍କାର କରି ଜିଲ୍ଲା ବାହାରର ଲୋକଙ୍କୁ ନିଯୁକ୍ତ କରିବା ଫଳରେ ଲୋକଙ୍କ ବିଶ୍ୱାସଭାଜନ ଓ ଗମନାଗମନ ସମସ୍ୟା ହେତୁ ମା'ମାନଙ୍କୁ ଆଣି ନିରାପଦ ମାତୃତ୍ୱ କରାଇବାରେ ବିଫଳ ହେଉଥିବା ଅନ୍ତେବାସୀଙ୍କ ଉପସ୍ଥିତିରୁ ଜଣାପଡୁଛି ।

ମା' ଗୃହ ପରିଚାଳନା ଦାୟିତ୍ୱ ଜିଲ୍ଲା ବାହାର ସଂସ୍ଥା ଆଇଏମଟିଏସକୁ ଦିଆଯାଇଛି । ଫଳରେ ସଂସ୍ଥାର ସଂପାଦକ ମାସିକ ରିଭ୍ୟୁ ବୈଠକ ମଧ୍ୟ କରୁନଥିବା ହେତୁ ଏଭଳି ପରିସ୍ଥିତିର ସମ୍ମୁଖୀନ ହେଉଥିବାର କଥା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କହିଛନ୍ତି । କାଳିମାଟି ମା' ଗୃହ ଫଳକ ଓ ବିଭିନ୍ନ ତଥ୍ୟ ପ୍ରଦାନକାରୀ ଫଳକ ନ ଲଗାଇବା ନିଶ୍ଚିତ ଅଞ୍ଚଳବାସୀଙ୍କ ପ୍ରତି ବୈମାତୃକ ମନୋଭାବ ଅନୁଭୂତ ହୁଏ । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଜିଲ୍ଲା ବାହାରର ଏନଜିଓମାନଙ୍କୁ ପରିଚାଳନା ଦାୟିତ୍ୱ ପ୍ରଦାନ ନ କରିବାକୁ ବୁଦ୍ଧିଜୀବୀମାନେ ଅନୁରୋଧ କରିଛନ୍ତି । ପ୍ରକାଶ ଥାଉ କି କେନ୍ଦୁଝର ଜିଲ୍ଲାର ରେବଣାପଳାସପାଳରେ ଗୋପବନ୍ଧୁ ଡେଭେଲପମେଣ୍ଟ ସୋସାଇଟି ଯୋଡ଼ାରେ ବିଶ୍ୱ ଜୀବନ ସେବାସଂଘ, କାଳିମାଟି ଠାରେ ସେବକ ଏନଜିଓ, କାଳିଆହଡା ଠାରେ କରୁଣା ଟ୍ରଷ୍ଟ ପରିଚାଳନା ଦାୟିତ୍ୱ ଜିଲ୍ଲା ସ୍ୱାସ୍ଥ୍ୟମିଶନ ଜରିଆରେ କରି ଆସୁଛନ୍ତି ।

ମା' ଗୃହ କର୍ମଚାରୀଙ୍କ ଦରମା,ଇପିଏଫ, ଇଏସ୍ଆଇ ଓ ନିଯୁକ୍ତିପତ୍ର, ଡ୍ରେସକୋଡ଼ ପ୍ରଦାନ କରୁନଥିବା ବିଶେଷ ସୂତ୍ରରୁ ଜଣାପଡିଛି । ଫଳତଃ କର୍ମଚାରୀଙ୍କ କାମ ଓ ମା' ଗୃହ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟସେବା ପ୍ରତି ଆଗ୍ରହ ହେଉ ନ ଥିବାର ଜଣାଯାଏ । କେନ୍ଦୁଝରେ ଜିଲ୍ଲାର ଅପହଞ୍ଚ ଓ ଆଦିମ ଅଧିବାସୀମାନଙ୍କ ନିରାପଦ ମାତୃତ୍ୱ ଓ ପ୍ରସବକାଳୀନ ସ୍ୱାସ୍ଥ୍ୟସେବା ଓ ସ୍ୱାସ୍ଥ୍ୟ ପରାମର୍ଶ ସେବାକୁ ସୁନିଶ୍ଚିତ କରି ଅବହେଳା କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି ।

# କୋରାପୁଟ - ଜଗତସିଂହପୁର ସ୍ଥିତି ଉପୁଜିବା ପୂର୍ବରୁ ଜିଲ୍ଲା ପ୍ରଶାସନ ସଜାଗ ହେବା ଜରୁରୀ

ଦାମନଯୋଡି,(ନିପ୍ର): ଗତ ତିନଦିନ ପୂର୍ବେ ଜଗତସିଂହପୁର ଜିଲ୍ଲାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ନେଇ ବିଭିନ୍ନ ଗଣମାଧ୍ୟମରେ ରାଜ୍ୟବାସୀ ଯେଉଁ ଚିତ୍ର ଦେଖିଲେ ତାହା ଅତି ସମ୍ବେଦନଶୀଳ ଥିଲା । ତେବେ ଜଗତସିଂହପୁର ଭଳି ସ୍ଥିତି କୋରାପୁଟ ଜିଲ୍ଲାରେ ଉପୁଜିବା ପୂର୍ବରୁ ଜିଲ୍ଲା ପ୍ରଶାସନ ସଜାଗ ରହିବା ନିହାତି ଜରୁରୀ ।

କୋରାପୁଟ ଜିଲ୍ଲା ଏକ ପର୍ଯ୍ୟଟନ ସ୍ଥଳୀ ହୋଇଥିବା ବେଳେ ସୁନାବେଡ଼ା ଠାରେ ଏଚ୍ ଏ ଏଲ୍ ଓ ଦାମନଯୋଡି ଠାରେ ନାଲକୋ ଭଳି ଜାତୀୟ ଉଦ୍ୟୋଗ ରହିଛି । ସେହି ଉଦ୍ୟୋଗ ଗୁଡ଼ିକରେ କାମ କରିବା ପାଇଁ ବାହାର ରାଜ୍ୟରୁ ହଜାର ହଜାର ଲୋକ ଆସୁଛନ୍ତି । ତେବେ ବାହାରୁ ଆସୁଥିବା ଲୋକ ମାନଙ୍କ ସଠିକ୍ ତଥ୍ୟ ଯାଞ୍ଚ କରିବା ସ୍ଥାନୀୟ ପ୍ରଶାସନର ଦାୟିତ୍ୱ । ବିଗତ କିଛି ବର୍ଷ ଧରି ଦାମନଯୋଡି ସ୍ଥିତ ନାଲକୋ ଉଦ୍ୟୋଗରେ ସଂପ୍ରସାରଣ କାର୍ଯ୍ୟ ଚାଲୁ ରହିଛି । ଏଥିପାଇଁ ଜିଲ୍ଲା ତଥା ରାଜ୍ୟ ବାହାରୁ ହଜାର ହଜାର ଲୋକ ଏଠାକୁ ଆସି ଘର ଭଡ଼ା ନେଇ ରହୁଛନ୍ତି । ତେବେ ଘର ମାଲିକ ମାନେ ଭଡ଼ାଟିଆ ମାନଙ୍କୁ ସଠିକ୍ ଠିକଣା ଯାଞ୍ଚ ନକରି ରଖୁଛନ୍ତି ଓ ସେମାନଙ୍କର ତଥ୍ୟ ସ୍ଥାନୀୟ ପ୍ରଶାସନ ନିକଟରେ ଦାଖଲ କରୁନାହାନ୍ତି । ଏବେ ନାଲକୋ ସମ୍ପ୍ରସାରଣ କାର୍ଯ୍ୟରେ ରାଜ୍ୟ ବାହାରୁ ହଜାର ହଜାର ଅଣ ଓଡ଼ିଆ ଶ୍ରମିକ ଏଠାରେ କାର୍ଯ୍ୟ କରୁଛନ୍ତି । ଭେଜାପୁଟ, ମାଥାଲପୁଟ, ସିମିଳିଗୁଡା,ଟାଉନସିପ ଆଦି ସ୍ଥାନକୁ ମିଶାଇ ଲୋକ ରହିଛନ୍ତି । ସେମାନଙ୍କ ମଧ୍ୟରେ ସେଭଳି ଅସାମାଜିକ ଲୋକ ନଥିବା କଥାକୁ ଏଡ଼ାଇ ଦିଆଯାଇନପାରେ । କିଛି



ଦିନ ତଳେ ଦିଲ୍ଲୀରେ ଘଟିଥିବା ଘଟଣା ମନରୁ ଲିଭିବା ପୂର୍ବରୁ ଜଗତସିଂହପୁର ଚିତ୍ର ସାମ୍ନାକୁ ଆସିଲା । ଏହି ଦୁଇଟି ଘଟଣା ସୂଚାଇ ଦେଉଛି କି,ଆଗକୁ ଆସୁଥିବା ସମ୍ଭାବ୍ୟ ବିପଦରୁ ନିଜକୁ ରକ୍ଷା କରିବା ପାଇଁ ପୂର୍ବ ସତର୍କତା ଅବଲମ୍ବନ ନିହାତି ଜରୁରୀ । ଜିଲ୍ଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବା ସହିତ ସ୍ଥାନୀୟ ପ୍ରଶାସନ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ରହିଛି । କୋରାପୁଟ ଜିଲ୍ଲା ଏକ ଶାନ୍ତ ସରଳ ଜିଲ୍ଲା , ତେବେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ଜିଲ୍ଲା ପ୍ରଶାସନ ସଜାଗ ରହିବା ଆବଶ୍ୟକ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି ।

### ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଅଷ୍ଟମ ସନ୍ଧ୍ୟା

# 'ଜନସେବା ପ୍ରଶାସନର ପ୍ରାଥମିକତା ହେବା ବିଧେୟ'



ଭଦ୍ରକ(ନିପ୍ର):ସରକାରଙ୍କ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ହେଉ କିମ୍ବା ଆଇନ ଓ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ ଓ ସୁସ୍ଥ ଭାବେ ପରିଚାଳନା କରିବା ହେଉ କିନ୍ତୁ ଜନସେବା ପ୍ରଶାସନର ପ୍ରାଥମିକତା ହେବା ବିଧେୟ ବୋଲି ଉତ୍କଳ ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୁଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଅଷ୍ଟମ ସଂନ୍ଧ୍ୟାରେ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମହୋତ୍ସବର ଅଷ୍ଟମ ସଂନ୍ଧ୍ୟାକୁ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରଖ୍ୟାତ ସମାଜସେବୀ କପିଳ ଚରଣ ଦାସଙ୍କ ସ୍ମୃତିରେ ଉତ୍ସର୍ଗୀକୃତ କରାଯାଇଥିଲା ଏବଂ 'ଜନ ସେବାରେ ପ୍ରଶାସନର ଭୂମିକା' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲ । ମହୋତ୍ସବର ଉପଦେଷ୍ଟା ରୋଟାରିୟାନ ଅତିସ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଭଦ୍ରକର ଉପଜିଲ୍ଲପାଳ ସୌରଭ ଚକ୍ରବର୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବିଶିଷ୍ଟ ସମାଜସେବୀ ସୀତାକାନ୍ତ ଦାସ ବିଶିଷ୍ଟ ଅତିଥି, ଗାନ୍ଧୀ ବାଳାଶ୍ରମ, ଭଦ୍ରକର ସମ୍ପାଦକ ଅଶୋକ କୁମାର ଦାସ, ବରେଣ୍ୟ ଅତିଥି ,ଜଗା ଚାକର ସଙ୍ଘ, ପୁରୀର ସମ୍ପାଦକ ସନ୍ତୋଷ କୁମାର ମିଶ୍ର, ମୁଖ୍ୟ ବକ୍ତା,ପ୍ରଧାନ ଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ, ଓଡ଼ିଶା ତେଜସ୍ୱିନୀ ମହିଳା ସଂଗଠନର ସମ୍ପାଦିକା ଅଞ୍ଜନା ମିଶ୍ର, କଣ୍ଠଶିଳ୍ପୀ ଶଶିକଳା ମିଶ୍ର ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ ।

### ସୁପୋଷିତ ଓଡ଼ିଶା ମିଶନ ଆରମ୍ଭ

# ଅଙ୍ଗନବାଡ଼ି ଶିଶୁ ପୋଷଣ ପାଇବା ସୁନିଶ୍ଚିତ ହେବେ

ଭୁବନେଶ୍ୱର,୧୮।୧୧(ନିପ୍ର):ମହିଳା ଓ ଶିଶୁ ବିକାଶ ବିଭାଗର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୁପୋଷିତ ଓଡ଼ିଶାର ଡାଶବୋର୍ଡର ଉନ୍ମୋଚନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଏହାସହ ପୋଷଣ କଫି ଟେବୁଲ୍ ବୁକ୍ ଓ ରୋଷେଇ ପୁସ୍ତକର ଉନ୍ମୋଚନ, ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଅଗ୍ନି ନିର୍ବାପକ ବ୍ୟବସ୍ଥାର ଶୁଭାରମ୍ଭ, ରାଜ୍ୟ ମହିଳା ଓ ଶିଶୁ ସଂସ୍ଥା ପରିସରରେ ଏକ ଟେଲରିଂ ଓ ସିଲେଇ ୟୁନିଟ୍‌ର ଶୁଭାରମ୍ଭ କରାଯାଇଛି । ରାଜ୍ୟର କୌଣସି ଶିଶୁ ଯେଭଳି ଉପଯୁକ୍ତ ପୋଷଣ ପାଇବାରୁ ବଞ୍ଚିତ ନ ହୁଅନ୍ତି, ଏଥିପାଇଁ ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ସ୍ୱରୂପ ସୁପୋଷିତ ଓଡ଼ିଶା ମିଶନ ଆରମ୍ଭ କରାଯାଇଛି । ପୋଷଣ ଟ୍ରାକର ଡାଟା ଏଥିରେ ବଡ଼ ଭୂମିକା ନେବ । କାର୍ଯ୍ୟକ୍ରମରେ ଶୁଭା ଶର୍ମା, ପ୍ରମୁଖ ଶାସନ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗ; ମନୀଷା ବାନାର୍ଜୀ, ନିର୍ଦ୍ଦେଶିକା, ମହିଳା ଓ ଶିଶୁ ବିକାଶ ବିଭାଗ; ବିଭାଗର ସମସ୍ତ ବରିଷ୍ଠ ଅଧିକାରୀଗଣ ଏବଂ ଆଭାସୀ ମାଧମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏବଂ ଜିଲା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବ୍ଲକସ୍ତରୀୟ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ବାଉରୀଗୋଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ବ୍ଲକ ସ୍ତରୀୟ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠି ଶିକ୍ଷା ଅଧିକାରୀ ସୁଶ୍ରୀ ଗୀତା ପ୍ରଧାନଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ କୁଚିଣ୍ଡା ଜିଲ୍ଲା ପରିଷଦ ଜୋନ-୧ ସଭ୍ୟ ଅଜିତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏଥିରେ କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସୁଶ୍ରୀ ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା ଉଦଯାପନୀ ଉତ୍ସବରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧକ୍ଷ ଭୁବେଶ୍ୱର କିଷାନ ମୁଖ୍ୟଅତିଥି, କୁଚିଣ୍ଡା ଜିଲ୍ଲା ପରିଷଦ ଜୋନ-୨ ସଭ୍ୟ ଦିବ୍ୟରାଜ କିଷାନ, ସରପଞ୍ଚ ଗୋବର୍ଦ୍ଧନ ବାଘ, ସମିତିସଭ୍ୟ ପରେଶ ପଟେଲ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନବୀନ ରୋହିଦାସ,ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତାରାକାନ୍ତ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଅତିଥିମାନେ ତାଙ୍କ ବକ୍ତବ୍ୟରେ ବିଜ୍ଞାନର ଅଗ୍ରଗତି ଯୋଗୁଁ ସମାଜରେ ଉନ୍ନତି ହୋଇଥିବା କହିଥିଲେ । ଏହାଛଡ଼ା ବିଜ୍ଞାନ ସମାଜ ବିକାଶରେ ବରଦାନ ସଦୃଶ କାମକରୁଛି,ତେଣୁ ଏହି କୁନି ବୈଜ୍ଞାନିକଙ୍କ ହାତରେ ସମାଜର ଭବିଷ୍ୟତ ନିର୍ଭର କରୁଥିବାରୁ ଭଲ ପାଠ ପଢି ଦେଶ ବିକାଶରେ ଭାଗିଦାରୀ ହେବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ ।

# ଜମୁଛି ଶୀତବସ୍ତ୍ର ବଜାରରେ ଗ୍ରାହକଙ୍କ ଭିଡ଼




କଟକ,(ନିପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଶୀତ ଋତୁରେ କଟକରେ ଶୀତବସ୍ତ୍ରର ପସରା ମେଲାଇଛନ୍ତି ତାିବତୀୟ ବ୍ୟବସାୟୀମାନେ । ସଂପ୍ରତି ସହରରେ ଶୀତର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଗ୍ରାହକମାନେ ଭଳିକି ଭଳି ମନ ପସନ୍ଦର ଶୀତବସ୍ତ୍ର କିଣିବାକୁ ବଜାରରେ ଭିଡ଼ ଜମାଉଛନ୍ତି । ତେବେ ଚଳିତବର୍ଷ ବେପାର ଭଲ ହେବ ବୋଲି ତାିବତୀୟ ବ୍ୟବସାୟୀମାନେ ଆଶା ବାନ୍ଧିଛନ୍ତି । ଶୀତ ଋତୁ ଆଗମନରେ କଟକରେ ତାିବତୀୟଙ୍କ ଶୀତବସ୍ତ୍ର ମାର୍କେଟ ଖୋଲିଥାଏ । ସ୍ଥାନୀୟ ମଙ୍ଗଳାବାଗ କାଠଗୋଲା ରୋଡ଼ ମହାନଦୀକୂଳରେ ଚଳିତବର୍ଷ ପାଖାପାଖି ୫୦ଟି ଶୀତବସ୍ତ୍ର ଷ୍ଟଲ ଖୋଲିଛି । ୫ ଦଶନ୍ଧି ଧରି ଏହି ବ୍ୟବସାୟୀମାନେ ପିଢ଼ି ପରେ ପିଢ଼ି କଟକରେ ଶୀତବସ୍ତ୍ର ବେପାର କରି ଆସୁଛନ୍ତି । ପୂର୍ବରୁ ହାତ ତିଆରି ସାଲ ଓ ସ୍ୱେଟର ଆଦି ଏହି ବ୍ୟବସାୟୀମାନେ ବିକ୍ରୟ କରୁଥିଲେ । ବର୍ତ୍ତମାନ ସମୟରେ ଆଧୁନିକ ଡ଼ାଙ୍ଗାର ଜାକେଟ, କମ୍ବଳ, ସ୍ୱେଟ ସାର୍ଟ, ମଫଲର, ମୋଜା, ଗ୍ଲୋବସ ଓ ଟୋପି ଆଦି ଭଳିକି ଭଳି ଶୀତବସ୍ତ୍ର ଏହି ଷ୍ଟଲ ଗୁଡ଼ିକରେ ଉପଲବ୍ଧ ହେଉଛି । ଜାକେଟର ଦାମ ୭୦୦ରୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି । ସେହିପରି ସ୍ୱେଟ ସାର୍ଟର ମୂଲ୍ୟ ୮୦୦ ରୁ ୧୫୦୦ ଟଙ୍କା ମଧ୍ୟରେ ରହିଛି । ଆକର୍ଷଣୀୟ କମ୍ବଳର ମୂଲ୍ୟ ୭୦୦ଟଙ୍କାରୁ ୨୦୦୦ ଟଙ୍କା ମଧ୍ୟରେ ଉପଲବ୍ଧ ହେଉଛି । ଏହି ବ୍ୟବସାୟୀମାନେ ବିଶେଷକରି ଶୀତବସ୍ତ୍ରଗୁଡ଼ିକୁ ନେପାଳ, ଦିଲ୍ଲୀ, ଡାର୍ଜଲିଂ ଓ ହରିଆନା ଆଦି ସ୍ଥାନରୁ ଆଣି ଏଠାରେ ବିକ୍ରୟ କରିଥାନ୍ତି । ନବଜାତ ଶିଶୁ ଠାରୁ ଆରମ୍ଭ କରି ବୃଦ୍ଧ ବୃଦ୍ଧାଙ୍କ ପାଇଁ ସମସ୍ତ ପ୍ରକାର ଶୀତବସ୍ତ୍ର ଏଠାରେ ଉପଲବ୍ଧ ହେଉଛି । ଗ୍ରାହକମାନଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ସମସ୍ତ ପ୍ରକାର ଶୀତବସ୍ତ୍ର ଆଣିଥାନ୍ତି । ପାଖାପାଖି ୩ ମାସ ଧରି ଏହି ମାର୍କେଟ ଚାଲିଥାଏ । ସହରରେ ସଂପ୍ରତି ଶୀତର ପ୍ରକୋପ ବୃଦ୍ଧି ପାଉଥିବା ଯୋଗୁ ଚଳିତ ବର୍ଷ ବେପାର ଭଲ ହେଉଛି ବୋଲି ବ୍ୟବସାୟୀମାନେ କହିଛନ୍ତି ।

## ମହେନ୍ଦ୍ରଗିରି ଶିଖର ଇକୋ ରିସୋର୍ଟ ଉଦ୍‌ଘାଟିତ



ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲା ରାୟଗଡ ବ୍ଲକ ଅନ୍ତର୍ଗତ ମହେନ୍ଦ୍ରଗିରି ଶିଖରରେ ଥିବା ଇକୋ ରିସୋର୍ଟକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଦିନିକିଆ ଗଜପତି ଜିଲ୍ଲା ଗସ୍ତରେ ଆସି ମହେନ୍ଦ୍ରଗିରି ଠାରେ ନବ ନିର୍ମିତ ଇକୋ ରିସୋର୍ଟକୁ ଉଦ୍‌ଘାଟନ କରିଛନ୍ତି । ତାଙ୍କ ସହିତ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ଓ ବାଣିଜ୍ୟ,ପରିବହନ, ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉପସ୍ଥିତ ଥିବା ବେଳେ, ବିଧାୟକ ମୋହନା ଦାଶରଥି ଗମାଙ୍ଗ ଓ ବିଧାୟକ ରୁପେଶ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାପାଳ ମଧୁମିତା, ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ୍ ଓ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ.ନାଗାରାଜୁଙ୍କ ସହ ଜିଲ୍ଲାର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା : ୫ ଜିଲ୍ଲାର ଗଲେ ୭୭୫

ବ୍ରହ୍ମପୁର,(ନିପ୍ର ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ୫ଟି ଜିଲ୍ଲାର ୭୭୫ ତୀର୍ଥଯାତ୍ରୀ ଓ ୨୫ଜଣ ଏସକର୍ଟ ଉଜ୍ଜୟନୀ-ଓଁକାରେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । ଏହି ଦ୍ୱିତୀୟ ପର୍ଯ୍ୟାୟ ତୀର୍ଥଯାତ୍ରା ଉଦ୍ବାଟନୀ କାର୍ଯ୍ୟକ୍ରମରେ ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ତୀର୍ଥ ଟ୍ରେନର ଉଦ୍‌ଘାଟନ କରିଥିଲେ । ସମସ୍ତ ତୀର୍ଥଯାତ୍ରୀ ଆଧାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ କରିବେ । ବ୍ରହ୍ମପୁର ରେଳ ଷ୍ଟେସନରୁ ଏହାର ଶୁଭାରମ୍ଭ କରାଯାଇଥିଲା । ଗଞ୍ଜାମ,ଗଜପତି, ବୌଦ୍ଧ,ନୟାଗଡ଼ ଓ କନ୍ଧମାଳର ତୀର୍ଥଯାତ୍ରୀ ଯାତ୍ରା କରିଛନ୍ତି । ଗଜପତି ଜିଲ୍ଲାରୁ ୭୨ ,ନୟାଗଡ଼ରୁ ୧୧୯, କନ୍ଧମାଳରୁ ୯୧ , ବୌଦ୍ଧ ରୁ ୫୫ ଓ ଗଞ୍ଜାମରୁ ୪୩୮ ଜଣ ତୀର୍ଥଯାତ୍ରୀ ସାମିଲ ହୋଇଛନ୍ତି ।



ବ୍ରହ୍ମପୁରରେ ରବିବାର ରାତ୍ରିରେ ରେଳ ଷ୍ଟେସନ ନିକଟସ୍ଥ ଗୁରୁକୁଳ ସ୍କୁଲରେ ସ୍ୱାଗତ କରି ସେମାନଙ୍କର ରହଣି, ସ୍ୱାସ୍ଥ୍ୟ ପରୀକ୍ଷା, ଖାଦ୍ୟପେୟ, ଭୋଜନ ସନ୍ଧ୍ୟା ଇତ୍ୟାଦି ସମସ୍ତ ସୁବିଧାର ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ତରଫରୁ କରାଯାଇଥିଲା । ଉଦ୍ବାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ,ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ,ମନ୍ତ୍ରୀ ବିଭୁତି ଭୂଷଣ ଜେନା,ବାଣିଜ୍ୟ,ପରିବହନ,ଇସ୍ପାତ ଓ ଖଣିଜ ବିଭାଗ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ବିଧାୟକ କବିସୂର୍ଯ୍ୟ ନଗର ପ୍ରତାପ ଚନ୍ଦ୍ର ନାୟକ, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ବବିତା ପାତ୍ର, ଗଞ୍ଜାମ ଜିଲ୍ଲାପାଳ ୱି କୀର୍ତ୍ତି ୱାସନ୍ , ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡ଼ ସର୍ବଣ ବିବେକ ଏମ୍,ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ମଞ୍ଚାସୀନ ଥିଲେ ।

## ସାଇକେଲରେ ହରିୟାଣାରୁ ଶ୍ରୀକ୍ଷେତ୍ର ଯାତ୍ରା



ନିରାକାରପୁର,(ନିପ୍ର): ଗତବର୍ଷ ସେପ୍ଟେମ୍ବର ମାସ ୧ ତାରିଖଠାରୁ ହରିୟାଣାର ରାହୁଳ ନାମକ ଜଣେ ୨୭ବର୍ଷ ବୟସ୍କ ଯୁବକ ନିଜର ସାଇକେଲରେ ନିତ୍ୟ ବ୍ୟବହାର ଜିନିଷ ରଖି ଶ୍ରୀକ୍ଷେତ୍ର ଅଭିମୂଖେ ଯାତ୍ରା କରି ୧୭ ତାରିଖ ଦିନ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ପରେ ସେ ପୁରୀରୁ ବାହାରି ୧୮ତାରିଖ ଦିନ ସକାଳୁ ନିରାକାରପୁର- ରାମେଶ୍ୱର ଦେଇ ଆନ୍ଧ୍ର ପ୍ରଦେଶ ଆଡକୁ ଯାତ୍ରା କରିଛନ୍ତି । ସେଠାରେ ରାମେଶ୍ୱରମଙ୍କୁ ଦର୍ଶନ ସାରି ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ପ୍ରକାଶ କରି ଥିବାବେଳେ ପ୍ରତିଦିନ ସେ ୧୦୦କି.ମି.ଦୂର ସାଇକେଲରେ ଯାତ୍ରା କରୁଛନ୍ତି । ବାଟରେ ଥିବା ବିଭିନ୍ନ ହୋଟେଲରେ ଖାଦ୍ୟ ଓ ପାନୀୟ ଗ୍ରହଣ କରିବା ସହ ରାତ୍ରଯାପନ କରୁଥିବା ସେ ଜଣାଇଛନ୍ତି ।

## ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ଖଣ୍ଡପଡ଼ା (ନିପ୍ର): ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା ବିଶ୍ୱରଞ୍ଜନ ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ । ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ସାସଂଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ନୟାଗଡ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ବସନ୍ତ କୁମାର ବେହେରା,ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରକାଶ କୁମାର ତ୍ରିପାଠୀ,ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ନୟାଗଡ କୃଷି ବିଜ୍ଞାନ କେନ୍ଦ୍ର ଅଧିକାରୀ ଅନିଲ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ

ତିଥି : (ଚତୁର୍ଦ୍ଦଶୀ) : (ସ୍ୱାତୀ ତୁଳା)
ଅମୃତବେଳା: ଦିବା ଘ.୬।୪୯ ମଧ୍ୟେ ୭।୩୭ ଗତେ

## ଆଜିର ଅନୁଚିନ୍ତନ

ମନର ପ୍ରସନ୍ନତା, ସୌମ୍ୟଭାବ, ମନନଶୀଳତା, ମନୋନିଗ୍ରହ ଭାବର ସମ୍ୟକ ଶୁଦ୍ଧି- ଏହାକୁ ମାନସିକ ତପ କୁହାଯାଏ।

- ଶ୍ରୀମଦ୍ ଭଗବଦ୍ ଗୀତା

# ରାଜନୈତିକ ଷଡ଼ଯନ୍ତ୍ର !

ବାଂଲାଦେଶର ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବ୍ୟୁନାଲ(ଆଇସିଟି) ୨୦୨୪ରେ ବାଂଲାଦେଶରେ ସଂଘଟିତ ସଂରକ୍ଷଣ ବିରୋଧୀ ଆନ୍ଦୋଳନକୁ ଦମନ କରିବାବେଳେ ଅନ୍ୟ କେତେକଙ୍କ ସମେତ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ମାନବତା ଉଲ୍ଲଙ୍ଘନ କରିଥିଲେ ବୋଲି ଅଭିଯୋଗ ଆଣି ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ମୃତ୍ୟୁଦଣ୍ଡାଦେଶ ଶୁଣାଇଛନ୍ତି। ତାଙ୍କ ବିରୋଧରେ ଅଭିଯୋଗ ଯେ ଆଲୋଚ୍ୟ ସଂରକ୍ଷଣ ବିରୋଧୀ ଆନ୍ଦୋଳନବେଳେ ବିରୋଧୀକାରୀଙ୍କ ଉପରେ ନାନା ଉପାୟରେ ଆକ୍ରମଣ କରି ପ୍ରାୟ ୧୪ଶହ ଲୋକଙ୍କ ମୃତ୍ୟୁର କାରଣ ସେ ହୋଇଥିଲେ। ଆଇସିଟିର ରାୟ ପରେ ପରେ ହିଁ ବାଂଲାଦେଶ ବିଦେଶ ମନ୍ତ୍ରଣାଳୟ ହସିନାଙ୍କୁ ପ୍ରତ୍ୟାର୍ପଣ କରାଯାଉ ବୋଲି ଭାରତକୁ ଅପିଲ ଜାରି ପୂର୍ବକ ବିବୃତି ଜାରି କରିଛି। ନୋବେଲ ବିଜେତା ମହମ୍ମଦ ୟୁନୁସଙ୍କ କାମଚଳା ସରକାର ଏବେ ଚାଲିଛି ବାଂଲାଦେଶରେ। ଯେତେଦୂର ସମ୍ଭବ ଆଗାମୀ ବର୍ଷ ଫେବୃଆରୀ ବେଳକୁ ଉକ୍ତ ଦେଶରେ ସାଧାରଣ ନିର୍ବାଚନ ହୋଇପାରେ। ତାହା ପୂର୍ବରୁ ହସିନାଙ୍କ ବିରୋଧରେ ଏପରି ସଜା ନେଇ କିଛି ପ୍ରଶ୍ନ ଉଠିଛି। ସବୁଠୁ ପ୍ରମୁଖ ପ୍ରଶ୍ନ ଯାହାଙ୍କ ବିରୋଧରେ ସଜା ଶୁଣାଯାଉଛି ତାଙ୍କର ସେଠାରେ ଥିଲା ଅନୁପସ୍ଥିତି। ଅର୍ଥାତ୍ ହସିନାଙ୍କ ଅନୁପସ୍ଥିତିରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଶୁଣାଇଥିଲେ ଆଇସିଟି।

ଦୁଇ ଦେଶ ମଧ୍ୟରେ ପ୍ରତ୍ୟର୍ପଣ ଚୁକ୍ତି-୨୦୧୩ର ଅନୁଚ୍ଛେଦ ୮ ଅନୁସାରେ ଯଦି ଅଭିଯୁକ୍ତଙ୍କୁ ନିରପେକ୍ଷ ଶୁଣାଣିର ସୁଯୋଗରୁ ବଞ୍ଚିତ କରାଯାଏ ବା ଅଭିଯୁକ୍ତଙ୍କ ଜୀବନ ପ୍ରତି ବିପଦ ଥାଏ ତେବେ ଅଭିଯୁକ୍ତଙ୍କୁ ଆଶ୍ରୟ ଦେଇଥିବା ସରକାର ପ୍ରତ୍ୟର୍ପଣକୁ ପ୍ରତ୍ୟାଖାନ କରିପାରିବେ। ପଦଚ୍ୟୁତ ହେବାବେଳେ ଅବା ପରେ ହସିନା ଯଦି ନିଜ ଦେଶରେ ଥାଆନ୍ତେ ତେବେ ସେ ସୁରକ୍ଷିତ ନ ଥାନ୍ତେ, ଏହା ନିଶ୍ଚିତ । କାରଣ ବାଂଲାଦେଶରେ ମୌଳବାଦୀ ଗୋଷ୍ଠୀଙ୍କ ରାଜତ୍ୱ ଅଧିକ। ଉଲ୍ଲେଖ କରାଯାଇପାରେ ଯେ ପ୍ରାୟ ଦେଢ ବର୍ଷ ପାଖାପାଖି ହସିନା ଭାରତର ରାଜନୈତିକ ଶରଣ ନେଇଛନ୍ତି। ଯଦି ତାଙ୍କୁ ଆଲୋଚ୍ୟ ଶୁଣାଣି ବେଳେ ପକ୍ଷ ରଖିବାକୁ ଦିଆଯାଇଥାନ୍ତା ତେବେ ସେ ନିଜ ମନୋନୀତ ଓକିଲଙ୍କୁ ଅଦାଲତରେ ଉପସ୍ଥାପିତ କରିପାରିଥାନ୍ତେ। ମାତ୍ର ତାହା କରାଯାଇନାହିଁ। ଯେବେଠୁଁ ୟୁନୁସଙ୍କ କାମଚଳା ସରକାର ଚାଲିଛି ସେବେଠାରୁ ମୌଳବାଦୀ ଗୋଷ୍ଠୀ ସମେତ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ହସିନାଙ୍କ ରାଜନୈତିକ ଦଳ ଆୱାମୀ ଲିଗ୍ ବିରୋଧରେ ସର୍ବଦା କଠୋର ଆଭିମୁଖ୍ୟ ଆପଣାଇଆସିଛନ୍ତି। ଦେଶରେ ସାମ୍ପ୍ରଦାୟିକ ହିଂସା ହେଉ ଅବା ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଆଉ ନୂଆ ହୋଇ ରହିନାହିଁ। ହିନ୍ଦୁ ଦେବଦେବୀଙ୍କ ମନ୍ଦିର ଉପରେ ନ୍ୟସ୍ତସ୍ୱାର୍ଥଙ୍କ ଉପରେ ଆକ୍ରମଣ ଓ ମୂର୍ତ୍ତି ବିକୃତିକରଣ ଅବା ଭାଙ୍ଗି ଦିଆଯିବା ଘଟଣା ପୂର୍ବରୁ ଘଟିଛି। ଏନେଇ ଭାରତ ପକ୍ଷରୁ ବିଭିନ୍ନ ସମୟରେ ଉଦ୍‌ବେଗ ପ୍ରକାଶ କରାଯାଇଛି। କିନ୍ତୁ କୌଣସି ଫରକ ଏଯାବତ୍ ପଡ଼ିପାରିନାହିଁ। ତାହାଛଡ଼ା ୟୁନୁସ ଓ ଛାତ୍ର ସଂଗଠନଗୁଡ଼ିକ ମଧ୍ୟରେ ମତପାର୍ଥକ୍ୟ ଢେର୍ ଦିନ ହେବ ବଢୁଥିବା ଲକ୍ଷ୍ୟଣୀୟ। ଏଭଳି ବିଶୃଙ୍ଖଳିତ ପରିବେଶରେ ହସିନାଙ୍କ ପ୍ରତି ହୋଇଥିବା ସଜା ସ୍ୱଚ୍ଛ କି ରାଜନୈତିକ ଷଡଯନ୍ତ୍ରର ଫଳଶ୍ରୁତି ଏହା ଯେକେହି ଅନୁମାନ କରିପାରିବେ। ସୁତରାଂ ନିଜ ଜୀବନ ପ୍ରତି ବିପଦ ଦର୍ଶାଇ ଯଦି ଅନ୍ୟ କୌଣସି ରାଷ୍ଟ୍ରକୁ ସୁରକ୍ଷା ପାଇଁ ହସିନା ଗୁହାରି କରି ପଳାଇବେ ତେବେ ଭାରତ - ବାଂଲାଦେଶ ମଧ୍ୟରେ ତିକ୍ତତା ବଢିବ ନାହିଁ। କିନ୍ତୁ ଯାହା ଅନୁମାନ କରାଯାଏ ହସିନାଙ୍କ ପାଇଁ ଭାରତ ହିଁ ନିରାପଦ। ନିରପେକ୍ଷ ଶୁଣାଣି ହୋଇନ ଥିବା ଦର୍ଶାଇ ହସିନା ଇଣ୍ଟରନ୍ୟାସନାଲ କ୍ରିମନାଲ କୋର୍ଟ (ଆଇସିସି)ରେ ଆବେଦନ କରିପାରିବେ। ଯେପର୍ଯ୍ୟନ୍ତ ତାଙ୍କୁ ପକ୍ଷ ରଖିବାକୁ ଦିଆଯାଇନାହିଁ, ସେପର୍ଯ୍ୟନ୍ତ ହସିନାଙ୍କୁ ଦିଆଯାଇଥିବା ସଜା ସ୍ୱଚ୍ଛ ବିଚାର ଅପେକ୍ଷା ରାଜନୈତିକ ଷଡଯନ୍ତ୍ରର ଅନ୍ତିମ ପରିଣତି ବୋଲି ବୁଝିବାକୁ ହେବ।

# ଜଳବାୟୁ-ସହନଶୀଳ କିସମ ବିହନର ବିକାଶ : ସମୟର ଆବଶ୍ୟକତା

ନିକଟରେ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନ ମୁମ୍ବାଇରେ ଏସୀୟ ବିହନ କଂଗ୍ରେସ - ୨୦୨୫କୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଷୟବସ୍ତୁ ହେଉଛି 'ଗୁଣାତ୍ମକ ବିହନ ମାଧ୍ୟମରେ ସମୃଦ୍ଧିର ବୀଜ ବୁଣିବା' । ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା, ଲୋକଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ଏବଂ କୃଷକମାନଙ୍କ ପାଇଁ କୃଷି ଏକ ଲାଭଜନକ ବ୍ୟବସାୟ ହୋଇ ରହିବା ସୁନିଶ୍ଚିତ କରିବା। ସରକାର ହେକ୍ଟର ପିଛା ଉତ୍ପାଦକତା ବୃଦ୍ଧି, କୃଷକମାନଙ୍କୁ ଭଲ ବିହନ ଯୋଗାଇବା ଏବଂ ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବା ଉପରେ ଧ୍ୟାନ ଦେଇଛନ୍ତି। କୃଷକମାନଙ୍କ ଉତ୍ପାଦ ପାଇଁ ଉଚିତ ମୂଲ୍ୟ ସୁନିଶ୍ଚିତ କରିବା, ଆବଶ୍ୟକ ସମୟରେ ସେମାନଙ୍କୁ କ୍ଷତିପୂରଣ ଦେବା ଏବଂ କୃଷି ପଦ୍ଧତିର ବିବିଧତା ଉପରେ ଧ୍ୟାନ ଦେବା ଉପରେ ସରକାର ଅଧିକ ପ୍ରାଥମିକତା ଦେଇଛନ୍ତି।

ଭାରତୀୟ କୃଷି ଗବେଷଣା ପରିଷଦ ଏବଂ ବିଭିନ୍ନ ରାଜ୍ୟ ଅନୁଷ୍ଠାନ ଜୈବ-ପୁଷ୍ଟିକର ଫସଲ କିସମ ତଥା ଜଳବାୟୁ ପରିବର୍ତ୍ତନ ପ୍ରତି ସହନଶୀଳ କିସମ ବିକଶିତ କରିବା ଲାଗି ପ୍ରୟାସ କରୁଛନ୍ତି, ଯାହାଦ୍ୱାରା କୁପୋଷଣର ଗମ୍ଭୀର ସମସ୍ୟାକୁ ଦୂର କରାଯାଇପାରିବ। ଉଚ୍ଚମାନର ବିହନ ବିକଶିତ କରିବା ଲାଗି ରାଷ୍ଟ୍ରାୟତ୍ତ କ୍ଷେତ୍ରର ସଂସ୍ଥାନଗୁଡ଼ିକ ସହିତ ଘରୋଇ କ୍ଷେତ୍ରର ଯୋଗଦାନ ମଧ୍ୟ




ଆବଶ୍ୟକ। ଭାରତୀୟ କୃଷି କ୍ଷେତ୍ର ପାଇଁ ଘରୋଇ କ୍ଷେତ୍ରରୁ ଆସୁଥିବା ବିହନ ବ୍ୟୟବହୁଳ ଏବଂ ଆମର ଅଧିକାଂଶ କୃଷକ ଦୁର୍ବଳ ବର୍ଗର ହୋଇଥିବାରୁ ସେମାନେ ଏହି ବିହନ କିଣିପାରିବେ ନାହିଁ। ତେଣୁ, ସେ ଘରୋଇ କ୍ଷେତ୍ର ବିହନ ମୂଲ୍ୟକୁ ଅଧିକ ସୁଲଭ କରିବାକୁ ଏଥିରେ ଦିଆଯାଇଥିଲା ପରାମର୍ଶ।ପ୍ରତିବର୍ଷ ବଦଳାଇବାର ଆବଶ୍ୟକତା ନ ଥିବା ବିହନ ଯଦି କୃଷକମାନଙ୍କୁ ଉପଲବ୍ଧ କରାଯାଏ, ତେବେ ଆମ କୃଷକ ସମ୍ପ୍ରଦାୟର ଏକ ପ୍ରମୁଖ ଚିନ୍ତା ଦୂର ହେବ। କମ୍ କିମ୍ବା ଅତି କମ୍ ଅଙ୍କୁରୋଦମ କ୍ଷମତା ଥିବା ନିମ୍ନମାନର ବିହନ ସମସ୍ୟାର ସମାଧାନ କରିବା ଗୁରୁତ୍ୱପୂର୍ଣ୍ଣ।

କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିବା ସାଥୀ ପୋର୍ଟାଲରେ ଲଗ୍ ଇନ୍ କରିବାକୁ ଏବଂ ଏହି ପୋର୍ଟାଲରେ ଉପଲବ୍ଧ ସୁବିଧାଗୁଡ଼ିକର ଉପଯୋଗ କରିବାକୁ ଶିବରାଜ ସିଂ ଚୌହାନ କୃଷି କ୍ଷେତ୍ରର ପ୍ରତ୍ୟେକ ଅଂଶୀଦାରଙ୍କୁ ନିବେଦନ କରିଛନ୍ତି। ଜଳବାୟୁ-ସହନଶୀଳ କିସମର ବିକାଶ ହେଉଛି ସମୟର ଆବଶ୍ୟକତା। ଆମ ଦେଶରେ ୧୫ଟି କୃଷି-ଜଳବାୟୁ କ୍ଷେତ୍ର ରହିଛି, ଏବଂ ସେଥିପାଇଁ, ଆମକୁ ଏପରି କିସମର ବିକାଶ କରିବାର ଆବଶ୍ୟକତା ରହିଛି ଯାହା ମରୁଡ଼ି, ଉତ୍ତାପ ଏବଂ କୀଟନାଶକକୁ ପ୍ରତିରୋଧ କରିପାରିବ। ଜିନୋମ ଏଡିଟିଙ୍ଗର ଉନ୍ନତ କୌଶଳ ବ୍ୟବହାର କରି ଦୁଇ ପ୍ରକାରର ଧାନ ବିକଶିତ କରାଯାଇଛି, ଯାହା କମ୍ ଜଳ ବ୍ୟବହାର ସହିତ ଉତ୍ପାଦକତା ୧୯ ରୁ ୪୦ ପ୍ରତିଶତ ବୃଦ୍ଧି କରିବ ଏବଂ ଅଙ୍ଗାରକାମ୍ଳ ନିର୍ଗମନ ମଧ୍ୟ ହ୍ରାସ କରିବ। ବିହନ ଉତ୍ପାଦନକାରୀଙ୍କ ସହ କଥାବାର୍ତ୍ତା ବେଳେ ସେ ମୋଟା ଶସ୍ୟ କ୍ଷେତ୍ରରେ ଅଧିକ ଗବେଷଣା ଏବଂ ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଛି। **(ପିଆଇବି)**

# ନିଶା କବଳରେ ଆଜିର ଯୁବପିଢ଼ି

**ପ୍ରତାପ ପୃଷ୍ଟି**

**"ନିଶାର ପ୍ରଭାବ ଶାରୀରିକ ଦିଗରେ: ସ୍ମୃତିଶକ୍ତି ହ୍ରାସ, ରୋଗ ପ୍ରତିରୋଧକ ଶକ୍ତି କମିବା, ଦେହ ଦୁର୍ବଳ, ଦୃଷ୍ଟି ଶକ୍ତି କମ୍, ଆତ୍ମସଂଯମ ହରାଇବା ନିରାଶା, ଡିପ୍ରେସନ ଓ ଚିନ୍ତା ପରିବାର ସହ ଦୂରତା, ଶିକ୍ଷାରେ ଅନାଗ୍ରହ ସାମାଜିକ ଦିଗରେ: ଅପରାଧ ବୃଦ୍ଧି, ଚୋରି, ହିଂସା ଅନେକ କିଛି ନିଶାର କାରଣ ପାଲଟିଥାଏ। ଯୁବପିଢ଼ି ଆଜି ଏହି ଅସ୍ଥିରତାର ଜାଲରେ ବନ୍ଦୀ। ନିଶା ଏକ ମୃଦୁ ମୃତ୍ୟୁ, ଯାହା ଦେହକୁ ଧୀରେ ଧୀରେ ଖାଇଦେଉଛି। ନିଶାର ନୂତନ ଦିଗ ଡିଜିଟାଲ ଆସକ୍ତି, ଏବେ ମଦ ବା ମାଦକ ନୁହେଁ, ମୋବାଇଲ ଓ ଇଣ୍ଟରନେଟ ହେଉଛି ନିଶାର ନୂତନ ରୂପ। ସୋସିଆଲ ମିଡିଆରେ ଘଣ୍ଟା ଘଣ୍ଟା ରିଲ୍ ଦେଖିବା, ଅନଲାଇନ ଗେମରେ ନିଜକୁ ହରାଇଦେବା, ଏବଂ ଭର୍ଚୁଆଲ ଜଗତରେ ବସି ଅସଲି ଜୀବନକୁ ଭୁଲିଯିବା। ଏହି ସବୁ ହେଉଛି ନୂତନ ନିଶା। ଏହା ଦେହକୁ ନୁହେଁ, ମନ ଓ ସମୟକୁ ଖାଇଦେଉଛି। ସନ୍ତାନ ଅଛନ୍ତି ଘରେ, କିନ୍ତୁ ମା' ବାପାଙ୍କ ସହ କଥା ହୁଅନ୍ତି ନାହିଁ। ମନୁଷ୍ୟ ଜୀବନ ଆଜି ଡିଜିଟାଲ ପରିଛାୟାରେ ବନ୍ଦୀ। ନିଶା ବିରୋଧୀ ସଂଘର୍ଷ : ଆଶାର ଅଲୋକ କିନ୍ତୁ ଅନ୍ଧକାର ଯେତେ ଗାଢ଼, ଆଲୋକ ସେତେ ଉଜ୍ଜ୍ୱଳ। ଯେପରି ରାତି ପରେ ସକାଳ ନିଶ୍ଚିତ, ସେପରି ନିଶାର ଅନ୍ଧକାର ପରେ ଜୀବନର ଆଲୋକ ଅନିଶ୍ଚିତ। ସମାଜ, ପରିବାର ଓ ଯୁବାମାନେ ମିଶିଲେ ଏହି ଅନ୍ଧକାରକୁ ହଟାଇପାରିବେ।**

ନିଶାକୁ ନା, ଜୀବନକୁ ହଁ' ଏହି ହେଉ ଆମ ସମାଜର ନୂତନ ଶପଥ। ଜୀବନ ହେଉଛି ଈଶ୍ୱରଙ୍କ ଦିଆ ଅମୂଲ୍ୟ ଉପହାର। ଏହାକୁ ସୁନ୍ଦର, ସୁସଂଗଠିତ ଓ ସାର୍ଥକ କରିବା ହେଉଛି ଆମ କର୍ତ୍ତବ୍ୟ। କିନ୍ତୁ ଆଜିର ଯୁଗରେ ଯେଉଁଠାରେ ପ୍ରଗତିର ଆଲୋକ ଚାରିଦିଗରେ ଫୁଟିଉଠିଛି, ସେଠି ଆଉ ଏକ ଅନ୍ଧକାର ଅଛି, ତାହା ହେଉଛି ନିଶାର ଅନ୍ଧକାର।

ନିଶା ଏମିତି ଏକ ଶକ୍ତି, ଯାହା ଜୀବନର ଆଲୋକକୁ ଧୀରେ ଧୀରେ ଲିଭାଇ ଦେଉଛି। ଯୁବପିଢ଼ି ଯେଉଁଠାରେ ଦେଶର ଆଶା, ସେହିଠାରେ ନିଶା ତାଙ୍କ ଶକ୍ତିକୁ ଶିକୁଳି ଦେଇ, ଜୀବନକୁ ଅନର୍ଥରେ ପକାଇଦେଉଛି।



ଯୁବାମାନେ ହେଉଛନ୍ତି ଜାତିର ନିର୍ମାତା। ତାଙ୍କ ଶକ୍ତି, ସାହସ ଓ ସ୍ୱପ୍ନ ହେଉଛି ଦେଶର ଭବିଷ୍ୟତ। ଯେପରି ଅଗ୍ନି ଜଳିଲେ ଆଲୋକ ଦେଇପାରେ। କିନ୍ତୁ ଅସାବଧାନତାରେ ଘର ଜଳାଇଦିଏ, ଠିକ୍ ସେହିପରି ଯୁବ ଶକ୍ତି ଯଦି ଭୁଲ ଦିଗରେ ଯାଏ ସେହି ଶକ୍ତି ଧ୍ୱଂସର ରୂପ ନେଇପାରେ। ନିଶା ଏହି ଭୁଲ ଦିଗର ପ୍ରତୀକ। ମଦ, ଗଂଜେଇ, ବ୍ରାଉନ ସୁଗାର, ହେରୋଇନ ଠାରୁ ଆରମ୍ଭ କରି ଆଜିର ମୋବାଇଲ, ଗେମିଂ ଓ ସୋସିଆଲ ମିଡିଆ ଆସକ୍ତି ସବୁ ନିଶାର ନୂତନ ଚେହେରା। ବନ୍ଧୁମାନେ ନିଶା ସେବନ କଲେ ନିଜେ ନ କଲେ 'ପଛୁଆ' ଭାବି ଯୁବାମାନେ ସେଇ ରାସ୍ତାକୁ ଯାନ୍ତି। ମନୋବଳ ହରାଇବା: ନିଜକୁ ଏକା ଭାବିବା, ଭାବନାର ଅଭାବ ଏହି ସବୁ ଯୁବାମାନଙ୍କୁ ନିଶାରେ ଠେଲି ଦେଉଛି। ବେରୋଜଗାରି ଓ ନିରାଶା: ଜୀବନର ଲକ୍ଷ୍ୟ ଅସ୍ପଷ୍ଟ ହେଲେ ଯୁବମାନେ ନିଶାରେ ଆଶ୍ରୟ ନେଉଛନ୍ତି। ସୋସିଆଲ ମିଡିଆ ଓ ମନୋରଞ୍ଜନ ଜଗତର ପ୍ରଭାବ: ଫିଲ୍ମ, ସିରିଏଲରେ ଓ ବିଜ୍ଞାପନ ନିଶାକୁ "ଷ୍ଟାଇଲ" ଭାବେ ଦେଖାଇ ଭୁଲ ସନ୍ଦେଶ ଦିଆଯାଉଛି। ନିଶାର ଆକର୍ଷଣ: ଏକ ମିଥ୍ୟା ସ୍ୱପ୍ନ ନିଶାର ଆରମ୍ଭ ସରଳ ଜିଜ୍ଞାସାରୁ ହୁଏ। ଯୁବାମାନେ ଭାବନ୍ତି ଗୋଟେ ଥର ନିଶା ନେଲେ କ'ଣ ହେବ? କିନ୍ତୁ ଏହି ଗୋଟେ ଥର ଭୁଲ ହିଁ ଜୀବନର ସବୁଠାରୁ ବଡ଼ ଫାଶ ହୁଏ। ପ୍ରଥମେ ଯେପରି ହସ ଆଣିଥାଏ, ପରେ ସେଇ ହସ ଅଶ୍ରୁରେ ପରିଣତ ହୁଏ। ନିଶା ମନକୁ ଧୀରେ ଧୀରେ ଦେହ ଠାରୁ ବିଚ୍ଛିନ୍ନ କରେ, ସ୍ୱପ୍ନକୁ ନଷ୍ଟ କରେ ଓ ଜୀବନକୁ ଅନ୍ଧକାରରେ ବନ୍ଦୀ କରିଦେଉଛି। ଏକ ଯୁବ ନିଶାଗ୍ରସ୍ତ ହେଲେ ସେ କେବଳ ନିଜେ ନୁହେଁ, ତାର ପରିବାର, ସମାଜ ଓ ଜାତି ସମଗ୍ର ଅନୁଭବ କରେ ଏହି ଯନ୍ତ୍ରଣା। ମା' ବାପାଙ୍କ ଅଶ୍ରୁ, ଭାଇ ଭଉଣୀଙ୍କ ଅପେକ୍ଷା, ସମାଜର ନିନ୍ଦା ସବୁ ଏକ ନିଶାଗ୍ରସ୍ତ ଯୁବକଙ୍କ ଚାରିପାଖରେ ଘୂରୁଥାଏ। ଯେଉଁଠାରେ ଗୋଟିଏ ସନ୍ତାନ ନିଶାରେ ରୁହେ, ସେଠି ଗୋଟିଏ ପରିବାର ଭିତରୁ ଭାଙ୍ଗିଯାଏ। ଏହି ଯନ୍ତ୍ରଣା ଅନେକ ଘରର ନିରବ କାନ୍ଦଣୀ। ନିଶା ମନୁଷ୍ୟକୁ ତା ଇଚ୍ଛାରେ ନୁହେଁ, ଦେହର ଆଦେଶରେ ଚାଳିତ କରେ। ସେହି ମନୁଷ୍ୟ ତାହାର ନିଜ ଇଚ୍ଛାକୁ ହାରାଇଦେଇ ଏକ ଅସୁସ୍ଥତା ରୂପେ ଜୀବନ ଯାପନ କରେ। ଦେହ ଦୁର୍ବଳ, ମନ ଅସ୍ଥିର, ଚିନ୍ତା ଓ ଭୟ ଆତ୍ମାକୁ ଆବରଣ କରିଦିଏ।

ନିଶାର ପ୍ରଭାବ ଶାରୀରିକ ଦିଗରେ: ସ୍ମୃତିଶକ୍ତି ହ୍ରାସ, ରୋଗ ପ୍ରତିରୋଧକ ଶକ୍ତି କମିବା, ଦେହ ଦୁର୍ବଳ, ଦୃଷ୍ଟି ଶକ୍ତି କମ୍, ଆତ୍ମସଂଯମ ହରାଇବା ନିରାଶା, ଡିପ୍ରେସନ ଓ ଚିନ୍ତା ପରିବାର ସହ ଦୂରତା, ଶିକ୍ଷାରେ ଅନାଗ୍ରହ ସାମାଜିକ ଦିଗରେ: ଅପରାଧ ବୃଦ୍ଧି, ଚୋରି, ହିଂସା ଅନେକ କିଛି ନିଶାର କାରଣ ପାଲଟିଥାଏ। ଯୁବପିଢ଼ି ଆଜି ଏହି ଅସ୍ଥିରତାର ଜାଲରେ ବନ୍ଦୀ। ନିଶା ଏକ ମୃଦୁ ମୃତ୍ୟୁ, ଯାହା ଦେହକୁ ଧୀରେ ଧୀରେ ଖାଇଦେଉଛି। ନିଶାର ନୂତନ ଦିଗ ଡିଜିଟାଲ ଆସକ୍ତି, ଏବେ ମଦ ବା ମାଦକ ନୁହେଁ, ମୋବାଇଲ ଓ ଇଣ୍ଟରନେଟ ହେଉଛି ନିଶାର ନୂତନ ରୂପ। ସୋସିଆଲ ମିଡିଆରେ ଘଣ୍ଟା ଘଣ୍ଟା ରିଲ ଦେଖିବା, ଅନଲାଇନ ଗେମ୍‌ରେ ନିଜକୁ ହରାଇଦେବା, ଏବଂ ଭର୍ଚୁଆଲ ଜଗତରେ ବସି ଅସଲି ଜୀବନକୁ ଭୁଲିଯିବା। ଏହି ସବୁ ହେଉଛି ନୂତନ ନିଶା। ଏହା ଦେହକୁ ନୁହେଁ, ମନ ଓ ସମୟକୁ ଖାଇଦେଉଛି। ସନ୍ତାନ ଅଛନ୍ତି ଘରେ, କିନ୍ତୁ ମା' ବାପାଙ୍କ ସହ କଥା ହୁଅନ୍ତି ନାହିଁ। ମନୁଷ୍ୟ ଜୀବନ ଆଜି ଡିଜିଟାଲ ପରିଛାୟାରେ ବନ୍ଦୀ। ନିଶା ବିରୋଧୀ ସଂଘର୍ଷ : ଆଶାର ଅଲୋକ କିନ୍ତୁ ଅନ୍ଧକାର ଯେତେ ଗାଢ଼, ଆଲୋକ ସେତେ ଉଜ୍ଜ୍ୱଳ। ଯେପରି ରାତି ପରେ ସକାଳ ନିଶ୍ଚିତ, ସେପରି ନିଶାର ଅନ୍ଧକାର ପରେ ଜୀବନର ଆଲୋକ ଅନିଶ୍ଚିତ। ସମାଜ, ପରିବାର ଓ ଯୁବାମାନେ ମିଶିଲେ ଏହି ଅନ୍ଧକାରକୁ ହଟାଇପାରିବେ। ପରିବାରର ଭୂମିକା: ସନ୍ତାନଙ୍କ ସହ ସମୟ ବିତାଇବା, ଭଲପାଇବା ଓ ବିଶ୍ୱାସ ଦେବା। ସେମାନେ ଯେତେ ଚାହିଁଲେ ବି ନିଶା ତାଙ୍କୁ ଆକର୍ଷିତ କରିପାରିବ ନାହିଁ।

ଶିକ୍ଷାଳୟ ଓ କଲେଜ: ନିଶାବିରୋଧୀ ଅଭିଯାନ ଏବଂ ସୃଜନଶୀଳ କାର୍ଯ୍ୟ ଯୁବମନକୁ ଦୃଢ଼ କରିପାରେ। ସରକାର ଓ ସଂଗଠନ: ସଚେତନତା ଶିବିର ଓ ଆଇନ ଶକ୍ତିକୁ ଶକ୍ତିଶାଳୀ କରାଯାଉ। ମାଧ୍ୟମ ଓ ସାହିତ୍ୟ: ସମାଜରେ ନିଶାବିରୋଧୀ ସନ୍ଦେଶ ପହଞ୍ଚାଇବା ସେହି ହେଉ ଗଣମାଧ୍ୟମର ଦାୟିତ୍ୱ। କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟ ଯୁବ ଶକ୍ତିକୁ ସକାରାତ୍ମକ ଦିଗରେ ବ୍ୟୟ କରାଯାଉ। ସଙ୍ଗୀତ, ନାଟକ, କବିତା, ସେବା କାର୍ଯ୍ୟ ଏହିସବୁ ମନକୁ ଶକ୍ତି ଓ ସାନ୍ତ୍ୱନା ଦେଇଥାଏ। ଜୀବନର ପ୍ରତି ଆହ୍ୱାନ, ଜୀବନ ହେଉଛି ଏକ ଯାତ୍ରା ଯେଉଁଠାରେ ଆଲୋକ ଓ ଅନ୍ଧକାର ଦୁଇଟି ଅଛି। ଆମେ ଯଦି ଆଲୋକକୁ ବାଛିବା, ତେବେ ଅନ୍ଧକାର ନିଜେ ହଟିଯିବ। ନିଶା ଆସେ ଏକ ନିମିଷରେ, କିନ୍ତୁ ଜୀବନ ଦେଉଛି ଅସୀମ ସମ୍ଭାବନା। ଆସନ୍ତୁ ଆମେ ସବୁ ଏକ ସ୍ୱରରେ କହିବା "ନିଶାକୁ ନା, ଜୀବନକୁ ହଁ"। ନିଶା ଯେଉଁଠାରେ ଅନ୍ଧକାର, ସେଠି ଜୀବନ ହେଉଛି ଆଲୋକ। ଯୁବପିଢ଼ି ଯଦି ଆଜି ସଜାଗ ହୁଏ, ତେବେ ଆସନ୍ତାକାଲି ଆଶାମୟ ହେବ। ସମାଜ ଓ ଯୁବାମାନେ ଯଦି ଆଜି ନିଶାକୁ ନା କହେ, ତେବେ ଦେଶ ଜୀବନକୁ ହଁ କହିବ। ନିଶାକୁ ନା, ଜୀବନକୁ ହଁ, ଏହି ହେଉ ଆମ ସମାଜର ନୂତନ ଶପଥ।

ଯାଜପୁର , ମୋ-୯୪୩୭୮୮୭୮୯୮

# ଭାରତବର୍ଷ ଓ ବିଶ୍ୱଗୁରୁ ହେବାର ତଥା-କଥା

**ଗୋପାଳ ମହାପାତ୍ର**

**"ଭାରତବର୍ଷ ସବୁବେଳେ ସବୁ ଯୁଗରେ ଶିକ୍ଷା ଦେଇ ଆସିଛି ଯେ ପ୍ରୟାସ ଏବଂ ଦୂରଦୃଷ୍ଟି ଯଦି ଠିକ୍ ତେବେ ସବୁକିଛି ସମ୍ଭବ ହୋଇପାରିବ। ପ୍ରାଚୀନ କାଳରେ ଜ୍ଞାନ ଏବଂ ସଂସ୍କୃତି ମାଧ୍ୟମରେ, ମଧ୍ୟକାଳରେ ସଂରକ୍ଷଣ ଏବଂ ଅନୁକୂଳନ ଦ୍ୱାରା, ଔପନିବେଶିକ କାଳରେ ପୁନରୁତ୍ଥାନ ଏବଂ ଦେଶ ସ୍ୱାଧୀନ ହେବାପରେ ବୈଷୟିକ ଜ୍ଞାନ କୌଶଳ, ଅର୍ଥବ୍ୟବସ୍ଥା ଏବଂ ସଂସ୍କୃତିର ସଂଯୋଜନ କାରଣରୁ ଭାରତବର୍ଷ ବିଶ୍ୱରେ ନୂତନ ପରିଚୟ ସୃଷ୍ଟି କରିପାରିଛି। ଭାରତବର୍ଷର ବିଶ୍ୱଗୁରୁ ହେବା କଥାକୁ କେବଳ ଶକ୍ତି ବା ସମ୍ପତ୍ତିରେ ମପାଯାଇ ପାରିବ ନାହିଁ ବରଂ ଜ୍ଞାନ, ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ନୈତିକତାର ସନ୍ତୁଳନରେ ମପାଯିବ। ଯଦି ଆମେ ଏସବୁ କଥାକୁ ନେଇ ଚାଲିବା ତେବେ ଭାରତବର୍ଷ ବିଶ୍ୱଗୁରୁ ହେବାର ଯେଉଁ ସ୍ୱପ୍ନ ଆମେ ଦେଖୁଛେ ତାହା ନିଶ୍ଚୟ ସାକାର ହେବ।**

ଭାରତ ବର୍ଷ ଏମିତି ଏକ ଦେଶ ଯାହାର ସଂସ୍କୃତି ଅନ୍ୟ କେଉଁ ଦେଶରେ ଦେଖିବାକୁ ମିଳେନାହିଁ। ଏହି ସଂସ୍କୃତି କାରଣରୁ ସାରା ବିଶ୍ୱ ଭାରତକୁ ଗୁରୁତ୍ୱ ଦେଇ ଆସିଥିଲେ। ବିଦେଶୀ ଆକ୍ରାନ୍ତାଙ୍କ ଆକ୍ରମଣ ଓ ଇଂରେଜଙ୍କ ଶାସନ କାରଣରୁ ଯଦିଓ କିଛି ବିଦେଶୀ ପ୍ରଭାବ ଭାରତବର୍ଷ ଉପରେ ପଡିଛି। କିନ୍ତୁ ଏବେ ବି ଭାରତବର୍ଷ ବିଶ୍ୱକୁ ସକ୍ଷମ ସାଂସ୍କୃତିକ ନେତୃତ୍ୱ ଦେବା ଅବସ୍ଥାରେ ଅଛି। ଭାରତବର୍ଷ ଏଭଳି ଏକ ଦେଶ ଯିଏ ଶହ ଶହ ବର୍ଷ ପୂର୍ବରୁ ଓ ଏବେବି ସାରା ବିଶ୍ୱକୁ ଜ୍ଞାନ, ସଂସ୍କୃତି, ବିଜ୍ଞାନ ଏବଂ ନୈତିକତାର ସନ୍ଦେଶ ଦେଇ ଆସୁଛି। ଅନେକ ସମୟରେ ଆମ ନେତାମାନେ ଭାରତବର୍ଷ ବିଶ୍ୱଗୁରୁ ହେବାକୁ ଯାଉଛି ବୋଲି କହୁଛନ୍ତି। କିନ୍ତୁ ପ୍ରକୃତ କଥା ହେଉଛି ଭାରତବର୍ଷ ଶହ ଶହ ବର୍ଷ ପୂର୍ବରୁ ମଧ୍ୟ ବିଶ୍ୱଗୁରୁ ଥିଲା। ବିଶ୍ୱଗୁରୁ ହେବାର ଅର୍ଥ କେବଳ ସାମରିକ ଶକ୍ତି ବା ଅର୍ଥ (ଡ଼ଲାର) ନୁହେଁ, ବରଂ ଜ୍ଞାନ, ସଂସ୍କୃତି ଏବଂ ନୈତିକ ନେତୃତ୍ୱରେ ଦୁନିଆ ପାଇଁ ଉଦାହରଣ ସୃଷ୍ଟି କରିବା। ଏସବୁ କଥା ଭାରତ ପ୍ରାଚୀନ କାଳରୁ ଅଦ୍ୟାବଧି ହାସଲ କରିବାର ଉଦ୍ୟମ କରିଆସିଛି। ପ୍ରାଚୀନ ଭାରତରେ ଶିକ୍ଷା ଏବଂ ବିଜ୍ଞାନର ସ୍ତର ଅତି ଉପରେ ଥିଲା। ଏଠି ବେଦ ଏବଂ ଉପନିଷଦରେ ଥିବା ଜୀବନ, ବ୍ରହ୍ମାଣ୍ଡ ଏବଂ ମାନବ ଚେତନାର ରହସ୍ୟର ଅଧ୍ୟୟନ କରାଯାଏ। ଗାଣିତୀୟ ଜ୍ଞାନର ପ୍ରାରମ୍ଭ ଏହି ଠାରୁ ହୋଇଥିଲା। ଆର୍ଯ୍ୟଭଟ୍ଟ ଏବଂ ବରାହମିହିରଙ୍କର ଖଗୋଳ ବିଜ୍ଞାନ ଏବଂ ଗଣିତ କ୍ଷେତ୍ରରେ ଅଦ୍ୱିତୀୟ ଯୋଗଦାନ ଥିଲା। ସୁଶ୍ରୁତ ଏବଂ ଚରକ ଆୟୁର୍ବେଦ ଏବଂ ଶଲ୍ୟ ଚିକିତ୍ସାରେ ଏଭଳି ଉଦ୍‌ଭାବନ କରିଥିଲେ ଯାହା ଆଜିବି ବିଶ୍ୱରେ ମାନ୍ୟ ଅଟେ। ଯୋଗ ଏବଂ ଧ୍ୟାନ ହିଁ ମାନସିକ ଏବଂ ଶାରିରୀକ ସୁସ୍ଥତା ପାଇଁ ଅପରିହାର୍ଯ୍ୟ ବୋଲି ସ୍ୱାସ୍ଥ୍ୟ ବିଜ୍ଞାନ ପ୍ରସ୍ତୁତ କରାଯାଇଛି।

ଧର୍ମ ଏବଂ ଦର୍ଶନ କ୍ଷେତ୍ରରେ ଭାରତ ମଧ୍ୟ ବିଶ୍ୱକୁ ଦିଗ୍‌ଦର୍ଶନ ଦେଇଛି। ବୌଦ୍ଧ ଧର୍ମ ଏବଂ ଜୈନ ଧର୍ମ ସାରା ବିଶ୍ୱରେ ଅହିଁସା ଏବଂ ନୈତିକତାର ସନ୍ଦେଶର ବାର୍ତ୍ତା ପ୍ରଚାର କରିଛନ୍ତି। ରାମାୟଣ ଏବଂ ମହାଭାରତ ଭଳି ଗ୍ରନ୍ଥ ଜୀବନ, ନୈତିକତା ଏବଂ ଭୁଲ ଠିକ୍‌କୁ ଚିହ୍ନିବାର ଏବଂ ଏସବୁ ସହ ପରିଚିତ ହେବାର ମାର୍ଗ ଦେଖାଇଛନ୍ତି। ଭାରତୀୟ ସଙ୍ଗୀତ, ନୃତ୍ୟ, କଳା ଏବଂ ବାସ୍ତୁକଳା ସାରା ବିଶ୍ୱରେ ଭାରତବର୍ଷର ସାଂସ୍କୃତିକ ପରିଚୟ ସୃଷ୍ଟି କରାଇ ପାରିଛନ୍ତି। ପ୍ରାକ୍ କାଳରେ ଭାରତ କେବଳ ଶକ୍ତିର କେନ୍ଦ୍ର ନ ଥିଲା ବରଂ ଜ୍ଞାନ ଏବଂ ସଂସ୍କୃତିର ମାର୍ଗଦର୍ଶକ ଥିଲା। ମଧ୍ୟକାଳରେ ଯେତେବେଳେ ରାଜନୈତିକ ସ୍ଥିତି ଅସ୍ଥିର ଥିଲା ଏବଂ ଅନେକବାର ବିଦେଶୀଙ୍କ ଆକ୍ରମଣ ହୋଇଥିଲା ସେତେବେଳେ ମଧ୍ୟ ଭାରତବର୍ଷର ସଂସ୍କୃତି ଏବଂ ଶିକ୍ଷା ବଞ୍ଚି ରହିଥିଲା। ସଂସ୍କୃତ ସାହିତ୍ୟ, ଆୟୁର୍ବେଦ,



ଜ୍ୟୋତିଷ ଏବଂ ତନ୍ତ୍ରର ଅଧ୍ୟୟନ ଜାରି ରହିଥିଲା, ଖଗୋଳ ବିଜ୍ଞାନ ଏବଂ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ମଧ୍ୟ ପ୍ରଗତି ହୋଇଥିଲା। ସେ ସମୟରେ ଭାରତବର୍ଷ ତାର ଶକ୍ତି ପାଇଁ ନୁହେଁ ବରଂ ଜ୍ଞାନ ଏବଂ ସଂସ୍କୃତି ପାଇଁ ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା।

ବ୍ରିଟିଶ (ଇଂରେଜ) ଶାସନ କାଳରେ ଭାରତବର୍ଷର ରାଜନୈତିକ ସ୍ୱାଧୀନତା ଏବଂ ଆର୍ଥିକ ଶକ୍ତି ସୀମିତ ହୋଇଯାଇଥିଲା। କିନ୍ତୁ ଜ୍ଞାନ ଏବଂ ସଂସ୍କୃତିର ଗୁରୁତ୍ୱ କମିନଥିଲା। ରାଜା ରାମମୋହନ ରାୟ ଏବଂ ସ୍ୱାମୀ ବିବେକାନନ୍ଦ ଭାରତୀୟ ସଂସ୍କୃତିକୁ ସାରାବିଶ୍ୱରେ ପରିଚୟ କରାଇଥିଲେ। ମହାତ୍ମାଗାନ୍ଧୀ ସତ୍ୟ ଓ ଅହିଁସାର ମାର୍ଗରେ ସାରା ବିଶ୍ୱପାଇଁ ନେତୃତ୍ୱର ଏକ ନୂଆ ଉଦାହରଣ ସୃଷ୍ଟି କରିଥିଲେ। ଏହି ସମୟରେ ଜଗଦୀଶ ଚନ୍ଦ୍ର ବୋଷ ଏବଂ ସି ଭି ରମଣଙ୍କ ଭଳି ବୈଜ୍ଞାନିକମାନେ ଅନ୍ତର୍ଜାତୀୟ ସ୍ତରରେ ଭାରତବର୍ଷର ନାମକୁ ଚମକାଇଥିଲେ। ସ୍ୱାଧୀନତା ପରେ ଭାରତବର୍ଷ ଆଧୁନିକ ବିଜ୍ଞାନ, ବୈଷୟିକ ଜ୍ଞାନକୌଶଳ, ଅର୍ଥବ୍ୟବସ୍ଥା। ଏପରିକି ସଂସ୍କୃତି କ୍ଷେତ୍ରରେ ଅଧିକ ପ୍ରଗତି କରିପାରିଛି। ଆଇଟି ଏବଂ ଡ଼ିଜିଟାଲ ଇଣ୍ଡିଆ ଦେଶକୁ ବିଶ୍ୱସ୍ତରରେ ନୂଆ ପରିଚୟ ଦେଇଛି। ଚନ୍ଦ୍ରଯାନ ଏବଂ ମଙ୍ଗଳଯାନ ଅଭିଯାନ ସାରା ବିଶ୍ୱକୁ ସନ୍ଦେଶ ଦେଇଛି ଯେ ଭାରତ ମହାକାଶ ଅନୁସନ୍ଧାନରେ ମଧ୍ୟ ଅଗ୍ରଣୀ ଅଟେ। ଫାର୍ମସ୍ୟୁଟିକାଲସ ଏବଂ ବାୟୋଟିକ କ୍ଷେତ୍ରରେ ଭାରତ ଏବେ ଶୀର୍ଷସ୍ଥାନରେ ରହିଛି ଏବଂ ବିଶ୍ୱର ଅନେକ ଦେଶକୁ ଔଷଧ ଯୋଗାଉଛି। ଯୋଗ ଏବଂ ଆୟୁର୍ବେଦର ପ୍ରଚାର, ଭାରତୀୟ ସଙ୍ଗୀତର ପ୍ରସାର ସର୍ବୋପରି ଜାତିସଂଘ ଭଳି ମଞ୍ଚରେ ଭାରତର ସକ୍ରିୟ ଭାଗିଦାରୀ ଭାରତବର୍ଷକୁ ବିଶ୍ୱଗୁରୁ ହେବା ଦିଗରେ ରାସ୍ତା ପ୍ରଶସ୍ତ କରି ଦେଇଛି। ଭାରତବର୍ଷ ପାଇଁ ଅନେକ ଚାଲେଂଜ ମଧ୍ୟ ରହିଛି। ଦେଶରେ ଦାରିଦ୍ର୍ୟ, ଅସମାନତା, ଶିକ୍ଷା ଏବଂ ଅନୁସନ୍ଧାନ କ୍ଷେତ୍ରକୁ ସୁଧାରିବାର ଆବଶ୍ୟକତା ରହିଛି। ଏପରିକି ବୈଶ୍ୱିକ ରାଜନୀତିରେ ସନ୍ତୁଳନ ବଜାୟ ରଖିବା ମଧ୍ୟ ଜରୁରୀ। କିନ୍ତୁ ସୁଯୋଗ ଅନେକ ରହିଛି। ଜ୍ଞାନ, ନୈତିକତା ଏବଂ ସଂସ୍କୃତିର ସଠିକ୍ ଉପଯୋଗ କରାଯାଇପାରିଲେ ଭାରତବର୍ଷ ବିଶ୍ୱ ପାଇଁ ପ୍ରେରଣା ପାଲଟିଯାଇପାରିବ। ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ କୌଶଳ ଠାରୁ ଆଗକୁ ଯାଇ ପରିବେଷ ଏବଂ ସତତ ବିକାଶ ଦିଗରେ ଉଦ୍ୟମ ମଧ୍ୟ କରାଯିବାର ଆବଶ୍ୟକତା ରହିଛି।

ଭାରତବର୍ଷ ସବୁବେଳେ ସବୁ ଯୁଗରେ ଶିକ୍ଷା ଦେଇ ଆସିଛି ଯେ ପ୍ରୟାସ ଏବଂ ଦୂରଦୃଷ୍ଟି ଯଦି ଠିକ୍ ତେବେ ସବୁକିଛି ସମ୍ଭବ ହୋଇପାରିବ। ପ୍ରାଚୀନ କାଳରେ ଜ୍ଞାନ ଏବଂ ସଂସ୍କୃତି ମାଧ୍ୟମରେ, ମଧ୍ୟକାଳରେ ସଂରକ୍ଷଣ ଏବଂ ଅନୁକୂଳନ ଦ୍ୱାରା, ଔପନିବେଶିକ କାଳରେ ପୁନରୁତ୍ଥାନ ଏବଂ ଦେଶ ସ୍ୱାଧୀନ ହେବାପରେ ବୈଷୟିକ ଜ୍ଞାନ କୌଶଳ, ଅର୍ଥବ୍ୟବସ୍ଥା ଏବଂ ସଂସ୍କୃତିର ସଂଯୋଜନ କାରଣରୁ ଭାରତବର୍ଷ ବିଶ୍ୱରେ ନୂତନ ପରିଚୟ ସୃଷ୍ଟି କରିପାରିଛି। ଭାରତବର୍ଷର ବିଶ୍ୱଗୁରୁ ହେବା କଥାକୁ କେବଳ ଶକ୍ତି ବା ସମ୍ପତ୍ତିରେ ମପାଯାଇ ପାରିବ ନାହିଁ ବରଂ ଜ୍ଞାନ, ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ନୈତିକତାର ସନ୍ତୁଳନରେ ମପାଯିବ। ଯଦି ଆମେ ଏସବୁ କଥାକୁ ନେଇ ଚାଲିବା ତେବେ ଭାରତବର୍ଷ ବିଶ୍ୱଗୁରୁ ହେବାର ଯେଉଁ ସ୍ୱପ୍ନ ଆମେ ଦେଖୁଛେ ତାହା ନିଶ୍ଚୟ ସାକାର ହେବ। ଭାରତବର୍ଷ ପୁନଃ ବିଶ୍ୱଗୁରୁ ହୋଇପାରିବ କେବଳ ଇତିହାସ ପାଇଁ ନୁହେଁ ବରଂ ଆମର ଶ୍ରମ ଓ ଆଗାମୀ ପିଢ଼ିର ଦୂରଦୃଷ୍ଟି (ଚିନ୍ତାଧାରା) କାରଣରୁ।

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

19.11.2025.pmd 1 11/18/2025, 5:39 PM

# ପାରାଦୀପ ବନ୍ଦର ଉପାଧକ୍ଷ ହେଲେ ଟି.ଭେନୁ ଗୋପାଲ

ପାରାଦୀପ,୧୮।୧୧ (ନିପ୍ର): ବିଶାଖାପାଟନା ବନ୍ଦରର ପୂର୍ବତନ ସଚିବ ଟି.ଭେନୁ ଗୋପାଲ ପାରାଦୀପ ବନ୍ଦର ଉପାଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଶାଖାପାଟନା ବନ୍ଦରରେ ୧୯୯୫ ମସିହାରେ ବରିଷ୍ଠ ଅଧିକାରୀ ଭାବେ ଯୋଗ ଦେଇବା ପରେ ୨୦୧୯ ମସିହାରେ ଦୀନଦୟାଲ ବନ୍ଦର ସଚିବ ଭାବେ କାର୍ଯ୍ୟ କରିଥିଲେ । ବିଶାଖାପାଟଣା ବନ୍ଦର ସଚିବ ଭାବେ ୨୦୧୪-୨୦୧୮ ପର୍ଯ୍ୟନ୍ତ ଭାରପ୍ରାପ୍ତ ସଚିବ ଭାବେ କାର୍ଯ୍ୟ କରିବାରେ ତାଙ୍କର ଅଭିଜ୍ଞତା ରହିଛି । ୨୦୨୦ ମସିହାରେ ବିଶାଖାପାଟନା ବନ୍ଦର ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ସେଠାରେ ଅତିରିକ୍ତ ଭାବେ ଟ୍ରାଫିକ ମ୍ୟାନେଜର, ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱ ନେଇ ନିଜର କାର୍ଯ୍ୟ ଦକ୍ଷତା ପ୍ରମାଣିତ କରିଥିଲେ । ଇଣ୍ଟରନ୍ୟାସନାଲ୍ କ୍ରୁଜ୍ ସିପ୍ ପରିଚାଳନା, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ସ୍କିଲ୍ ଡେଭଲପମେ□ଆଦି କ୍ଷେତ୍ରରେ ତାଙ୍କର ବହୁମୂଲ୍ୟ ଅବଦାନ ରହିଛି । ଦାୟିତ୍ୱ ଗ୍ରହଣ କରିବା ପରେ ବନ୍ଦର ଅଧକ୍ଷ ପି.ଏଲ. ହରନାଦଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ପାରାଦୀପ ବନ୍ଦର ବିଭାଗୀୟ ମୁଖ୍ୟ, ଅଧିକାରୀମାନେ ଶ୍ରୀ ଭେନୁ ଗୋପାଲଙ୍କୁ ପାରାଦୀପ ବନ୍ଦରକୁ ସ୍ୱାଗତ କରିଥିଲେ । ପ୍ରକାଶଥାଉକି, ପାରାଦୀପ ବନ୍ଦର ଉପାଧକ୍ଷ ନିଲଭ୍ର ଦାସଗୁପ୍ତାଙ୍କ ବଦଳି ହେବା ପରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ଶ୍ରୀ ଭେନୁ ଗୋପାଲଙ୍କୁ ପାରାଦୀପ ବନ୍ଦର ଉପାଧକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା ।




# ଇଫକୋ ପରିସରରେ ମେଗା ସ୍ୱେଚ୍ଛାକୃତ ରକ୍ତଦାନ

ପାରାଦୀପ,୧୮।୧୧ (ନିପ୍ର); ବିଶ୍ୱର ସର୍ବବୃହତ୍ ସମବାୟଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲଙ୍କ ଜନ୍ମଦିବସ ଅବସରରେ ଇଫକୋ ପାରାଦୀପ ୟୁନିଟ୍ ପରିସରରେ ସୋମବାର ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ରକ୍ତଦାତାଙ୍କୁ ଉତ୍ସାହିତ କରିବା ପାଇଁ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ଇଫକୋ ପାରାଦୀପ ୟୁନିଟ୍ ହେଡ୍ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.କେ.ମହାପାତ୍ର । ଏହି ଶିବରରେ ଇଫକୋର ବରିଷ୍ଠ ପ୍ରବନ୍ଧକ ଏନ.ଆର.ନାୟକ, ସାଧାରଣ ପ୍ରବନ୍ଧକ କେ.ଆର.ଏନ୍.ମୂର୍ତ୍ତୀ, ମୁଖ୍ୟ ଚିକିତ୍ସାଧିକାରୀ ଡା. ପୁଷ୍ପା ମହାନ୍ତି, ଡି.ଜି.ଏମ୍. ବି.କେ.ପରିଡା, ଇଫକୋ ଅଫିସର୍ସ ସଂଘ ସଭାପତି ସୁଶାନ୍ତ କୁମାର ଜେନା, ସାଧାରଣ ସମ୍ପାଦକ ସତ୍ୟଜିତ ଖୁଣ୍ଟିଆ, ଇଫକୋ କର୍ମଚାରୀ ସଂଘ ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ତୃପ୍ତିରଂଜନ ପୁହାଣ ଉପସ୍ଥିତ ଥିଲେ । ଜୀବନରେ ରକ୍ତର ଆବଶ୍ୟକତାକୁ ଅନୁଭବ କରି ଇଫକୋର ଅଧିକାରୀ, କର୍ମଚାରୀମାନେ ଏହି ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଇଫକୋ ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲଙ୍କ ଜନ୍ମଦିନରେ ଅନୁଷ୍ଠିତ ଏହି ମେଗା ରକ୍ତଦାନ ଶିବିରରେ କଟକ କେନ୍ଦ୍ରୀୟ ରେଡକ୍ରସ୍ ବ୍ଲଡ୍ ବ୍ୟାଙ୍କ ସହଯୋଗ କରିଥିଲେ ।

# ସମ୍ବିଧାନ ସଚେତନତା ରଥକୁ ସମ୍ବର୍ଦ୍ଧନା

ଗୋଲାମୁଣ୍ଡା,୧୮।୧୧( ନି. ପ୍ର ) ମୂଳନୀବାସୀ ବହୁଜନ ମିଳିତ ମହାସଂଘ ଆନୁକୂଲ୍ୟରେ ସାରା ରାଜ୍ୟରେ ପରିକ୍ରମା କରୁଥିବା ସମ୍ବିଧାନ ସଚେତନତା ରଥ ମଙ୍ଗଳବାର ଗୋଲାମୁଣ୍ଡା ବ୍ଲକକୁ ପହଞ୍ଚିଛି । ସେଠାରେ ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ପ୍ରଥମେ ଗୋଲାମୁଣ୍ଡା ବ୍ଲକ ଅଫିସ ନିକଟରୁ ରଥକୁ ସ୍ୱାଗତ କରାଯାଇ ନଗର ପରିକ୍ରମା କରାଯାଇଥିଲା । ଏଥିରେ ଛାତ୍ର ଛାତ୍ରୀ,ବୁଦ୍ଧିଜୀବୀ,ଅଞ୍ଚଳର ସମ୍ବିଧାନ ପ୍ରେମୀ ହୁଳହୁଳି,ଦେଇ ଶୋଭାଯାତ୍ରା ମାଧ୍ୟମରେ ଗୋଲାମୁଣ୍ଡା ଦୁର୍ଗା ମଣ୍ଡପ ପାଖକୁ ଆସିଥିଲେ । ସେଠାରେ ବାବାସାହେବ ଆମ୍ବେଦକରଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ କରି ଏହି ସମ୍ବିଧାନ ସଚେତନ ରଥ ପରିକ୍ରମାର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏମବିଏମଏମ କଳାହାଣ୍ଡି ପକ୍ଷରୁ ଜିଲ୍ଲା ସଭାପତି ସଚ୍ଚିଦାନନ୍ଦ ମହାକୁଡ଼, ରାଜ୍ୟ ସାଧାରଣ ସମ୍ପାଦକ ଦିଗାମ୍ବର ଦୁରିଆ, ରାଜ୍ୟ ଉପସଭାପତି ଲିଙ୍ଗରାଜ ଆଜାଦ, କାର୍ଯ୍ୟକାରୀ ସଭାପତି ତଥା ମହାସଚିବ ଏଓଏସସିଏଫ କଳାହାଣ୍ଡି ଯତୀନ୍ଦ୍ର କର, ଢଗମାଳିଆ ନାଏକ, ରମଣୀ ଦୁରିଆ, ଡମ ସମାଜ ବିକାଶ ପରିଷଦ ସଭାପତି ରାମ କୁମାର ସେନାପତି, ଯୁବ ନେତା ସାଉଲ ମଙ୍ଗରାଜ, ଉପଦେଷ୍ଟା ମୁନିଆ ସିପକା, ପ୍ରଶାନ୍ତ ନାଏକ ପ୍ରମୁଖ ନିଜ ବକ୍ତବ୍ୟରେ କହିଥିଲେ ଯେ ଆମେ ଯେମିତି ପୁରାଣ, ବାଇବେଲ, କୋରାନ ପ୍ରତିଦିନ ପଠନ କରୁଛେ, ସେହି ଭଳି ଜାତି, ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମ୍ବିଧାନ ପଢ଼ିବା ଆବଶ୍ୟକ ରହିଛି ।

# ଗ୍ରାମୀଣ ନାଟକର ଅଶ୍ଳୀଳତା ପ୍ରତି ପ୍ରଶାସନିକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ବ୍ରହ୍ମପୁର,୧୮।୧୧(ନିପ୍ର ) ସାମ୍ପ୍ରତି ଗ୍ରାମୀଣ ନାଟକ କ୍ଷେତ୍ରରେ ଦେଖା ଯାଉଥିବା ଅଶ୍ଳୀଳତା ଚରମ ସୀମାରେ ପହଞ୍ଚିସାରିଛି । ଏଥିରେ କଳା ଓ କଳାକାର ହିତୈଷୀ ମହାମଞ୍ଚ 'ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ' ପକ୍ଷରୁ ଉଦ୍‌ବେଗ ଓ କ୍ଷୋଭ ପ୍ରକାଶ ସହ ଘୋର ନିନ୍ଦା କରାଯାଇଛି । ମହାସଂଘ ତରଫରୁ ସୋରଲ, ସୁରେଶ ହସ୍ପିଟାଲ୍ ସଭାକକ୍ଷଠାରେ ଏକ ଆହୁତ ବୈଠକରେ ସଭାପତି ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁ ଅଧକ୍ଷତା କରିଥିବା ବେଳେ ନାଟ୍ୟ-ସୂର୍ଯ୍ୟ ଦେବେନ୍ଦ୍ର ପ୍ରସାଦ ଶର୍ମା, କାର୍ଯ୍ୟକାରୀ ସଭାପତି ଡଃ. ବିଜୟ ଚନ୍ଦ୍ର ମହାରଣା, ବରିଷ୍ଠ କଳାକାର ପ୍ରମୋଦ କୁମାର ସାମନ୍ତ, ଅଭିନେତା ୟୁଶୁଫ ସରିଫ, କଣ୍ଠଶିଳ୍ପୀ ପ୍ରିୟଦର୍ଶୀ ପାଳ ପ୍ରମୁଖ ମଞ୍ଚାସୀନ ଥିଲେ । ମହାସଚିବ ସୁବାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେବା ପରେ ବୈଠକରେ ଦଣ୍ଡନାଚ ପ୍ରତି ଜିଲ୍ଲା ପ୍ରସାଶନର ଅଙ୍କୁଶ 'ଅପସଂସ୍କୃତି ନୁହଁ, କେବଳ ଲୋକକଳା' ପ୍ରତି ସ୍ୱାଗତ ଓ ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ସମ୍ପ୍ରତି ଗ୍ରାମୀଣ ନାଟକ ରାମାୟଣ, ମହାଭାରତ ଭଳି ପୌରାଣିକ ନାଟକରେ ପରମ୍ପରା, ଆଧ୍ୟାତ୍ମିକ ବିଶ୍ୱାସ ଓ ସଂସ୍କୃତିକୁ କୁଠାରାଘାତ କରି ଅଶ୍ଳୀଳତା, ଆଇଟମ୍ ଡାନ୍ସ, ବିପଦଜ୍ଜନକ ଷ୍ଟଣ୍ଟ୍ ପ୍ରବଳ ଭାବରେ ପ୍ରଦର୍ଶିତ ହେଉଛି । ଆମ ପବିତ୍ର ପୁରାଣଶାସ୍ତ୍ରର ସୀତା ଓ ବେଦମତୀ ଭଳି ଦେବୀ ଚରିତ୍ରକୁ ରାବଣ ଅପହରଣ କରି ସେମାନଙ୍କୁ ମଞ୍ଚ ଉପରେ ବିବସନା ଭଳି ବିବସ୍ତ୍ର ଦୃଶ୍ୟ ପ୍ରଦର୍ଶନ ହେଉଛି । ସେହିଭଳି ଲୋକ ନାଟକ 'ଭାରତ ଲୀଳା'ରେ ଅବାଂଛିତ ବାୟା ଚରିତ୍ର ସୃଷ୍ଟି ଓ ଉକ୍ତ ଚରିତ୍ର ମାଧ୍ୟମରେ ଦ୍ୱି-ଅର୍ଥକ ସଂଳାପ ଏବଂ ଲକ୍ଷ୍ମୀ ପୁରାଣ, ରଜା ନାଟ ଆଦିରେ ଅପସଂସ୍କୃତି ପ୍ରୟୋଗ ଆଦି ବିଷୟରେ ଆଲୋଚନା ହୋଇ ଉଦବେଗ ପ୍ରକାଶ ପାଇଥିଲା । ଆମ ଆଧ୍ୟାତ୍ମିକ ବିଶ୍ୱାସକୁ ବୀଭତ୍ସ ଭାବେ ହତ୍ୟା କରିବା ଦିଗରେ କତିପୟ ନାଟ୍ୟ ନିର୍ଦ୍ଦେଶକ, ନାଟ୍ୟ କମିଟି ସଦସ୍ୟ ଓ ଅଭିନେତାମାନେ ଆଦୌ ଭ୍ରୁକ୍ଷେପ କରୁନାହାନ୍ତି । ଅର୍ଥଲିପ୍ସୁ ନିର୍ଦ୍ଦେଶକ, ଆଇ. ପି. ଏଲ. ନାଟ୍ୟଧାରା ଓ ଅପରିଣାମଦର୍ଶୀ କଳାକାର ଓ ନାଟ୍ୟ ଦଳ ମୁଖିଆ ମୁଖ୍ୟତଃ ଏଥିପାଇଁ ଦାୟୀ । ଏମାନଙ୍କ ପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନିଆଯିବା ନିତାନ୍ତ ଆବଶ୍ୟକ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ପରିଶେଷରେ ଉପ-ମହାସଚିବ ପ୍ରଦୀପ କୁମାର ସାହୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

ନିମାପଡ଼ା,୧୮।୧୧ (ନିପ୍ର): ନିମାପଡ଼ା ପୌରାଂଚଳସ୍ଥିତ ଜ.ବ.ରା. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି । ଭାରାପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀମାନେ ୩୦ଟି ପ୍ରକଳ୍ପ ପ୍ରଦର୍ଶନ କରି କୃତିତ୍ୱ ଅର୍ଜନ କରିଥିଲେ । ବିଜ୍ଞାନର ଉତ୍ତମ ଦିଗରେ ଆଲୋକପାତ କରାଯିବା ସହିତ ଦୈନନ୍ଦିନ ଚଳଣିରେ ବିଜ୍ଞାନର ବ୍ୟବହାର ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷକ ଦୀପକ ରଥ, ଶିକ୍ଷୟିତ୍ରୀ କଳ୍ପନା ସେଠୀ ବିଚାରକ ମଣ୍ଡଳୀରେ ଯୋଗ ଦେଇ କୃତୀ ପ୍ରକଳ୍ପ ଚୟନ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ନାୟକ, ଦିଲ୍ଲୀଶ୍ୱର ମିଶ୍ର, ନୀଳିମା ପ୍ରିୟଦର୍ଶିନୀଙ୍କ ମାର୍ଗ ଦର୍ଶନରେ ଛାତ୍ରୀମାନେ ପ୍ରକଳ୍ପ ପ୍ରଦର୍ଶନ କରି ପ୍ରକଳ୍ପ ସମ୍ବନ୍ଧରେ ବୁଝାଇ ଥିଲେ ।

# ରେଢ଼ାଖୋଲ ବନଖଣ୍ଡରେ ପୁଣି ଏକ ଦନ୍ତା ମୃତ,କାରଣ ଅସ୍ପଷ୍ଟ

ରେଢାଖୋଲ,୧୮।୧୧ (ନିପ୍ର); ସମ୍ବଲପୁର ଜିଲ୍ଲା ରେଢାଖୋଲ ବନଖଣ୍ଡରେ ହାତୀ ମୃତ୍ୟୁ ଥମିବାର ନାଁ ଧରୁନି । ଗୋଟିଏ ପରେ ଗୋଟିଏ ହାତୀ ମୃତ୍ୟୁକୁ ନେଇ ବନ ବିଭାଗର ମୁଣ୍ଡବ୍ୟଥା ବଢ଼ିଥିବା ବେଳେ । ପୁଣି ରେଢ଼ାଖୋଲ ବନଖଣ୍ଡ ବଡବାହାଳ ସେକସନ୍ ବଡକୁଡା ଜଙ୍ଗଲରେ ପୁଣି ଏକ ଦନ୍ତାହାତୀର ମୃତ୍ୟୁ ହୋଇଥିବା ମଙ୍ଗଳବାର ଜଣାପଡି ଥିବା ବେଳେ କେଉଁ କାରଣରୁ ଦନ୍ତା ହାତୀଟିର ମୃତ୍ୟୁ ହୋଇଛି କିଛି ଜଣାପଡିନାହିଁ । ଏନେଇ ବନବିଭାଗ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ? । ଅନ୍ୟପଟେ ବାର୍‌ହା ଫାସ ତଥା ବିଦ୍ୟୁତ୍ ସଂସ୍ପର୍ଶରେ ଆସି ହାତୀଟିର ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ପାଲଟିଛି । ବଡ଼କଥା ହେଉଛି ରେଢ଼ାଖୋଲ ଅଞ୍ଚଳରେ ଦିନକୁ ଦିନ ହାତୀ ମରିବା ଥମିବାରେ ନାଁ ଧରୁନି । ଅନ୍ୟପଟେ ହାତୀ ମୃତ୍ୟୁକୁ ନେଇ ବନ ବିଭାଗର ମୁଣ୍ଡବ୍ୟଥା ବଢିଛି । ରେଢ଼ାଖୋଲ ବନଖଣ୍ଡ ବଡବାହାଲ ରେଞ୍ଜ ବଡକୁଡା ଜଙ୍ଗଲରେ ଏକ ଦନ୍ତା ହାତୀ ମରି ପଡ଼ିଥିବା ବନ ବିଭାଗକୁ ସୂଚନା ମିଳିଥିଲା । ଖବରପାଇ ବନ କର୍ମଚାରୀ ସତ୍ୟାସତ୍ୟ ଜାଣିବାକୁ ଘଟଣାସ୍ଥଳରେ ପହଞ୍ଚିଥିଲେ । ପରେ ଦେଖିଲେ ଦନ୍ତାଟି ସେଠାରେ ମରି ପଡ଼ିଛି । ଏନେଇ ଆଖପାଖ ସ୍ଥାନ ଗୁଡିକ ଯାଞ୍ଚ କରିଥିଲା ବନବିଭାଗ ତଥାପି କେଉଁ କାରଣରୁ ଦନ୍ତା ଟିର ମୃତ୍ୟୁ ହୋଇଛି ତାହା ଜଣାପଡ଼ିନାହିଁ । ଯେହେତୁ ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବା ବେଳେ ହାତୀ ଗୁଡିକ ମଧ୍ୟ ଜଙ୍ଗଲ ଛାଡ଼ି ଚାଷ ଜମି ମୁହାଁ ହେଉଛନ୍ତି । ଏବଂ ଚାଷ ଜମି ଗୁଡିକରେ ଧାନଫସଲ ନଷ୍ଟ କରୁଥିବା ଜଣାପଡିଛି । ଚାଷଜମି ଗୁଡିକ ରକ୍ଷା କରିବା ତଥା ବାରାହା ପାଇଁ ମଧ୍ୟ ଜମିରେ କିଛି ଅମାନୁଷିକ ବ୍ୟକ୍ତି କରେଣ୍ଟ ସଂଯୋଗ କରୁଛନ୍ତି । ତାହାକୁ ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି । ଏନେଇ ବନ ବିଭାଗକୁ ପଚାରିବାରୁ କାରଣ ଜଣାପଡ଼ିନାହିଁ ବୋଲି କହିଛି । ସାଇଣ୍ଟିଫିକଟ ଟିମ ଆସି ତଦନ୍ତ କରିବା ସହ ମୃତ ଦନ୍ତା ହାତୀର ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁ ଦନ୍ତାକୁ ପୋତାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।



# ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ନିମାପଡ଼ା,୧୮।୧୧(ନିପ୍ର); ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରସରରେ ତ୍ରିଦିବସୀୟ ନେତୃତ୍ୱ ବିକାଶ କର୍ମଶାଳା ସୋମବାର ଉଦ୍‌ଯାପିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ ଜାତୀୟ ସେବା ଯୋଜନା ଆଂଚଳିକ ନିର୍ଦ୍ଦେଶକ ସରିତା ପଟେଲ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ଡ଼ଃ ବ୍ରଜ କିଶୋର ପାତ୍ର ଉତ୍କଳ ବିଶ୍ୱବିଦ୍ୟାଳୟ ଭାରତୀୟ ସେବା ଯୋଜନା ସଂଯୋଜକ, ସାଂସଦ ପ୍ରତିନିଧି ମୀନଲତା ମହାନ୍ତି ପ୍ରମୁଖ ଯୋଗ ଦେଇ ସ୍ୱେଚ୍ଛାସେବୀଙ୍କ ବ୍ୟକ୍ତିତ୍ୱ ବିକାଶ ସଂକ୍ରାନ୍ତରେ ଆଲୋକପାତ କରି ପ୍ରତ୍ୟେକ ସ୍ୱେଚ୍ଛାସେବୀ ରାଷ୍ଟ୍ର ଗଠନରେ କୃତୀ ହେବା ପାଇଁ ଗୁରୁତ୍ୱାରୋପ କରିଥିଲେ । ସାଇବର ଅପରାଧ, ଗୋଷ୍ଠୀଗତ ଆଲୋଚନା, ସାମୂହିକ କାର୍ଯ୍ୟକ୍ରମ, ବିପର୍ଯ୍ୟୟ ପରିଚାଳନା, ଶିଶୁ ସୁରକ୍ଷା, ଶିଶୁ ନିର୍ଯ୍ୟାତନା, ବାଲ୍ୟ ବିବାହ ସଂକ୍ରାନ୍ତରେ ଆଲୋଚନା କରିଥିଲେ । ୩ଟି ଜିଲ୍ଲା (ପୁରୀ, କଟକ, ଖୋର୍ଦ୍ଧା) ମହାବିଦ୍ୟାଳୟର ୧୧୦ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇ କ୍ୟାମ୍ପ ଫାୟାରରେ ଅଂଶଗ୍ରହଣ କରିଥିଲେ ।

# ବ୍ରହ୍ମପୁର ମହାନଗର ନିଗମ 'ମୁକ୍ତା' ଯୋଜନାରେ ଦୁର୍ନୀତି ଅଭିଯୋଗ

ବ୍ରହ୍ମପୁର,୧୮।୧୧(ନିପ୍ର): ଗତ ସରକାରଙ୍କ ସମୟରେ ସୁଚିନ୍ତିତ ଢଙ୍ଗରେ ରାଜସ୍ୱ ଲୁଟ କରିବା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଥିଲେ । ସେଥି ମଧ୍ୟରୁ 'ମୁକ୍ତା' ଯୋଜନା ଅନ୍ୟତମ ।ଏହି ଯୋଜନାରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଜରିଆରେ ସହରାଞ୍ଚଳରେ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯିବା ସହ ଏସଏଚଜି ମହିଳା ମାନେ ସ୍ୱାବଲମ୍ବୀ ହେବେ ।କିନ୍ତୁ ଉଦ୍ଦେଶ୍ୟ ଅଲଗା ପ୍ରକାରର ଥିଲା । ଏସଏଚଜି ମହିଳାମାନଙ୍କୁ ନିର୍ବାଚନ ସମୟରେ ଭୋଟ ହାତେଇବା ପାଇଁ ବ୍ୟବହାର କରାଯିବା ସହ ଯୋଜନା ଅର୍ଥ ହରଲୁଟ କରିବା ମୂଳ ଲକ୍ଷ୍ୟ ରହିଥିଲା ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି ।ଏହି ଯୋଜନାରେ ରାଜ୍ୟର ସମସ୍ତ ମୁନିସିପାଲିଟି, ବିଜ୍ଞାପିତ ଅଞ୍ଚଳ ପରିଷଦ ସମେତ ମହାନଗର ନିଗମ ଅଞ୍ଚଳରେ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ କରାଯାଇଥିଲା । ଯାହାକି ସୁଚିନ୍ତିତ ଢଙ୍ଗରେ ସରକାରୀ ରାଜସ୍ୱ ହରଲୁଟ କରିବା ପାଇଁ ତତ୍କାଳୀନ ସଚିବ ଏହି ଯୋଜନା ଆରମ୍ଭ କରିଥିଲେ । ଏହି କ୍ରମରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ମଧ୍ୟ ଏହି ଯୋଜନା ରେ ପୋଖରୀ ସୌନ୍ଦର୍ଯ୍ୟ କରଣ ଏବଂ ମୁକ୍ତାକାଶ ଜିମ୍ କରାଯାଇଥିଲା ।ହେଲେ ପୋଖରୀ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ବେଳେ ସହରର ବିଭିନ୍ନ ପରିତ୍ୟକ୍ତ ସ୍ଥାନରେ ମୁକ୍ତାକାଶ ଜିମ୍ କରାଯାଇଥିଲା । ଏପରି କି ଅଳିଆ ଗଦା, ଡ୍ରେନ କଡ଼ରେ ମଧ୍ୟ ଏହି ମୁକ୍ତାକାଶ ଜିମ୍ କରି ସରକାରଙ୍କ କୋଟି ଟଙ୍କା ଅପଚୟ କରିଦେଲେ । ବ୍ରହ୍ମପୁର ମହାନଗର ନିଗମରେ ଜଣେ ଭାରତୀୟ ପ୍ରଶାସନିକ ଅଧିକାରୀ ଅବସ୍ଥାପିତ ଥିବା ବେଳେ ଏପରି ଯୋଜନାର ସଫଳ ରୂପାୟନ ପାଇଁ ନିଜର ବୁଦ୍ଧିମତ୍ତା ପ୍ରୟୋଗ କରିବା ବଦଳରେ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶରେ ଦୁର୍ନୀତିକୁ ପ୍ରଶ୍ରୟ ଦେଉଛନ୍ତି । ଫଳରେ ଏପରି ସରକାରଙ୍କ କୋଟି କୋଟି ଟଙ୍କା ଅପଚୟ ହେଉଛି । ଅନ୍ୟ ପକ୍ଷରେ ଅଧିକାରୀ ମାନଙ୍କ ଉପରେ ଯୋଜନାର ସଫଳ ରୂପାୟନ ପାଇଁ ଦାୟିତ୍ୱହୀନତା ଯଦି ନିର୍ଦ୍ଧାରଣ ହୋଇଥାନ୍ତା, ତେବେ ଏପରି ସରକାରୀ ଅର୍ଥ ଅପବ୍ୟୟ ବନ୍ଦ ହୋଇପାରିଥାନ୍ତା । ଏପରି ନହେବା କାରଣରୁ ମହାନଗର ନିଗମ ଅଧିନ ରେ ବହୁ ଯୋଜନାରେ ଅର୍ଥ ଲୁଟ ସହ ସରକାରୀ ରାଜସ୍ୱ ଅପଚୟ ହେଉଛି ।ବର୍ତ୍ତମାନ ରାଜ୍ୟରେ ସରକାର ବଦଳିଛି । ବିଭାଗୀୟ ସଚିବ ମଧ୍ୟ ବଦଳିଛନ୍ତି । ଏଣୁ ଗତ ସରକାରଙ୍କ ସମୟରେ ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ଏହି ଯୋଜନାରେ ହୋଇଥିବା ସମସ୍ତ କାର୍ଯ୍ୟକୁ ଭିଜିଲାନ୍ସ ଦ୍ୱାରା ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଠାରେ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।



# ଫତେଗଡ଼ ଥାନା ଅଞ୍ଚଳରେ ଚୋରି ବୃଦ୍ଧି, ଅପରାଧୀର ଟେର୍ ପାଉନି ପୋଲିସ
## ଠିକଣା ପାଇଲେ ମଧ୍ୟ ଧରିବାକୁ ପଛଘୁଞ୍ଚା !

ଭାପୁର,୧୮।୧୧ (ନିପ୍ର): ଫତେଗଡ଼ ପୋଲିସ କାର୍ଯ୍ୟର ଶିଥିଳତା ପାଇଁ ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ବୃଦ୍ଧି ପାଇବାରେ ଲାଗିଛି । ଶିକ୍ଷିତ ଅସାମାଜିକ ଯୁବକ ମାନେ ସକ୍ରିୟ ହୋଇ ଚୋରା ନିଶା ଦ୍ରବ୍ୟ ବିକ୍ରୀ ଓ ଠାଉକା ଚୋରି କରିବାକୁ ପଛାଉ ନାହାନ୍ତି । ଗତ କିଛି ଦିନ ହେଲା ଦୈନନ୍ଦିନ ଫତେଗଡ଼ ଥାନା ଅଞ୍ଚଳରୁ କୌଣସି ନା କୌଣସି ସ୍ଥାନରେ ଚୋରି ହେବାର ଅଭିଯୋଗ ଆସୁଛି କିନ୍ତୁ, ପୋଲିସ ଚୋରର ଟେର୍ ପାଉନାହିଁ । ଏପରିକି, ଚୋରର ସମସ୍ତ ପ୍ରମାଣ ପାଇଲେ ମଧ୍ୟ ଅପରାଧୀକୁ ଧରିବା ପାଇଁ ପୋଲିସର ପଛଘୁଞ୍ଚା । ଗତ ସେପଟ୍ଟେମ୍ବର ମାସ ୧୬ ତାରିଖ ଦିନ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମଧ୍ୟରୁ ନିଦାନ ପରୀକ୍ଷା କରୁଥିବା ଶାନ୍ତ ସୁନ୍ଦର ସାହୁଙ୍କ ହିରୋ ଗ୍ଲାମର ବାଇକ ନଂ ଓଡ଼ି-୨୫-୦୯୮୬ ଦିନ ଦ୍ୱିପ୍ରହର ସମୟରେ ଚୋରି ହୋଇଯାଇଥିଲା । ଲିଖିତ ଅଭିଯୋଗ କ୍ରମେ ପୋଲିସ ତଦନ୍ତ ପରିସରକୁ ଆଣି ସିସିଟିଭି ଯାଞ୍ଚ କରିଥିଲେ । ସିସିଟିଭି ଯାଞ୍ଚ ପରେ ସ୍ଥାନୀୟ ଗୋଳାପୋଖରୀ ଗ୍ରାମର ଜନୈକ ଯୁବକ ବାଇକ ଚୋରି କରିବା ସହିତ ତା ଫୋନନମ୍ବର ଆଦି ଶାନ୍ତସୁନ୍ଦର ଚୋରର ସମସ୍ତ ପ୍ରମାଣପତ୍ର ପୋଲିସକୁ ଦେଇଥିଲେ ମଧ୍ୟ ଚୋରି ବାଇକ ଉଦ୍ଧାର କରିବା ପାଇଁ ପୋଲିସର ଶିଥିଳତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଇତିମଧ୍ୟରେ ବାଇକ ଚୋର ତା ମୋବାଇଲ ନଂକୁ ପରିବର୍ତ୍ତନ କରି ଗୋଟିଏ ସ୍ଥାନରେ ସେ ଚୋରି ବାଇକକୁ ରଖୁ ନ ଥିବା ଚର୍ଚ୍ଚା ହେଉଛି । ଏହାକୁ ନେଇ ଶାନ୍ତସୁନ୍ଦର ଜିଲ୍ଲା ଏସପିଙ୍କ ଦ୍ୱାରସ୍ଥ ହେବେ ବୋଲି ଜଣାପଡିଛି ।

# ଜିଲ୍ଲା ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ପୁରସ୍କୃତ

ପୁରୀ,୧୮।୧୧ (ନିପ୍ର); ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ ଠାରେ ପାଞ୍ଚ ଦିନ ବ୍ୟାପୀ ଶିଶୁ କ୍ରୀଡା ଓ ସାଂସ୍କୃତିକ ମହୋତ୍ସବ 'ଉତ୍ସାହ' ଓ 'ମହକ' ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଏହି ରାଜ୍ୟସ୍ତରୀୟ ଉତ୍ସବରେ ଯୋଗ ଦେଇଥିଲେ । ପୁରୀ ଜିଲ୍ଲାର ୫ଟି ଶିଶୁ ଯତ୍ନ ଅନୁଷ୍ଠାନର ୫୦ ଜଣ ଅନ୍ତେବାସୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ବକ୍ତୃତାର କନିଷ୍ଠ ବର୍ଗରେ ନୀଳାଚଳ ସେବା ପ୍ରତିଷ୍ଠାନର ଇପ୍ସିତା ସ୍ୱାଇଁ ଓ ବରିଷ୍ଠ ବର୍ଗରେ ଦ୍ରୌପଦୀ ମହିଳା ସମିତିର ଜ୍ୟୋତ୍ସ୍ନା ଦାସ ଯଥାକ୍ରମେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ କୁଇଜ୍ ବରିଷ୍ଠ ବର୍ଗ ରେ ଉତ୍କଳ ବାଳାଶ୍ରମର ସତ୍ୟନାରାୟଣ ସ୍ୱାଇଁ ତୃତୀୟ , ଲମ୍ବ ଡିଆଁ ଓ ୨୦୦ ମିଟର ଦୌଡର ବରିଷ୍ଠ ବର୍ଗରେ ସୂର୍ଯ୍ୟକାନ୍ତ ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହାସହିତ ସରକାରୀ ଆଇଟିଆଇରୁ ବୈଷୟିକ ଶିକ୍ଷା ସମାପ୍ତ କରି ବିଶ୍ୱ ଦକ୍ଷତା କେନ୍ଦ୍ରରୁ ଉତ୍ତୀର୍ଣ୍ଣ ହୋଇ ନିକଟରେ ଜିନ୍ଦଲ ଷ୍ଟିଲ ଅନୁଗୁଳରେ ଟ୍ରେନି ଭବରେ ନିଯୋଜିତ ହୋଇଥିବା ଉତ୍କଳ ବାଳାଶ୍ରମର ଦୁଇ ଯତ୍ନ ଅନ୍ତେବାସୀ ପୂଜା ଦାଶ ଓ ଅଞ୍ଜନା ନାୟକଙ୍କୁ ରାଜ୍ୟ ସ୍ତରୀୟ ଶିଶୁ ଉତ୍ସବରେ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲାର ଶିଶୁମାନଙ୍କର ଏହି କୃତିତ୍ୱ ହାସଲ ପାଇଁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା,ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଶିଶୁ ମଙ୍ଗଳ କମିଟି ଅଧକ୍ଷ ଡାଃ ଅଜିତ କୁମାର ମହପାତ୍ର, ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

# ବିଲୁପ୍ତ ହେବାକୁ ବସିଲାଣି ଶଗଡ଼ ଗାଡି

ଭାପୁର,୧୮।୧୧ (ନିପ୍ର); ଗୋଟିଏ ଦଶନ୍ଧି ପୂର୍ବରୁ ଶଗଡ଼ ଗାଡିର ବହୁଳ ପ୍ରଚଳନ ରହିଥିବାବେଳେ ବର୍ତ୍ତମାନ ଶଗଡ଼ ଗାଡି ମନରୁ ଏକ ପ୍ରକାର ପାସୋର ଗଲାଣି । ଆଜିକାଲି ଛାତ୍ରଛାତ୍ରୀଙ୍କୁ ଶଗଡ଼ ଗାଡି କଣ କହିଲେ ସେମାନେ କହି ପାରିବେ ନାହିଁ । କିଛି ଦଶନ୍ଧି ତଳେ ଗ୍ରାମ୍ୟ ପରିବେଶରେ ଶଗଡ଼ ଗାଡି ମୁଖ୍ୟ ଯାତାୟାତ ଏବଂ ଭାରି ଜିନିଷ ନେବା ଆଣିବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।ଶଗଡ଼ ଗାଡି ସମ୍ପୂର୍ଣ୍ଣ କାଠରେ ନିର୍ମିତ ।୧୮ ଫୁଟ ଲମ୍ବା ଓ ୬ ଫୁଟ ଓସାର ଶାଳୁଆ କାଠ ଦୁଇ ପଟେ ରହି ସାମନା ପଟୁ ଛୋଟରୁ ବଡ଼ କ୍ରମାନ୍ୱୟ ରେ ୨୦ ଗୋଟି ୪ ଇଞ୍ଚ ଓସାର ପଟା ପଛ ଯାଏଁ ରହିଥାଏ ଯାହାକୁ ଦଣ୍ଡା କୁହାଯାଏ । ଦଣ୍ଡା ମଝିରେ ଲୁହାର ଅଖ ରହି ଦୁଇ ପାର୍ଶ୍ୱରେ ବଡ଼ କାଠ ନିର୍ମିତ ଚକ ଦ୍ୱାରା ଦଣ୍ଡା ଛିଡା ହୋଇଥାଏ । ଚକର ଗୋଲେଇ ୬ ଫୁଟ ବିଶିଷ୍ଟ କାଠ କୁ ଧରି ରଖିବା ପାଇଁ ଲୁହା ନିର୍ମିତ ନାଲ ରହିଥାଏ, ଅର ୧୨ ଗୋଟି ଏବଂ ଅରକୁ ଧରି ରଖୁଥିବା ୬ ଖଣ୍ଡ ପହି ରହିଥାଏ ଯାହାକୁ ଆମ ଚଳଣି ଭିତରେ ୧୨ ମାସ ଓ ୬ ଋତୁ ଦର୍ଶାଇଥାଏ । ଅର ଏବଂ ପହିକୁ ଧରି ରଖିଥାଏ ତୁମ୍ବ । ସାମନା ରେ ବଳଦ ଟାଣିବା ପାଇଁ ଝୁରାଡ଼ିହ ଲାଗିଥାଏ । ଏହିପରି ଶଗଡ଼ ଗାଡି ନିର୍ମାଣ ପରେ ଚାଷୀଙ୍କ କାର୍ଯ୍ୟରେ ଲାଗିଥାଏ । ଯାତ୍ରୀ ଗମନ ପାଇଁ ଯାନବାହାନ ବାହାରି ନ ଥିବାବେଳେ ଶଗଡ଼ ଗାଡି ଯାତାୟାତର ମୁଖ୍ୟ ଏବଂ ଜିନିଷପତ୍ର ନେବା ଆଣିବା ପାଇଁ ପରିବହନର ବ୍ୟବସ୍ଥା ଥିଲା । କ୍ଷେତରୁ ଧାନ ଓ ଡୋଲି ଦ୍ୱାରା ଶସ୍ୟ ଆଣିବାଠାରୁ ଯାତାୟାତ ନିମନ୍ତେ ଶଗଡ଼ ଗାଡି ବହୁଳ ଭାବରେ ପ୍ରଚଳିତ ଥିଲା । ସେତେବେଳେ ବିବାହ ହେଲେ କନ୍ୟା ମଧ୍ୟ ସୁସଜ୍ଜିତ ଶଗଡ଼ ଗାଡ଼ିରେ ଶାଶୁଘର ଆସୁଥିଲା । ଗ୍ରାମ ମାନଙ୍କ ରେ ସମସ୍ତଙ୍କର ଘରେଘରେ ଶଗଡ଼ ଓ ହଳ ରହୁଥିଲା କିନ୍ତୁ, ଯନ୍ତ୍ରାଂଶ ଯାନବାହାନ ବାହାରିଲା ପରେ ଧୀରେ ଧୀରେ ଶଗଡ଼ ଲୋପ ପାଇବାକୁ ବସିଲାଣି ଯାହା ଆଉ କିଛି ଦିନ ପରେ ଶଗଡ଼ ସମସ୍ତଙ୍କ ପାଇଁ ସ୍ୱପ୍ନ ହୋଇଯିବ ।



# ଗେଣ୍ଡୁ ଫୁଲ ଦେଉଛି ରୋଜଗାର, ଭିନ୍ନକ୍ଷମ ହେଲେ ମଧ୍ୟ ସ୍ୱାବଲମ୍ବୀ

ରମ୍ଭା,୧୮।୧୧ (ନିପ୍ର): ଭଲ ରୋଜଗାର ହିଁ ଉତ୍ତମ ଚାକିରିର ପରିଚୟ ହୋଇଥାଏ । ଯଦିଓ ସମସ୍ତଙ୍କ ପାଖରେ ଏହା ସମ୍ଭବ ନାହିଁ ନିଜ ଅଞ୍ଚଳ ଛାଡି କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଚାଲି ଯାଉଛନ୍ତି ନିଜର ବୁଦ୍ଧିମତ୍ତାରେ କାମ ପାଉଛନ୍ତି । ହେଲେ ନିଜର ଆତ୍ମ ବିଶ୍ୱାସ, ଦୃଢ ପରିଶ୍ରମ ଭିନ୍ନକ୍ଷମକୁ ଭ୍ରୂକ୍ଷେପ ନ କରି ଜଣେ ଯୁବ ଚାଷୀ ନିଜର ୧୪ଭରଣ ୧୦ନଉତି କ୍ଷେତରେ ଗେଣ୍ଡୁ ଫୁଲ (ଏଲୋ ଓ ଓରେଞ୍ଜ ), ୧୫/୨୨ ଫୁଲକୋବି ଭିତରେ ପ୍ରେସ୍ଟିଜ (ବର୍ଷା ଦିନିଆ ), ଶୀତଳ (ଶୀତ ଦିନିଆ ), ୧୦୭,ସପଟା, କଲରା ମୂଳା, ଲେମ୍ବୁ, ଟମାଟୋ, କଖାରୁ, ମୁନିକା, ଆମ୍ବ ଗଛ ପ୍ରଭୃତି ବିଭିନ୍ନ ଫସଲ ଭିନ୍ନ ଭିନ୍ନ ମାସକୁ ନେଇ ଚାରା ରୋପଣ କରି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ରମ୍ଭା ନିକଟସ୍ଥ ମଧୁରଚୁଆ ଗ୍ରାମର ପ୍ରଫୁଲ୍ଲ ନାୟକ (ବାପା ), ମୃତ ଶୈଳ ନାୟକ (ମାଆ )ଙ୍କ ଠାରୁ ଜନ୍ମିତ ପ୍ରତାପ ଚନ୍ଦ୍ର ନାୟକ ନିଜ ଜମିରେ କୌଣସି ବାଡ଼ବତାସ ଓ ପଡୋଶୀ ଚାଷୀଙ୍କ ବାଦୀ ପ୍ରତିବାଦୀଙ୍କୁ ସମଝୋତା କରି ବିଗତ ଦୀପାବଳି ଅମାବାସ୍ୟା ଠାରୁ ଜିଲ୍ଲା ସହିତ ଆନ୍ତଃ ଜିଲ୍ଲାରେ ଗେଣ୍ଡୁ ଫୁଲ ବେପାର କରି ଲକ୍ଷାଧିକ ଟଙ୍କା ସଂଚୟ କରିଥିବା ପ୍ରକାଶ କରିଛନ୍ତି । ଏହା ଆଗକୁ ଦୁଇମାସ ସହିତ ବର୍ଷ ତମାମ ବିବାହ, ପୂଜା ମଣ୍ଡପ, ଘର ପ୍ରତିଷ୍ଠା କ୍ରମଶଃ ଏହି ଫୁଲର ଚାହିଦା ଜାରି ରହିବ । ଅମଳ ଉତ୍ପାତ ସୁରକ୍ଷିତ ରଖିବା, ଶୀତଳ ଭଣ୍ଡାର ନ ଥିବା ଓ ବଜାର ସୃଷ୍ଟି ପାଇଁ ଉପାୟ ହୋଇ ନ ଥିବା ସୃଷ୍ଟି ଜମିକୁ ସରକାରଙ୍କ ପକ୍ଷରୁ ରାସ୍ତା ଟିକେ ହୋଇ ନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି । ପ୍ରତାପଙ୍କ ଜମି ନନ୍ଦିଘର ପାହାଡ଼ ପାର୍ଶ୍ୱ ଓ ମଧୁରଚୁଆ ରାସ୍ତାର ଅନତି ଦୂରରେ ରହିଅଛି । ସ୍ତ୍ରୀ ସୁପ୍ରଭା ନାୟକ ଓ ପୁଅ ଝିଅ ଦୁଇ ଜଣଙ୍କୁ ନେଇ ସଂସାର । ତେବେ ଦୁଆର ମୁହଁରୁ ବଣିଜ ବେପାର ହୋଇ ପାରୁ ନ ଥିବାରୁ ବେଳେ ବେଳେ କ୍ଷେତରେ ଅମଳ ହୋଇ ବଗ ଓ ବାର୍‌ହା ଖାଇବା ସହ ପଚି ଶଡ଼ି ନଷ୍ଟ ହେଉଥିବା ଲକ୍ଷ୍ୟ କରାଯାଇଅଛି । ଏହା ସହିତ କୁହୁଡି କାରଣରୁ ମଧ୍ୟ କ୍ଷତି ହେଉଛି । ଜଳସେଚନ ବ୍ୟବସ୍ଥା ସହିତ ନିଜ ଜମିରେ ତାର ଜାଲି ବାଡ଼, ପଲିଥିନ ଆଚ୍ଛାଦାନ ବ୍ୟବସ୍ଥା ଓ ସମ୍ପୂର୍ଣ୍ଣ ଜୈବିକ ସାରରେ କୀଟନାଶକ ମୁକ୍ତ ଫଳ ଅମଳ ଗେଣ୍ଡୁ ଫୁଲ ଆଦାୟ କରି ଦୁଇ ପଇସା ରୋଜଗାର ସାଙ୍ଗକୁ ସ୍ୱତନ୍ତ୍ର ପରିଚୟ ଅଞ୍ଚଳରେ ସେ ସୃଷ୍ଟି କରିଛନ୍ତି । ଏହା ସହିତ ଜମି ତୁଳନାରେ ଚାଷୀଙ୍କ ପରିବାର ସଂଖ୍ୟା ଯଦି କମ ଥାଏ ବୋରିଂ ସହିତ ଲିଙ୍କ ଥିବା ଡିପ ଇରିଗେଶନ ଜମିରେ ବିଛାଇ ଡିଜିଟାଲ ଦୁନିଆରେ ଏୟାର ମାଧ୍ୟମରେ ପାଣି ଜମିରେ ଯୋଗାଇ ଯାଇ ପାରୁଛି । ଚାଷୀଙ୍କ କହିବା ମୁତାବକ ପାଣ୍ଡିଆ ନର୍ସରୀ (ପୁରୁଷୋତ୍ତମ ପୁର ), ଗେଣ୍ଡୁ ଫୁଲ ଏଲୋ ଚାରା ୧ଗୋଟି ୩.୫୦ ଓ ଓରେଞ୍ଜ ୧ ଗୋଟି ୪ଟଙ୍କା ହିସାବରେ ୧୭ ହଜାର ଚାରା ରୋପଣ କରିଥିବା ପ୍ରତାପ ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି । ଅନ୍ୟାନ୍ୟ ଆନୁସଙ୍ଗିକ ଚାଷ ପାଇଁ ପ୍ରଶାସନିକ ସହଯୋଗ ମିଳିଲେ ସେ ଅଧିକ ଲାଭବାନ ହୋଇ ପାରନ୍ତେ ବୋଲି ପ୍ରକାଶ କରିଛନ୍ତି ।



# ପୁଣି ମୋଦିଙ୍କୁ ପ୍ରଶଂସା କଲେ ଶଶୀ ଥରୁର





ନୂଆଦିଲ୍ଲୀ,୧୮।୧୧: କଂଗ୍ରେସ ଏମ୍‌ପି ଶଶୀ ଥରୁର ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଦେଶକୁ ୨୦୦ ବର୍ଷର 'ଗୁଲାମ ମାନସିକତା'ର ବ୍ରିଟିଶ୍ ଐତିହ୍ୟ ତ୍ୟାଗ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଦେଶବାସୀ 'ପ୍ରଗତି ପାଇଁ ବ୍ୟାକୁଳ' ହେବା ଉଚିତ। ଅସୁସ୍ଥତା ସତ୍ତ୍ୱେ ଥରୁର ମଙ୍ଗଳବାର ଆୟୋଜିତ ରାମନାଥ ଗୋଏଙ୍କା ବକ୍ତୃତା କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭାଷଣରେ ଯୋଗ ଦେଇଥିଲେ। ସେ ସୋସିଆଲ ମିଡିଆରେ ଏକ ବିସ୍ତୃତ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଭାଷଣର ଏକ ବଡ଼ ଭାଗ ମାକାଲେଙ୍କ 'ଗୁଲାମ ମାନସିକତା'ର ୨୦୦ ବର୍ଷର ଐତିହ୍ୟକୁ ବଦଳାଇବା ଉପରେ କେନ୍ଦ୍ରିତ ଥିଲା। ମୋଦି ଭାରତର ଐତିହ୍ୟ, ଭାଷା ଏବଂ ଜ୍ଞାନ ପ୍ରଣାଳୀରେ ଗର୍ବ ଫେରାଇ ଆଣିବା ପାଇଁ ୧୦ ବର୍ଷର ଜାତୀୟ ଅଭିଯାନ ଆରମ୍ଭ କରିବାକୁ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରି ଥରୁର କହିଛନ୍ତି ଯେ ମୋଦି ଜୋର ଦେଇଛନ୍ତି ଯେ ଭାରତ ଆଉ କେବଳ ଏକ 'ଉଦୀୟମାନ ବଜାର' ନୁହେଁ, ବରଂ ବିଶ୍ୱ ପାଇଁ ଏକ 'ଉଦୀୟମାନ ମଡେଲ୍'। ସେ ଦେଶର 'ବିକାଶ ପାଇଁ ସକାରାତ୍ମକ ବ୍ୟାକୁଳତା' ଉପରେ ଗୁରୁତ୍ୱାରୋପ କରିଛନ୍ତି। ନିକଟରେ ଶଶୀ ଥରୁରଙ୍କ ଦଳୀୟ ରାଜନୀତିକୁ ନେଇ କଂଗ୍ରେସ ମଧ୍ୟରେ ମତଭେଦ ସୃଷ୍ଟି ହୋଇଥିଲା। ବିହାର ବିଧାନସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ଦଳର ଗଭୀର ଆତ୍ମନିରୀକ୍ଷଣ ଆବଶ୍ୟକ ବୋଲି ସେ ମଧ୍ୟ କହିଥିଲେ। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କର ଏହି ପ୍ରଶଂସା କଂଗ୍ରେସ ପାଇଁ ଅଧିକ ବିବ୍ରତକର ହୋଇପାରେ।

## ସାଉଦି ଆରବ କିଣିବ ଏଫ୍-୩୫

ନୂଆଦିଲ୍ଲୀ,୧୮।୧୧ : କତର ଉପରେ ଇସ୍ରାଏଲର ଆକ୍ରମଣଠାରୁ ଏପର୍ଯ୍ୟନ୍ତ ମଧ୍ୟପ୍ରାଚ୍ୟରେ ଭୟର ବାତାବରଣ ରହିଛି । ଏହାକୁ ଦୃଷ୍ଟିରେ ରଖି ସାଉଦି ଆରବ ନିଜର ପ୍ରତିରକ୍ଷା ବାହିନୀକୁ ସୁଦୃଢ଼ କରିଚାଲିଛି । ଗୋଟିଏ ପଟେ ସାଉଦି ପାକିସ୍ତାନ ସହ ପ୍ରତିରକ୍ଷା ଚୁକ୍ତି କରିଥିବାବେଳେ ଅନ୍ୟପଟେ ଆମେରିକାଠାରୁ ବିଭିନ୍ନ ପ୍ରକାରର ଆଧୁନିକ ଅସ୍ତ୍ରଶସ୍ତ୍ର କିଣିଚାଲିଛି । ତେବେ ସବୁଠାରୁ ବଡ଼ କଥା ହେଉଛି ଆମେରିକାଠାରୁ ଅତ୍ୟାଧୁନିକ ଏଫ-୩୫ ଲାଇଟନିଙ୍ଗ-୨ (ଏଫ-୩୫) ଖରିଦ ପାଇଁ ସାଉଦି ଆରବ ପ୍ରସ୍ତୁତ ହେଉଛି ଓ ଏଥିପାଇଁ ଆମେରିକା ରାଜି ମଧ୍ୟ ହୋଇଛି । ଯଦି ଏହି ଡିଲ୍ ହୁଏ ତେବେ ତାହାର ପ୍ରଭାବ କେବଳ ମଧ୍ୟପ୍ରାଚ୍ୟ ନୁହେଁ ଭାରତ ଉପରେ ବି ପଡ଼ିବ । ଏଫ-୩୫ ଲାଇଟନିଙ୍ଗ-୨ ହେଉଛି ବିଶ୍ୱର ସବୁଠାରୁ ଆଧୁନିକ ଓ ଦକ୍ଷ ଲଢୁଆ ବିମାନ । ଏହା ଏକ ୫ମ ପିଢିର ବିମାନ ହୋଇଥିବାବେଳେ ଏଥିରେ ଥିବା ଅତ୍ୟାଧୁନିକ ଟେକନଲୋଜି ଏହାକୁ ରଣକ୍ଷେତ୍ରରେ ପ୍ରାୟତଃ ଅଦୃଶ୍ୟ କରିଦିଏ । ଏଣୁ ଯଦି ଏହି ବିମାନ କୌଣସି ଦେଶ ହାତକୁ ଆସେ ତେବେ ତାହା ଯୁଦ୍ଧର ସମୀକରଣ ବଦଳାଇବାକୁ ସକ୍ଷମ ।ସାଉଦି ଆରବ ସହ ଭାରତର କୌଣସି ଶତ୍ରୁତା ନଥିଲେ ବି ଏହି ଡିଲକୁ ନେଇ ଭାରତ ଚିନ୍ତା କରିବା ସ୍ୱାଭାବିକ । କାରଣ ପାକିସ୍ତାନ ଓ ସାଉଦି ଆରବ ମଧ୍ୟରେ ରଣନୈତିକ ଚୁକ୍ତି ରହିଛି । ଏହା ଅନୁସାରେ ଗୋଟିଏ ଦେଶ ଉପରେ ଆକ୍ରମଣ ଅନ୍ୟ ଦେଶ ଉପରେ ଆକ୍ରମଣ ବୋଲି ବିବେଚନା କରାଯିବ । ଏପରି କ୍ଷେତ୍ରରେ ପାକିସ୍ତାନ ସହ ଭାରତର ସଂଘର୍ଷ ସମୟରେ ସାଉଦି ପାକିସ୍ତାନକୁ ସାମୟିକ ଭାବେ ଏଫ-୩୫ ବିମାନ ଦେଇପାରେ ।

## ନେପାଳରେ ତ୍ରିରଙ୍ଗା ଉଡ଼ାଇଲେ ପାକିସ୍ତାନୀ ରାପର

କାଠମାଣ୍ଡୁ,୧୮।୧୧:ପାକିସ୍ତାନୀ ରାପର ତହ୍ଲା ଅଞ୍ଜୁମ ବର୍ତ୍ତମାନ ଖୁବ୍ ଚର୍ଚ୍ଚାରେ। ଏହି ସପ୍ତାହ ତଳେ ଅଞ୍ଜୁମ ନେପାଳରେ ଏକ ମ୍ୟୁଜିକ ଶୋ କରିଥିଲେ। ଯେଉଁଠି ସେ ରାପ୍ କରୁଥିବା ବେଳେ ଭାରତୀୟ ପତାକା ଉଡ଼ାଇବା ସହିତ ତ୍ରିରଙ୍ଗାକୁ ଘୋଡ଼ାଇ ହୋଇପଡ଼ିଥିଲେ। ଯାହାର ଭିଡିଓ ବର୍ତ୍ତମାନ ସୋସିଆଲ୍ ମିଡିଆରେ ଏକ ନୂଆବର୍ତ୍ତା ଆରମ୍ଭ କରି ଦେଇଛି। ପାକିସ୍ତାନ ଗଣମାଧ୍ୟମ 'ଦ ଡନ'ର ରିପୋର୍ଟ ଅନୁସାରେ, ଅଞ୍ଜୁମ ଭାରତୀୟ ରାପର୍ ନେଜିଙ୍କ ଉଦ୍ଦେଶ୍ୟରେ ତାଙ୍କର ସଂଗୀତ କୌନ୍ ତଲହା ପରିବେଷଣ କରୁଥିଲେ। ଏହି ସମୟରେ ଭିଡ଼ ମଧ୍ୟରୁ କେହି ଜଣେ ତାଙ୍କ ଆଡ଼କୁ ଭାରତୀୟ ତ୍ରିରଙ୍ଗା ଫିଙ୍ଗିଥିଲେ। ଏହାପରେ ସେ ତ୍ରିରଙ୍ଗା ପତାକାକୁ ଧରି ପକାଇବା ସହ ଏହାକୁ ହାତରେ ଉଡ଼ାଇଥିଲେ ଏବଂ ଦେହରେ ଘୋଡ଼ାଇ ହୋଇପଡ଼ିଥିଲେ। ଯାହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ପରେ ଅଞ୍ଜୁମଙ୍କୁ ପାକିସ୍ତାନରେ ସମାଲୋଚନା କରାଯାଇଥିଲା। ସୋସିଆଲ୍ ମିଡିଆରେ ସମାଲୋଚନାର ଶିକାର ହେବା ପରେ ଅଞ୍ଜୁମ ସ୍ପଷ୍ଟୀକରଣ ଦେଇଛନ୍ତି। ଅଞ୍ଜୁମ କହିଛନ୍ତି"ମୋ ହୃଦୟରେ ଘୃଣା ପାଇଁ କୌଣସି ସ୍ଥାନ ନାହିଁ। ମୋ କଳାର କୌଣସି ସୀମା ସରହଦ ନାହିଁ। ଯଦି ମୋର ଭାରତୀୟ ପତାକା ଉଡ଼ାଇବା ବିବାଦ ହେଲା ତେବେ ବେସ୍ ହେଇଛି ମୁଁ ଆହୁରି ଉଡ଼ାଇବି। ମୁଁ କେବେ ଗଣମାଧ୍ୟମର ପ୍ରଚାର ଓ ଯୁଦ୍ଧପ୍ରିୟ ସରକାରଙ୍କର ପ୍ରଚାରକୁ ଖାତିର କରେ ନାହିଁ।

## ଦିଲ୍ଲୀ କାର ବିସ୍ଫୋରଣ ମାମଲା
## ୧୦ ଦିନିଆ ରିମାଣ୍ଡରେ ଜାସିର ବିଲାଲ ଭାନି

ନୂଆଦିଲ୍ଲୀ,୧୮।୧୧: ଦିଲ୍ଲୀ କାର ବିସ୍ଫୋରର ମାମଲାର ଅଭିଯୁକ୍ତ ଉମର ଉନ୍ ନବିର ଘନିଷ୍ଠ ଜାସିର ବିଲାଲ ଭାନି ଓରଫ୍ ଦାନିଶକୁ ଏନ୍‌ଆଇଏ ଗିରଫ କରିଥିଲା। ଏହାପରେ ଆଜି ତାକୁ ପଟିୟାଲା ହାଉସ କୋର୍ଟରେ ହାଜର କରାଯାଇଛି। କୋର୍ଟ ତାକୁ ୧୦ ଦିନ ପାଇଁ କଷ୍ଟଡିରେ ପଠାଇଛନ୍ତି। ଏନ୍‌ଆଇଏ ସୂଚନା ଅନୁସାରେ, ଜାସିର ବିଲାଲ ଭାନି(ଦାନିଶ) କେବଳ ଟେକ୍ନିକାଲି ସାହାଯ୍ୟ କରୁଥିଲା ତାହା ନୁହେଁ, ବଂର ଉମର ଉନ ନବି ସହ ମିଶି ପୁରା ଆକ୍ରମଣ ଯୋଜନା କରିବାରେ ସକ୍ରିୟ ଭୂମିକା ଗ୍ରହଣ କରୁଥିଲା। ଯାଞ୍ଚ ପରେ ଏହା ସାମନାକୁ ଆସିଥିଲା ଯେ, ଉମରର ସବୁଠାରୁ ଭରସା ଯୋଗ୍ୟ ସହଯୋଗୀ ଥିଲା ଦାନିଶ। ଆକ୍ରମଣର ସବୁ ପର୍ଯ୍ୟାୟରେ ସେ ସାମିଲ ଥିଲା। ଏନ୍‌ଆଇଏ ଉମରର ଘନିଷ୍ଠ ସହଯୋଗୀ ଜାସିର ବିଲାଲ ଭାନିକୁ ଶ୍ରୀନଗରରୁ ଗିରଫ କରିଥିଲା। ଜାସିର ଓରଫ୍ ଦାନିସ ଆତଙ୍କୀ ଆକ୍ରମଣ ପାଇଁ ଡ୍ରୋନ୍ ଓ ରକେଟ୍ ତିଆରି କରିଥିଲା। ସେଭଳି ଆମିର ରଶିଦ ଅଲ୍ଲୀ ମଧ୍ୟ ଗିରଫ ହୋଇସାରିଛି। ଏହା ପରେ ଭାରତ ବିରୋଧରେ ବହୁ ପରିମାଣରେ ଧ୍ୱଂସର ପୁରା ଷଡଯନ୍ତ୍ରର ପର୍ଦ୍ଦାଫାଶ ହୋଇଛି। ଏନ୍‌ଆଇର କହିବା ଅନୁସାରେ, ଅନନ୍ତନାଗର କାଜିଗୁଣ୍ଡ ନିବାସୀ ଭାନିକୁ ସୋମବାର ଶ୍ରୀନଗରରୁ ଗିରଫ କରାଯାଇଥିଲା। ସେ କଥିତ ଭାବରେ ଡ୍ରୋନରେ ପରିବର୍ତ୍ତନ କରି ଓ ଘାତକ କାର ବମ୍ ବିସ୍ଫୋରଣ ପୂର୍ବରୁ ରକେଟ୍ ତିଆରି କରିବାର ଚେଷ୍ଟା କରିଥିଲା।

# ଏସସିଓରେ ଜୟଶଙ୍କରଙ୍କ ଚେତାବନୀ

# ଜବାବ ଦେବାର ଅଧିକାର ଭାରତ ପାଖରେ ଅଛି




ନୂଆଦିଲ୍ଲୀ,୧୮।୧୧: ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣ ପରେ ଭାରତରେ ଆତଙ୍କବାଦୀଙ୍କ ବିରୁଦ୍ଧରେ ସରକାରଙ୍କ ଅପରେସନ ଜାରି ରହିଛି । ଜାମ୍ମୁ କାଶ୍ମୀରର ଅନେକ ଡାକ୍ତର ଭାରତରେ ଆତଙ୍କବାଦୀ ଗତିବିଧିରେ ଲିପ୍ତ ଥିବା ଅଭିଯୋଗରେ ଗିରଫ ହୋଇସାରିଛନ୍ତି । ଏନଆଇଏ ସମେତ ଅନ୍ୟ ତଦନ୍ତକାରୀ ଏଜେନ୍ସିଙ୍କ ଦ୍ୱାରା ଜାରି କାର୍ଯ୍ୟାନୁଷ୍ଠାନ ଭିତରେ ବିଦେଶ ମନ୍ତ୍ରୀ ଏସ୍.ଜୟଶଙ୍କର ଅନ୍ତର୍ଜାତୀୟ ମଞ୍ଚରେ ଆତଙ୍କବାଦ ବିରୁଦ୍ଧରେ ଭାରତର ପ୍ରତିବଦ୍ଧତାକୁ ପୁଣିଥରେ ଦୋହରାଇଛନ୍ତି । ରୁଷର ରାଜଧାନୀ ମସ୍କୋରେ ଏସସିଓ କାଉନସିଲ୍ ଅଫ୍ ହେଡ୍ ଅଫ୍ ଗଭରମେଣ୍ଟର ବୈଠକରେ ଏସ୍. ଜୟଶଙ୍କର ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ ଆତଙ୍କବାଦ ବିରୁଦ୍ଧରେ ଭାରତକୁ ଜବାବ ଦେବାର ପୂରା ଅଧିକାର ଅଛି । ରୁଷରେ ଏସସିଓ ସମ୍ମିଳନୀରେ ଭାଗ ନେଇ ଭାରତର ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି, ଏହା ଜରୁରି ଯେ ଦୁନିଆ ଆତଙ୍କବାଦର ସବୁ ରୂପ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ଗ୍ରହଣ କରୁ । ଏହାକୁ କୌଣସି ପ୍ରକାରେ ଯଥାର୍ଥ କିମ୍ବା ଅଣଦେଖା କରାଯାଇପାରିବ ନାହିଁ । ଯେପରି ଭାରତ ପ୍ରଦର୍ଶିତ କରିଛି । ଆତଙ୍କବାଦ ବିରୁଦ୍ଧରେ ନିଜ ଲୋକଙ୍କୁ ସୁରକ୍ଷା କରିବାର ଅଧିକାର ଆମ ପାଖରେ ଅଛି ଓ ଆମେ ଏହାର ପ୍ରୟୋଗ କରିବୁ ।ଏସସିଓ ସମ୍ମିଳନୀରେ ଏସ୍ ଜୟଶଙ୍କର କହିଛନ୍ତି, 'ଆମକୁ ମନେ ରଖିବା ଦରକାର ଯେ ଏସସିଓ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ଉଗ୍ରବାଦର ମୁକାବିଲା ପାଇଁ ପ୍ରତିଷ୍ଠା ହୋଇଥିଲା । ଆତଙ୍କବାଦକୁ ଅଣଦେଖା କରାଯାଇପାରିବ ନାହିଁ ।'ଦିଲ୍ଲୀ ବିସ୍ଫୋରଣ ପରେ ଅନ୍ତର୍ଜାତୀୟ ସ୍ତରରେ ଏସ୍.ଜୟଶଙ୍କରଙ୍କ ଏହି ବକ୍ତବ୍ୟ ଆତଙ୍କବାଦ ବିରୋଧରେ ଭାରତର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି । ଉଲ୍ଲେଖଯୋଗ୍ୟ ଯେ ଦିନକ ପୂର୍ବେ ଭାରତର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ କହିଥିଲେ ଯେ ଦିଲ୍ଲୀ ବିସ୍ଫୋରଣର ଦୋଷୀମାନଙ୍କୁ ମାଟି ତଳୁ ଖୋଜି ବାହାର କରି ଦଣ୍ଡ ଦିଆଯିବ ।

## ଏମ୍ସ ଡାକ୍ତରଙ୍କ ଚେତାବନୀ
## ଦିଲ୍ଲୀରେ ହେଲଥ୍ ଏମର୍ଜେନ୍ସି ଭଳି ସ୍ଥିତି



ନୂଆଦିଲ୍ଲୀ,୧୮।୧୧ : ଦିଲ୍ଲୀରେ ପଲ୍ୟୁସନ ହେଲଥ୍ ଏମର୍ଜେନ୍ସି ଭଳି ସ୍ଥିତି ସୃଷ୍ଟି କରିଛି। ଏହା ଆମେ ନୁହେଁ , ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଅର୍ଥାତ୍ ଏମ୍ସର ଡାକ୍ତର କହିଛନ୍ତି। ଦିଲ୍ଲୀରେ ଗତ କିଛି ଦିନରୁ ପ୍ରଦୂଷଣର ସନ୍ଦର୍ଭରେ ଏମ୍ସର ପଲମୋନରୀ ମେଡିସିନର ବିଭାଗ ଅଧକ୍ଷ ଡାକ୍ତର ଅନନ୍ତ ମୋହନ କହିଛନ୍ତି, ରାଜଧାନୀରେ ହେଲଥ୍ ଏମର୍ଜେନ୍ସି ଭଳି ସ୍ଥିତି ରହିଛି। ସୁସ୍ଥ ଲୋକେ ମଧ୍ୟ ରୋଗାଗ୍ରସ୍ତ ହେଉଛନ୍ତି, ଏଥିପାଇଁ ପ୍ରଦୂଷଣ ହ୍ରାସ କରିବା ପାଇଁ ଉପଯୋଗୀ ପଦକ୍ଷେପ ନେବାକୁ ପଡ଼ିବ। ଡାକ୍ତର ଅନନ୍ତ ମୋହନ କହିଛନ୍ତି ଯେ, ଯେବେସୁଦ୍ଧା ସବୁ ହେଲଥ୍ ଏମର୍ଜେନ୍ସି ମାଗିବେ ନାହିଁ, ସେପର୍ଯ୍ୟନ୍ତ ଏଠାରେ ଏହି ସମସ୍ୟା ଦୂର ହେବ ନାହିଁ। ଲୋକେ ଅସୁସ୍ଥ ହେବା ଲାଗି ରହିବ। ଏମ୍ସର ଡାକ୍ତରଙ୍କ କହିବାନୁସାରେ,ଗତ ଦୁଇ-ତିନି ସପ୍ତାହରୁ ଶ୍ୱାସରୋଗୀ ୩୦-୪୦ ପ୍ରତିଶତ ବଢ଼ିଛନ୍ତି। ପ୍ରଦୂଷଣ ଶରୀରରର ପ୍ରତି ପାର୍ଟକୁ ପ୍ରଭାବିତ କରିଥାଏ। ଶ୍ୱାସରୋଗୀଙ୍କ ବ୍ୟତୀତ ବ୍ଲଡ୍ ପ୍ରେସର , ହାର୍ଟଆଟାକ୍ , ଷ୍ଟ୍ରୋକ୍ ଓ ମାନସିକ ରୋଗୀ ମଧ୍ୟ ସାମିଲ ଅଛନ୍ତି। ଗର୍ଭବତୀ ମହିଳାଙ୍କ ଉପରେ ମଧ୍ୟ ପ୍ରଭାବ ପଡ଼ିଥାଏ। ଡାକ୍ତର ଅନନ୍ତ ମୋହନ କହିଛନ୍ତି ଯେ, ଗରମରେ ମଧ୍ୟ ବାୟୁର ଗୁଣବତ୍ତା ଭଲ ରହେ ନାହିଁ। ସରକାରୀ ଏଜେନ୍ସି ଗୁଡ଼ିକ ପକ୍ଷରୁ ପ୍ରଦୂଷଣ ହ୍ରାସ କରିବା ପାଇଁ ଉଠାଯାଉ ଥିବା ପଦକ୍ଷେପ ପ୍ରଭାବୀ ନୁହେଁ। ସୁରକ୍ଷା ପାଇଁ ଏନ-୯୫ ମାସ୍କ ପିନ୍ଧିବା ଜରୁରୀ। ଦିଲ୍ଲୀରେ ଖୋଲା ସ୍ଥାନ ନାହିଁ। ଧୂଳି ଓ ଧୂଆଁ ବାହାରିବାକୁ ସ୍ଥାନ ନାହିଁ। ଏହା ବ୍ୟତୀତ ସୁପ୍ରିମକୋର୍ଟ ସୋମବାର ଦିଲ୍ଲୀ-ଏନସିଆରରେ ବାୟୁ ପ୍ରଦୂଷଣର ଦୀର୍ଘକାଳୀନ ସମାଧାନର ସମର୍ଥନ କରି , ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ (ଏଜଇଚ) ଅନୁସାରେ ପ୍ରତିବନ୍ଧିତ ସବୁ କାର୍ଯ୍ୟକଳାପ ଉପରେ ବର୍ଷ ସାରା ପ୍ରତିବନ୍ଧ ଲଗାଇବାକୁ ମନା କରିଦେଇଛନ୍ତି। ସୁପ୍ରିମକୋର୍ଟ ପଞ୍ଜାବ ଓ ହରିଆଣା ସରକାରଙ୍କୁ ଦୁଇ ରାଜ୍ୟରେ ନଡ଼ା ଜଳାଇବା ମାମଲାରେ ବାୟୁ ଗୁଣବତ୍ତା ପ୍ରବନ୍ଧନ ଆୟୋଗ (ସିଏକ୍ୟୁଏମ)ର ନିର୍ଦ୍ଦେଶର ଦୃଢ଼ଭାବେ ପାଳନ କରିବାକୁ କହିଛନ୍ତି।

## ଗାଜାରେ ଆମେରିକାର ଶାନ୍ତି ଯୋଜନାକୁ ଅନୁମୋଦନ କଲା ଜାତିସଂଘ ସୁରକ୍ଷା ପରିଷଦ



ୱାଶିଂଟନ,୧୮।୧୧: ସୋମବାର ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସସି) ଗାଜାରେ ଆମେରିକାର ଶାନ୍ତି ଯୋଜନାକୁ ଅନୁମୋଦନ କରିଛି, ଯାହା ଗାଜାରେ ଅନ୍ତର୍ଜାତୀୟ ସୁରକ୍ଷା ବାହିନୀ ମୁତୟନ ପାଇଁ ପଥ ପ୍ରଶସ୍ତ କରିଛି। ୟୁଏନଏସସି ଗାଜାରେ ଏକ ଅନ୍ତର୍ଜାତୀୟ ସ୍ଥିରୀକରଣ ବାହିନୀ ମୁତୟନ ଏବଂ ଭବିଷ୍ୟତର ପାଲେଷ୍ଟାଇନୀ ରାଷ୍ଟ୍ର ପାଇଁ ଏକ ସମ୍ଭାବ୍ୟ ପଥ ମଧ୍ୟ ଉଲ୍ଲେଖ କରିଛି। ରୁଷିଆ ଏବଂ ଚାଇନା ଭୋଟରୁ ବିରତ ରହିଥିଲେ, କିନ୍ତୁ ୧୩ଟି ଦେଶ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିଲେ। ଆମେରିକା ଆଶା କରୁଥିଲା ଯେ ରୁଷିଆ ଏହାର ଭିଟୋ ବ୍ୟବହାର କରିବ ନାହିଁ। ୱାଶିଂଟନର ୨୦-ସୂତ୍ରୀ ଢାଞ୍ଚା ଅନୁଯାୟୀ ଗାଜାରେ ଚାଲିଥିବା ସଂଘର୍ଷର ଅନ୍ତ ପାଇଁ ଏହାକୁ ପ୍ରଥମ ବ୍ୟାପକ ଅନ୍ତର୍ଜାତୀୟ ପଦକ୍ଷେପ ବୋଲି ବିବେଚନା କରାଯାଏ। ଏହି ପ୍ରସ୍ତାବକୁ ହମାସ ଏବଂ ଇସ୍ରାଏଲ ମଧ୍ୟରେ ଦୁଇ ବର୍ଷ ଧରି ଚାଲିଥିବା ଯୁଦ୍ଧ ପରେ ଗାଜାରେ ଦୁର୍ବଳ ଅସ୍ତ୍ରବିରତିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ମଧ୍ୟ ବିବେଚନା କରାଯାଏ। ଅନେକ ଆରବ ଏବଂ ମୁସଲିମ ଦେଶ ପୂର୍ବରୁ ସୂଚାଇ ଦେଇଥିଲେ ଯେ ସୁରକ୍ଷା ପରିଷଦ ଆନୁଷ୍ଠାନିକ ଭାବରେ ଏହାକୁ ଅନୁମୋଦନ କଲେ ସେମାନେ କେବଳ ଗାଜାକୁ ଅନ୍ତର୍ଜାତୀୟ ସୁରକ୍ଷା ବାହିନୀ ପଠାଇବାରେ ଅଂଶଗ୍ରହଣ କରିବେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗାଜାରେ ଶାନ୍ତି ପ୍ରତିଷ୍ଠା ପାଇଁ ୨୦-ସୂତ୍ରୀ ଯୋଜନାର ରୂପରେଖା ଦେଇଥିଲେ। ରାଷ୍ଟ୍ରପତି ଟ୍ରମ୍ପଙ୍କ ନେତୃତ୍ୱରେ ଏହି ପ୍ରସ୍ତାବ 'ଶାନ୍ତି ବୋର୍ଡ' ନାମକ ଏକ ଅସ୍ଥାୟୀ କର୍ତ୍ତୃପକ୍ଷ ପ୍ରତିଷ୍ଠା କରିବ। ଏହି ବୋର୍ଡ ଏବଂ ସୁରକ୍ଷା ବାହିନୀ ଗାଜାର ସୀମା ନିରୀକ୍ଷଣ, ସୁରକ୍ଷା ବଜାୟ ରଖିବା ଏବଂ ସମଗ୍ର ଅଞ୍ଚଳରେ ଏକ ଅସ୍ତ୍ରମୁକ୍ତ ଅଞ୍ଚଳ ବଜାୟ ରଖିବା ସମେତ ବିଭିନ୍ନ କାର୍ଯ୍ୟ ତଦାରଖ କରିବେ। ଏହି ଅନୁମୋଦନ ୨୦୨୭ ଶେଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ।

## ଆମେରିକାରୁ ଭାରତ ଆସିବ ଗ୍ୟାଙ୍ଗଷ୍ଟର ଅନମୋଲ ବିଷ୍ଣୋଇ



ନୂଆଦିଲ୍ଲୀ,୧୮।୧୧: କୁଖ୍ୟାତ ଅପରାଧୀ ଲରେନ୍ସ ବିଷ୍ଣୋଇର ଭାଇ ଗ୍ୟାଙ୍ଗଷ୍ଟର ଅନମୋଲ ବିଷ୍ଣୋଇଙ୍କୁ ଆମେରିକାରୁ ଭାରତ ଫେରାଇ ଅଣାଯାଉଛି । ଅନମୋଲ ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ବାବା ସିଦ୍ଦିକଙ୍କ ହତ୍ୟା ଏବଂ ଅଭିନେତା ସଲମାନ ଖାନଙ୍କ ବାସଭବନ ବାହାରେ ହୋଇଥିବା ଗୁଳିକାଣ୍ଡ ପଛରେ ସାମିଲ ଥିଲା। ଏଥିସହିତ ଅନମୋଲ ଏକାଧିକ ହାଇ-ପ୍ରୋଫାଇଲ୍ ମାମଲାରେ ମୁଖ୍ୟ ଅଭିଯୁକ୍ତ ରହିଛି। ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଅନମୋଲ ବିଷ୍ଣୋଇଙ୍କୁ ଆମେରିକାରୁ ପଠାଇବା ପ୍ରକ୍ରିୟା ଶେଷ ହୋଇଛି। ବିଷ୍ଣୋଇ ଗ୍ୟାଙ୍ଗ ଉତ୍ତର ଆମେରିକାରେ ନେଟୱର୍କ ଚଳାଉଛି। ଭାରତୀୟ ଏଜେନ୍ସିଗୁଡ଼ିକ ଏହି ନେଟୱର୍କ ଭାଙ୍ଗିବାକୁ ଚାହୁଁଥିବାରୁ ଅନମୋଲର ପ୍ରତ୍ୟର୍ପଣ ଏକ ବଡ଼ ଉପଲବ୍ଧି ହୋଇପାରେ। ଅନମୋଲକୁ ଗତ ବର୍ଷ ନଭେମ୍ବର ମାସରେ ଆମେରିକୀୟ ପ୍ରଶାସନ ଅଟକ ରଖିଥିଲା। ଏହାପରେ ତାକୁ ଭାରତ ଫେରାଇ ଆଣିବାକୁ ଉଦ୍ୟମ ଜାରି ରହିଥିଲା। ଏନସିପି ନେତା ବାବା ସିଦ୍ଦିକଙ୍କ ହତ୍ୟାର ମୁଖ୍ୟ ଷଡଯନ୍ତ୍ରକାରୀ ଭାବେ ପୁଲିସ ଏଫ୍‌ଆଇଆରେ ଅନମୋଲ ବିଷ୍ଣୋଇର ନାଁ ରହିଛି।୧୨ ଅକ୍ଟୋବର,୨୦୨୪ ରାତିରେ ମୁମ୍ବାଇର ବାନ୍ଦ୍ରା ଅଞ୍ଚଳରେ ତାଙ୍କ ପୁଅ ଜିଶାନଙ୍କ କାର୍ଯ୍ୟାଳୟ ବାହାରେ ୩ ଜଣ ଆକ୍ରମଣକାରୀ ୬୬ ବର୍ଷୀୟ ସିଦ୍ଦିକଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏଥିରେ ପୁଲିସ ୨୬ ଜଣଙ୍କ ନାଁରେ ଚାର୍ଜଶିଟ ବନାଇଥିଲା। ଏଥିରେ ଅନମୋଲ ବିଷ୍ଣୋଇ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିଲା। ମାମଲାରେ ଗିରଫ ଅଭିଯୁକ୍ତମାନଙ୍କଠାରୁ ପୋଲିସ ଭଏସ୍ କ୍ଲିପ୍ ଜବତ କରିଥିଲା। ଯେଉଁଥିରେ ଅନମୋଲର ନିର୍ଦ୍ଦେଶରେ ଏହି ଘଟଣା ହୋଇଥିବା ଜଣାପଡ଼ିଥିଲା। ସେହିପରି ଏପ୍ରିଲ ୨୦୨୪ରେ ଅଭିନେତା ସଲମାନ ଖାନଙ୍କ ବାନ୍ଦ୍ରା ଘର ବାହାରେ ହୋଇଥିବା ଗୁଳିକାଣ୍ଡ ଘଟଣାର ମଧ୍ୟ ଅନମୋଲ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିଲା।

## ଦିଲ୍ଲୀର ୪ କୋର୍ଟ ଓ ଦୁଇ ସ୍କୁଲକୁ ବୋମାରେ ଉଡାଇବାକୁ ଧମକ

ନୂଆଦିଲ୍ଲୀ,୧୮।୧୧: ଦିଲ୍ଲୀର ୪ ଜିଲ୍ଲା କୋର୍ଟକୁ ମଙ୍ଗଳବାର ବୋମା ବିସ୍ଫୋରଣ କରି ଉଡାଇବାର ଧମକ। ଏହାପରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରି ଦିଆଯାଇଛି। ସାକେତ, ଦ୍ୱାରକା, ପଟିୟାଲା ହାଉସ ଓ ରୋହିଣୀ କୋର୍ଟକୁ ତୁରନ୍ତ ଖାଲି କରି ତଲାସୀ ଅଭିଯାନ ଚାଲିଥିଲା। ବମ୍ ଧମକ କାରଣରୁ କୋର୍ଟ କାର୍ଯ୍ୟାନୁଷ୍ଠାନ ତୁରନ୍ତ ବନ୍ଦ କରିଦିଆଯାଇଥିଲା।ସବୁ ବିଚାରପତି,ଓକିଲ,କର୍ମଚାରୀ ଓ ଆଗନ୍ତୁକଙ୍କୁ ତୁରନ୍ତ ବିଲ୍ଡିଂରୁ ବାହାର କରି ଦିଆଯାଇଥିଲା। ବମ୍ ନିରୋଧି ଦଳ ଓ ସୁରକ୍ଷାକର୍ମୀ ପୁରା ପରିସରକୁ ଯାଞ୍ଚ କରିଥିଲେ। ସୁରକ୍ଷା ଯାଞ୍ଚ ପୁରା ହେବା ପରେ ମଧ୍ୟାହ୍ନ ଭୋଜନ ପରେ କୋର୍ଟ କାର୍ଯ୍ୟାନୁଷ୍ଠାନ ପୁଣିଥରେ ଆରମ୍ଭ କରିବାର ଅନୁମତି ମିଳିପାରେ। ସାକେତ କୋର୍ଟ ବାରଆସୋସିଏସନ୍ ସଚିବ, ଅନିଲ ବସୋୟା କୋର୍ଟର ଓକିଲ ଏବଂ ଅନ୍ୟ କର୍ମଚାରୀଙ୍କୁ ଆଗାମୀ ଦୁଇ ଘଣ୍ଟା କାର୍ଯ୍ୟ ବନ୍ଦ କରିବାର ସୂଚନା ଦେଇଥିଲେ।

## ଚାଷୀଙ୍କୁ ଆଉ ଏକ ବଡ଼ ଉପହାର
## ବନ୍ୟପ୍ରାଣୀଙ୍କ ଦ୍ୱାରା ଫସଲ କ୍ଷତି 'ସ୍ଥାନୀୟ ବିପଦ' ମାନ୍ୟତା

ନୂଆଦିଲ୍ଲୀ.୧୮।୧୧(ପିଆଇବି): କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ) ଅଧୀନରେ ଚାଷୀମାନଙ୍କୁ ଏକ ବଡ଼ ଉପହାର ଘୋଷଣା କରିଛି। ବନ୍ୟପ୍ରାଣୀଙ୍କ ଉପଦ୍ରବ ଏବଂ ଧାନ କ୍ଷେତରେ ଜଳବନ୍ଦୀ ସମସ୍ୟା ଯୋଗୁଁ ଫସଲ କ୍ଷତି ଲାଗି କ୍ଷତିପୂରଣ ଦେବା ପାଇଁ ମନ୍ତ୍ରଣାଳୟ ଆନୁଷ୍ଠାନିକ ଭାବରେ ନୂତନ ପ୍ରକ୍ରିୟାକୁ ଅନୁମୋଦନ କରିଛି। ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, ସ୍ଥାନୀୟ ବିପଦ ବର୍ଗ ଅଧୀନରେ ବନ୍ୟ ପ୍ରାଣୀମାନଙ୍କ ଦ୍ୱାରା ଫସଲ ନଷ୍ଟକୁ ପଞ୍ଚମ 'ଆଡ୍-ଅନ୍ କଭର' ଭାବରେ ସ୍ୱୀକୃତି ଦିଆଯାଇଛି। ରାଜ୍ୟ ସରକାରଗୁଡ଼ିକ ବନ୍ୟପ୍ରାଣୀଙ୍କ ସୂଚୀ ଅଧିସୂଚୀତ କରିବେ ତଥା ଐତିହାସିକ ତଥ୍ୟ ଆଧାରରେ ଅତ୍ୟଧିକ ପ୍ରଭାବିତ ଜିଲ୍ଲା/ବୀମା ୟୁନିଟଗୁଡ଼ିକୁ ଚିହ୍ନଟ କରିବେ। ଚାଷୀମାନଙ୍କୁ ଫସକ୍ଷ କ୍ଷତି ସୂଚନା ୭୨ ଘଣ୍ଟା ମଧ୍ୟରେ ଫସଲ ବୀମା ଆପ୍‌ରେ ଜିୟୋ-ଟ୍ୟାଗ ହୋଇଥିବା ଫଟୋ ସହିତ ଦାଖଲ କରିବାକୁ ହେବ। ବିଭିନ୍ନ ରାଜ୍ୟର ଦୀର୍ଘକାଳୀନ ଦାବି ଏବଂ ଚାଷୀମାନଙ୍କୁ ଆକସ୍ମିକ, ସ୍ଥାନୀୟ ଓ ଗୁରୁତର ଫସଲ କ୍ଷତିରୁ ସୁରକ୍ଷା ଦେବା ପାଇଁ ଏହି ନିଷ୍ପତ୍ତି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରକ୍ରିୟାଗୁଡ଼ିକୁ ପିଏମଏଫବିୱାଇ କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀ ଅନୁସାରେ ବୈଜ୍ଞାନିକ, ସ୍ୱଚ୍ଛ ଏବଂ ବ୍ୟବହାରିକ ଭାବରେ ଡିଜାଇନ୍ କରାଯାଇଛି ଏବଂ ଖରିଫ ୨୦୨୬ରୁ ସାରା ଦେଶରେ କାର୍ଯ୍ୟକାରୀ କରାଯିବ।ହାତୀ, ଜଙ୍ଗଲି ଘୁଷୁରୀ, ନୀଳଗାଈ, ହରିଣ ଏବଂ ମାଙ୍କଡ଼ ଭଳି ବନ୍ୟ ପ୍ରାଣୀଙ୍କ ଆକ୍ରମଣ ଯୋଗୁଁ ସାରା ଦେଶର ଚାଷୀମାନେ ଦୀର୍ଘ ଦିନ ଧରି ଫସଲ କ୍ଷତିର ସମ୍ମୁଖୀନ ହୋଇଆସୁଛନ୍ତି। ବିଶେଷକରି ବନାଞ୍ଚଳ, ଜଙ୍ଗଲ କରିଡର ଏବଂ ପାହାଡିଆ ଅଞ୍ଚଳ ନିକଟରେ ରହୁଥିବା ଚାଷୀମାନେ ପ୍ରାୟତଃ ଏହି ସମସ୍ୟାର ସାମ୍ନା କରିଥା'ନ୍ତି। ଏପର୍ଯ୍ୟନ୍ତ, ଫସଲ ବୀମା ଯୋଜନା ଦ୍ୱାରା ଏପରି କ୍ଷତିକୁ କଭର କରାଯାଇ ନଥିଲା, ଯାହା ଫଳରେ ସେମାନେ ଯଥେଷ୍ଟ ଆର୍ଥିକ କ୍ଷତି ସହିଥା'ନ୍ତି। ଅନ୍ୟପକ୍ଷରେ, ଉପକୂଳ ଓ ବନ୍ୟାପ୍ରବଣ ଅଞ୍ଚଳର ଧାନ ଚାଷୀମାନେ ବର୍ଷା ଯୋଗୁଁ ଜଳବନ୍ଦୀ ଏବଂ ନଦୀ ଓ ଝରଣାରେ ବଢ଼ି ପାଣି ଆସିବା କାରଣରୁ ପ୍ରଚୁର କ୍ଷତି ସହିଥା'ନ୍ତି ।

## ନିଦ ହଜାଇଦେଲା ଆତଙ୍କବାଦୀ ଉମରର ନୂଆ ଭିଡିଓ

ନୂଆଦିଲ୍ଲୀ, ୧୮।୧୧: ସାମ୍ନାକୁ ଆସିଛି ଦିଲ୍ଲୀ ବିସ୍ଫୋରଣର ମାଷ୍ଟରମାଇଣ୍ଡ ଉମରର ଭିଡିଓ । ଲାଲକିଲ୍ଲା ନିକଟରେ ଘଟିଥିବା ବିସ୍ଫୋରଣର ମୁଖ୍ୟ ଷଡଯନ୍ତ୍ରକାରୀ ମହମ୍ମଦ ଉମର ନବୀର ଏବେ ଏକ ଭିଡିଓ ଭାଇରାଲ ହେଉଛି । ଯାହା ସେ ବିସ୍ଫୋରଣ ପୂର୍ବରୁ ସୁଟ୍ କରିଥିଲା । ଘଟଣାର ୭ଦିନ ପରେ ଆସିଥିବା ଭିଡିଓ ସୁରକ୍ଷା ଅଧିକାରୀଙ୍କ ନିଦ ହଜାଇ ଦେଇଛି । ଭିଡିଓରେ ଉମର ଇଂରାଜୀରେ କହୁଛି ଯେ, ଆତ୍ମଘାତୀ ଆକ୍ରମଣ ବା ସୁଇସାଇଡ୍ ବମ୍ବିଂ ଖରାପ ନୁହେଁ । ଏହା ସମ୍ପୂର୍ଣ୍ଣ ଠିକ୍ । ଭିଡିଓରେ ଆତଙ୍କବାଦୀ ଉମର ଏକା ଥିବା ବେଳେ କ୍ୟାମେରା ଆଗରେ ସେ ଅନେକ କଥା କହୁଛି । ସେ କହୁଛି ଯେ, ସୁଇସାଇଡ ବମ୍ବିଂକୁ ଅନେକ ଠିକ ଭାବରେ ବୁଝି ପାରି ନାହାଁନ୍ତି । ସାଧାରଣ ବୋମା ବିସ୍ଫୋରଣ ଏବଂ ଆତ୍ମଘାତୀ ବିସ୍ଫୋରଣ ଭିତରେ ଫରକ ରହିଛି । ଏଠାରେ ବିଚାରଗତ ଫରକ ରହିଛି । ଯାହାକୁ ଅନେକ ବିରୋଧ କରିଥାନ୍ତି । ଆତ୍ମଘାତୀ ବିସ୍ଫୋରଣର ମୁଖ୍ୟ ସମସ୍ୟା ହେଲା ଏଥିରେ ବ୍ୟକ୍ତି କେଉଁ ସ୍ଥାନରେ ଏବଂ କେତେବେଳେ ପ୍ରାଣ ହରାଇବ ତାହା ନିଶ୍ଚିତ କରିଥାଏ । ମରଣ ହିଁ ଏକମାତ୍ର ସତ୍ୟ ବୋଲି ସେ ଭାବିଥାଏ । ସେ ଆହୁରି କହିଛି ଯେ, ଏ କଥାକୁ ଅନେକ ସ୍ୱୀକାର କରିପାରନ୍ତି ନାହିଁ । କାରଣ ଏହା ସମାଜ, ଜୀବନ ଏବଂ ଆଇନକୁ ଉଲ୍ଲଙ୍ଘନ କରିଥାଏ ।

# 'ସମସ୍ତଙ୍କ ପାଇଁ ଯୁବା ଏଆଇ' ଆରମ୍ଭ




ନୂଆଦିଲ୍ଲୀ,୧୮।୧୧(ପିଆଇବି): ଇଣ୍ଡିଆ ଏଆଇ ମିଶନ ଅଧୀନରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ (ଏମଇଆଇଟିୱାଇ) 'ସମସ୍ତଙ୍କ ପାଇଁ ଯୁବା ଏଆଇ' ଆରମ୍ଭ କରିଛି, ଏହା ଏକ ପ୍ରକାରର ପ୍ରଥମ ମାଗଣା ପାଠ୍ୟକ୍ରମ ଯାହା ସମସ୍ତ ଭାରତୀୟଙ୍କୁ, ବିଶେଷକରି ଯୁବପିଢ଼ିଙ୍କୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ସହିତ ପରିଚିତ କରାଏ। ଏହି ଛୋଟ, ୪.୫ ଘଣ୍ଟାର ପାଠ୍ୟକ୍ରମ ଛାତ୍ର, ବୃତ୍ତିଗତ ଏବଂ ଅନ୍ୟ ଜିଜ୍ଞାସୁ ଶିକ୍ଷାର୍ଥୀଙ୍କୁ ଏଆଇ ବିଷୟରେ ଅବଗତ କରିବା ଏବଂ ଏହା କିପରି ବିଶ୍ୱକୁ ପରିବର୍ତ୍ତନ କରୁଛି ତାହା ଦେଖାଇବା ପାଇଁ ଡିଜାଇନ୍ କରାଯାଇଛି। ଏହା ସରଳ, ବ୍ୟବହାରିକ ଏବଂ ବାସ୍ତବ ଜୀବନର ଭାରତୀୟ ପରିପ୍ରେକ୍ଷୀରେ ପରିପୂର୍ଣ୍ଣ ଯାହା ଶିକ୍ଷାକୁ ମଜାଦାର କରିଥାଏ। ଏହି ପାଠ୍ୟକ୍ରମ ପ୍ରମୁଖ ଶିକ୍ଷା ପ୍ଲାଟଫର୍ମ – ଫ୍ୟୁଚରସ୍କିଲସ ପ୍ରାଇମ୍, ଆଇଜିଓଟି କର୍ମଯୋଗୀ, ଏବଂ ଅନ୍ୟାନ୍ୟ ଲୋକପ୍ରିୟ ଶିକ୍ଷାର୍ଥୀ ପୋର୍ଟାଲରେ ମାଗଣାରେ ଉପଲବ୍ଧ। ପାଠ୍ୟକ୍ରମ ସମାପ୍ତ କରୁଥିବା ପ୍ରତ୍ୟେକ ଶିକ୍ଷାର୍ଥୀ ଭାରତ ସରକାରଙ୍କ ଠାରୁ ଏକ ସରକାରୀ ପ୍ରମାଣପତ୍ର ପାଇବେ। ଛଅଟି ଛୋଟ, ଆକର୍ଷଣୀୟ ମଡ୍ୟୁଲ୍ ମାଧ୍ୟମରେ, ଶିକ୍ଷାର୍ଥୀମାନେ ଏଆଇ ପ୍ରକୃତରେ କ'ଣ ଏବଂ ଏହା କିପରି କାମ କରେ ତାହା ଆବିଷ୍କାର କରିବେ। ଏହା ୧୦୦ ପ୍ରତିଶତ ମାଗଣା ଏବଂ ସମସ୍ତଙ୍କ ପାଇଁ ଉନ୍ମୁକ୍ତ। ଏହା ଯେକୌଣସି ସମୟରେ, ଯେକୌଣସି ସ୍ଥାନରେ ନିଜ ଗତିରେ ଶିଖିବାକୁ ସୁଯୋଗ ଦିଏ। ଶିକ୍ଷାର୍ଥୀମାନେ ଭାରତ ସରକାରଙ୍କ ପ୍ରମାଣପତ୍ର ପାଇପାରିବେ। ଏପରି ଦକ୍ଷତା ହାସଲ କରିପାରିବେ ଯାହା ଦ୍ୱାରା ଜଣେ ଭବିଷ୍ୟତ ପାଇଁ ପ୍ରସ୍ତୁତ ହୋଇପାରିବେ। ଏହା ଏକ ଏଆଇ-ଚାଳିତ ରାଷ୍ଟ୍ର ହେବା ଦିଗରେ ଭାରତର ଯାତ୍ରାର ଏକ ଅଂଶ। ଏହି ପଦକ୍ଷେପ ସହିତ, ଏମଇଆଇଟିୱାଇ ୧ କୋଟି (୧୦ ନିୟୁତ) ନାଗରିକଙ୍କୁ ମୌଳିକ ଏଆଇ ଦକ୍ଷତା ସହିତ ସଶକ୍ତ କରିବାର ଲକ୍ଷ୍ୟ ରଖିଛି। ଏହା ଡିଜିଟାଲ୍ ବିଭାଜନକୁ ଦୂର କରିବାରେ ସାହାଯ୍ୟ କରିବା, ନୈତିକ ଏଆଇ ଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଭବିଷ୍ୟତ ପାଇଁ ଭାରତର କର୍ମଶକ୍ତିକୁ ପ୍ରସ୍ତୁତ କରିବାରେ ସହାୟତା କରୁଛି। ସଂଗଠନ, ସ୍କୁଲ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକ ଇଣ୍ଡିଆ ଏଆଇ ସହିତ ସହଭାଗୀ ହୋଇପାରିବେ ଯାହା ଦ୍ୱାରା ପାଠ୍ୟକ୍ରମ ଦେଶର ପ୍ରତ୍ୟେକ କୋଣରେ ପହଞ୍ଚିପାରିବ।

# ସାଲିଆସାହିରେ ବୁଲଡୋଜର ବୁଲିଲା

- ବାମପଟ ସମାନ୍ତରାଳ ରାସ୍ତା ଲାଗି ବିଡିଏର ଉଚ୍ଛେଦ
- ବସ୍ତିବାସିନ୍ଦା ଓ ଉଚ୍ଛେଦକାରୀ ମୁହାଁମୁହିଁ
- ଉତ୍ୟକ୍ତ ଲୋକେ ଜେସିବି ଆଗରେ ଶୋଇ ପ୍ରତିବାଦ କଲେ
- ବିଡିଏ ଅନୁରୋଧରେ ୫ ପ୍ଲାଟୁନ ପୋଲିସ ମୁତୟନ

ଭୁବନେଶ୍ୱର(ନିପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି), ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ କମିଶନରେଟ ପୋଲିସ୍ ପକ୍ଷରୁ ସାଲିଆସାହିରେ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରାଯାଇଛି । ବାମପଟ ସମାନ୍ତରାଳ ରାସ୍ତା ଲାଗି ଦୀର୍ଘଦିନ ହେବ ଏହା ଭଙ୍ଗାଯିବାକୁ ଥିବାବେଳେ ଘରଗୁଡ଼ିକୁ ଚିହ୍ନଟ କରାଯାଇଥିଲା । ଉଚ୍ଛେଦ ଲାଗି ଘନ ଘନ ସମୀକ୍ଷା ଓ ବାସିନ୍ଦାଙ୍କୁ ଅନ୍ୟତ୍ର ଥଇଥାନ କରିବାକୁ ଯୋଜନା ସତ୍ତ୍ୱେ କିଛି ସମ୍ଭବପର ହୋଇପାରି ନଥିଲା । ପ୍ରତ୍ୟେକଙ୍କୁ ସୋମବାର ଅପରାହ୍ଣରେ ଏ ସଂପର୍କରେ ଅବଗତ କରାଯାଇଥିବା ବେଳେ ଡାକବାଜି ଯନ୍ତ୍ର ଘର ଘର ବୁଲି ଅବଗତ କରାଇଥିଲା । ମଙ୍ଗଳବାର ଉଚ୍ଛେଦ ଲାଗି ମିଳିତ ଉଚ୍ଛେଦକାରୀ ଦଳ ଆସିଥିବାବେଳେ ଅଧିକାରୀ ଓ ବସ୍ତିବାସିନ୍ଦା ମୁହାଁମୁହିଁ ହୋଇଛନ୍ତି । ମଙ୍ଗଳବାର ପ୍ରଥମେ ମାଇକ ଯୋଗେ ବସ୍ତିବାସିନ୍ଦାଙ୍କୁ ନିଜ ନିଜର ଆସବାବପତ୍ର ବାହାର କରିବାକୁ କୁହାଯାଇଥିଲା । ବିଏମସିର ଡାକବାଜି ଯନ୍ତ୍ର ପ୍ରଚାର କରିବା ପରେ ସାଲିଆ ସାହିରେ ଚାପା ଉତ୍ତେଜନା ଦେଖାଦେଇଥିଲା । ଥଇଥାନ ନକରି କେମିତି ଉଚ୍ଛେଦ କରାଯିବ, ଏହା ଆଇନ୍ ବିରୋଧୀ ବୋଲି ବସ୍ତିବାସିନ୍ଦା କହିଥିଲେ । ବାମ ସମାନ୍ତରାଳ ରାସ୍ତା ପାଇଁ ଶହେରୁ ଊର୍ଦ୍ଧ୍ୱ ଘରକୁ ପୂର୍ବରୁ ଭଙ୍ଗା ଯାଇଥିବାବେଳେ ଏମାନଙ୍କୁ ବୁଦ୍ଧବିହାରରେ ଥଇଥାନ କରାଯାଇଥିଲା । ସୂଚନାଯୋଗ୍ୟ, ୨୦୨୧ ଜୁନ ମାସ ସୁଦ୍ଧା ବାମପଟ ସମାନ୍ତରାଳ ରାସ୍ତା କାମ ସାରିବାକୁ ତତ୍କାଳୀନ ରାଜ୍ୟ ସରକାର ତଥା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସ୍ଥିତି ସମୀକ୍ଷା କରି ନିର୍ଦ୍ଦେଶ ଦେଇଥିଲେ । ଜନଗହଳିପୂର୍ଣ୍ଣ ଏହି ରାସ୍ତାରୁ ଭିଡ଼ କମାଇବା ଲାଗି ଡାହାଣ ଓ ବାମ ପାର୍ଶ୍ୱରେ ସମାନ୍ତରାଳ ଭାବେ ଦୁଇଟି ରାସ୍ତା ନିର୍ମାଣ ହେଉଥିଲେ ମଧ୍ୟ ଏହି ୨ଟି ମନ୍ଥର ଗତିରେ ଚାଲିଛି । କେଉଁଠି ଜବରଦଖଲ ସମସ୍ୟା ସୃଷ୍ଟି କରୁଛି ତ ଆଉ କେଉଁଠି ଜଙ୍ଗଲ ଜମି ପ୍ରତିବନ୍ଧକ ସାଜିଛି । ଏ ସଂପର୍କରେ ଲଗାତାର ଭାବେ ଖବର ପ୍ରକାଶ ପାଇବା ପରେ ଉଚ୍ଛେଦ ଆରମ୍ଭ ହୋଇଥିବା ବିଏମସି ଓ ବିଡିଏ ପକ୍ଷରୁ କୁହାଯାଇଛି । ଯେଉଁଠି ପ୍ରତିବନ୍ଧକ ରହିଛି, ତାହାର ତୁରନ୍ତ ସମାଧାନ କରିବା ସହ ଉଭୟ ସମାନ୍ତରାଳ ରାସ୍ତା କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ରହିଥିବାରୁ ଉଚ୍ଛେଦକୁ ବ୍ୟାପକ କରାଯିବ । ସପ୍ତାହେ ଏହି ଉଚ୍ଛେଦ କାର୍ଯ୍ୟ ଚାଲିବାକୁ ଥିବାବେଳେ ପ୍ରଥମ ଦିନରେ ୪୦ରୁ ୫୦ ଘର ଭାଙ୍ଗିଥିବା ବିଡିଏ ପକ୍ଷରୁ ସୂଚନା ମିଳିଛି । ତେବେ ବର୍ତ୍ତମାନ ସମୟରେ ଜୟଦେବବିହାର-ନନ୍ଦନକାନନ ରାସ୍ତାର ଜାମ ରହୁଥିବାବେଳେ ବାମପଟେ ସାଲିଆସାହି ଲାଗି ନିର୍ମାଣ କାର୍ଯ୍ୟ ଅଟକିଛି । ଏହି ରାସ୍ତାରେ ଜବରଦଖଲରେ ଥିବା ଲୋକଙ୍କୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବା ସହ ପୁନଃଥଇଥାନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବାବେଳେ ମଙ୍ଗଳବାର ଏକପ୍ରକାର ପୋଲିସ୍ ଓ ବସ୍ତିବାସିନ୍ଦାଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିବା ନଜରକୁ ଆସିଛି ।

## ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମ ପ୍ରତିବାଦରେ ଆନନ୍ଦପୁର ବନ୍ଦ ଡାକରା ସଫଳ

ଘଟଗାଁ (ନିପ୍ର): କେନ୍ଦୁଝର ଜିଲାରେ ଜିଲାରେ ବଙ୍ଗାଳୀ ମୁସଲମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଅସାମାଜିକ ଘଟଣା ଘଟୁଥିବା ପ୍ରତିବାଦରେ ୧୮ ତାରିଖ ବିଶ୍ୱହିନ୍ଦୁ ପରିଷଦ ରିଷଦ ପକ୍ଷରୁ କେନ୍ଦୁଝର ଜିଲା ବନ୍ଦ ଡାକରା ଦିଆଯାଇଥିଲା । ଏହାର ପ୍ରଭାବରେ ଆନନ୍ଦପୁର ବନ୍ଦ ଡାକରା ସଫଳ ହୋଇଥିବା ଦେଖିବାକୁ ମିଳିଛି । ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଶୈଳଙ୍ଗ ବିଜି ମୋଟର ଛକଠାରେ ରାସ୍ତା ଅବରୋଧ କରାଯାଇଥିଲା । ପରେ ଶୈଳଙ୍ଗ ଛକଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଘଷିପୁରା ବସଷ୍ଟାଣ୍ଡ ଶାଳପଡା ଖପରାଖାଇ ଶାଳପଡାର ସମସ୍ତ ଦୋକନ ବଜାର ବନ୍ଦ କରିଥିଲେ । ଏହି ବନ୍ଦକୁ ସମସ୍ତେ ସହଯୋଗ କରିଥିଲେ । ସୂଚନାରୁ ପ୍ରକାଶ ଜିଲାରେ ପଶ୍ଚିମବଙ୍ଗରୁ ଆସି ଥିବା ମୁସଲମାନମାନେ କେନ୍ଦୁଝରର ସରଳ ନିରୀହ ଜନଜାତି ମହିଳାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ସଂସାର, ବିବାହ କରିବା ଆଳ ଦେଖାଇ ଅପହରଣ ଓ ଅତ୍ୟାଚାର କରୁଛନ୍ତି । ଗତ ୧୫ ତାରିଖ ରାଂଶପାଳ ବ୍ଲକର ଉତୁମୁଣ୍ଡା ଗ୍ରାମରେ ଘଟିଥିବା ୯ ବର୍ଷୀୟ ଜନଜାତି ଦିବ୍ୟାଙ୍ଗ ନାବାଳିକା ଧର୍ଷଣର ଶିକାର ହୋଇ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛି । ଏହି ଘଟଣାରେ ଗିରଫ ହୋଇଥିବା ମୁସଲମାନ ଯୁବକ ଆସିଫ ଅନବର ଖାନକୁ ପୁଲିସ ତତ୍ପରତା ଦେଖାଇ କୋର୍ଟରେ ହାଜର କରିବା ପରେ ତାକୁ କେନ୍ଦୁଝର ଜିଲ୍ଲା କାରାଗାରକୁ ପଠାଯାଇଛି ।

## ପୋଲିସ କବ୍‌ଜାରେ ଦୁଇ ଲୁଟେରା



ପୁରୀ(ନିପ୍ର): ପୁଲିସ ହାତରେ ୨ ଚେନ ଲୁଟେରା । ସେମାନଙ୍କ ନାଁରେ ପୁରୀର ବିଭିନ୍ନ ଥାନାରେ ଅନେକ ମାମଲା ରହିଛି । ସେମାନଙ୍କୁ ପୁଲିସ ପୁଲିସ ଅଟକ ରଖି ଜେରା କରୁଛି । ଖୁବ୍‌ଶୀଘ୍ର ଦୁଇଜଣଙ୍କ କଳାକାରନାମାର ପର୍ଦ୍ଦାଫାସ କରିବ ପୁଲିସ । ଦୁଇ ଅଭିଯୁକ୍ତଙ୍କ ବିରୋଧରେ ପୁଲିସକୁ ମିଳିଛି ଅନେକ ତଥ୍ୟ । ସେମାନେ ଗୋଟିଏ ଥାନାଞ୍ଚଳ ନୁହେଁ, ମାମଲାରେ ୪ରୁ ଅଧିକ ଥାନାଞ୍ଚଳରେ ଲୁଟ୍ ପାଟ, ଛିନତାଇ ମାମଲା ରହିଛି । ଛିନ୍‌ତାଇ ମାମଲାରେ ସିଧାସଳଖ ସମ୍ପୃକ୍ତ ଥିବା ପୁଲିସ ପୁଲିସ ଜାଣିସାରିଛି । ସେମାନଙ୍କ ସହ ଅନ୍ୟ କେଉଁମାନେ ସାମିଲ ଅଛନ୍ତି ସେ ନେଇ ପୋଲିସ ଛାନଭିନ୍ କରୁଛି । ଏମାନେ କୁମ୍ଭାରପଡ଼ା, ଟାଉନ୍ ଥାନା, ସମୁଦ୍ରକୂଳ ଓ ବଳିଆପଣ୍ଡା ଥାନା ଅଞ୍ଚଳରୁ ବିପୁଳ ମାତ୍ରାରେ ମୋବାଇଲ୍ ଫୋନ୍ ଓ ଭ୍ୟାନିଟି ବ୍ୟାଗ ଲୁଟ୍ କରିଥିବା ଜଣାପଡ଼ିଛି । ପୁଲିସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଘଟଣା ସମ୍ପର୍କରେ ବିସ୍ତୃତ ତଥ୍ୟ ଦେଇଛନ୍ତି । ତେବେ ସେମାନଙ୍କଠାରୁ ୫ଟି ଭ୍ୟାନିଟି, ୧୦ହଜାର ଟଙ୍କା, ଛୁରୀ, ଗୋଟିଏ ବାଇକ ଜବତ କରାଯାଇଛି । ତେବେ ସେମାନଙ୍କ ଟିଆଇ ପରେଡ ପରେ ସବିଶେଷ ତଥ୍ୟ ମିଳିବ ବୋଲି ପୁରୀ ଏସପି ପ୍ରତୀକ ସିଂ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

### ବାଲାଂଦେଶୀ ନାବାଳିକାଙ୍କୁ ଚାଲାଣ ମାମଲା

## ୧୦ ଅଭିଯୁକ୍ତଙ୍କ ବିରୋଧରେ ଏନଆଇଏର ଚାର୍ଜସିଟ୍

ଭୁବନେଶ୍ୱର(ନିପ୍ର): ଜଣେ ବାଲାଂଦେଶୀ ନାବାଳିକାଙ୍କୁ ଚାକିରିର ପ୍ରଲୋଭନ ଦେଖାଇ କଟକ ଆଣିବା ପରେ ତାଙ୍କୁ ଦେହ ବ୍ୟବସାୟରେ ନିୟୋଜିତ କରାଯାଇଥିବା ନେଇ ୨୦୨୫ ମସିହା ନଭେମ୍ବର ୯ ତାରିଖରେ ମଧୁପାଟଣା ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ଏନେଇ ମାମଲା ରୁଜୁ କରିବା ପରେ ଘଟଣାର ତଦନ୍ତକରି ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଗିରଫ ସମସ୍ତ ଅଭିଯୁକ୍ତଙ୍କ ଘର ପଶ୍ଚିମବଙ୍ଗର ଅଂଚଳରେ ହୋଇଥିବା ବେଳେ ଅଭିଯୁକ୍ତମାନେ ବିଭିନ୍ନ ସମୟରେ ପଡୋଶୀ ରାଷ୍ଟ୍ର ବାଲାଂଦେଶରୁ ନାବାଳିକାମାନଙ୍କୁ ସୀମା ଦେଇ ଓଡ଼ିଶା ଆଣିବା ପରେ ତାଙ୍କୁ ଦେହ ବ୍ୟବସାୟରେ ଲିପ୍ତ କରୁଥିବା ତଦନ୍ତ ବେଳେ ଜଣାପଡ଼ିଥିଲା । ଗିରଫ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ମଧୁପାଟଣା ଥାନାପୋଲିସ ପକ୍ସୋ ଆକ୍ଟରେ ମାମଲା ରୁଜୁ କରିବା ସହ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା । ଏହି ମାମଲାର ଗୁରୁତ୍ୱକୁ ଉପଲବ୍ଧି କରି ଏହାର ତଦନ୍ତଭାର ଜାତୀୟ ତଦନ୍ତକାରୀ ସଂସ୍ଥା ଏନଆଇଏକୁ ତଦନ୍ତଭାର ହସ୍ତାନ୍ତର କରାଯାଇଥିଲା । ଏନଆଇଏ ଏହି ମାମଲାର ତଦନ୍ତକରି ପରବର୍ତ୍ତୀ ସମୟରେ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ସୋମବାର ଏହି ମାମଲାର ଚାର୍ଜସିଟ୍ ଭୁବନେଶ୍ୱର ସ୍ପେଶାଲ କୋର୍ଟରେ ଦାଖଲ କରିଥିବା ଜଣାପଡ଼ିଛି । ଏନଆଇଏ ସମସ୍ତ ୧୦ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିବା ଜଣାପଡ଼ିଛି ।

## ଗ୍ୟାସ ଟ୍ରକ ଚାପାରେ ଯୁବକ ମୃତ: ଟାୟାର ଜାଳି ରାସ୍ତାରୋକ

ଭୁବନେଶ୍ୱର(ନିପ୍ର): ଦୁର୍ଘଟଣାରେ ଚାଲିଗଲା ଜଣେ ଯୁବକଙ୍କ ଜୀବନ । ମୃତ ଯୁବକ ଜଣକ ହେଲେ ଚନ୍ଦକା ଥାନା କୁଜିମହଲ ଗ୍ରାମର ନିବାସ ସାହୁଙ୍କ ପୁଅ କହ୍ନେଇ ସାହୁ (୨୨) । ଘଟଣାପରେ ଉତ୍ୟକ୍ତ ଗ୍ରାମବାସୀ ମୃତକ ପରିବାରକୁ କ୍ଷତିପୂରଣ ଦାବିକରି ଦିନ ୧୦ରୁ ୪ପର୍ଯ୍ୟନ୍ତ ୬ଘଂଟା ଧରି ରାସ୍ତାରୋକ କରିଥିଲେ । ପରେ ପୋଲିସ ଆସି ବୁଝାସୁଝା ପରେ ରାସ୍ତାରୋକ ଉଠିଥିଲା । ସ୍ଥାନୀୟ ସୂଚନା ଅନୁସାରେ କାହ୍ନୁ ଦିନ ୧୦ଟା ସମୟରେ ଗାଁ ମୁଣ୍ଡ କୁଜୀମହଲ ଛକରୁ ମାଂସ କିଣିବାକୁ ଯାଇଥିଲେ । ମାଂସ କିଣି ଘରକୁ ଚାଲିଚାଲି ଫେରୁଥିଲେ । ଏହି ସମୟରେ ଅନୁଗୋଳରୁ ଖୋର୍ଦ୍ଧା ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଏକ ଗ୍ୟାସ ଟ୍ରକ ଟ୍ରାକ୍ଟରକୁ ଅତିକ୍ରମ କରିବାକୁ ଯାଇ ପଛପଟୁ କାହ୍ନୁଙ୍କ ଉପରେ ଚଢି ଯାଇଥିଲା । ଫଳରେ ଘଟଣାସ୍ଥଳରେ କାହ୍ନୁଙ୍କ ମୃତ୍ୟୁ ଘଟିଥିଲା । ବେପରୁଆ ଗାଡିଚାଳନା ଯୋଗୁଁ ଦୁର୍ଘଟଣା ହୋଇଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ଦୁର୍ଘଟଣା ପରେ ଟ୍ରକ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । କିନ୍ତୁ ସ୍ଥାନୀୟ ଲୋକ ଟ୍ରକକୁ ପିଛା କରି ମେଣ୍ଢାଶାଳ ନିକଟରେ କାବୁ କରିଥିଲେ । ମୃତ ଯୁବକ ସ୍ଥାନୀୟ ଅଂଚଳର ହୋଇଥିବାରୁ ଏହି ଖବର ନିମିଷକ ମଧ୍ୟରେ ପ୍ରଚାରିତ ହୋଇଯାଇଥିଲା । ଘଟଣା ପ୍ରଚାରିତ ହେବା ପରେ ଶହ ଶହ ଗ୍ରାମବାସୀ ରାସ୍ତା ଉପରକୁ ଉଠି ଆସିଥିଲେ । ଫଳରେ ଘଟଣାସ୍ଥଳ ଉତ୍ତେଜନା ରହିଥିଲା । ଶବ ରଖି ଚନ୍ଦକା ପିତାପଲ୍ଲୀ ରାସ୍ତା ଉପରେ ପଥର ଥୋଇ ଟାୟାର ଜାଳି ଦିନ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଦୀର୍ଘ ୬ ଘଂଟା କାଳ ରାସ୍ତାରୋକ କରିଥିଲେ । ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ସ୍ଥାନୀୟ ଅଂଚଳରେ ଥିବା ଶିଳ୍ପରେ ଚାକିରି ଓ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବିକରି ଉତ୍ୟକ୍ତ ଗ୍ରାମବାସୀମାନେ ଅଡି ବସିଥିଲେ । ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଓ ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ରାସ୍ତା ଅବରୋଧକାରୀଙ୍କ ପାଖରେ ପହଂଚି ସେମାନଙ୍କୁ ସମର୍ଥନ ଦେଇଥିଲେ । ଯାହାଫଳରେ ଚନ୍ଦକା ପିତାପଲ୍ଲୀ ରାସ୍ତାରେ ଯାନବାହାନ ଅଟକି ରହିଥିଲା ।

# ଲକ୍ଷାଧିକ ଟଙ୍କା ଠକେଇ: ଥାନାରେ ଅଭିଯୋଗ

ପିପିଲି(ନିପ୍ର): ବିଭିନ୍ନ ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟି ନେଉଥିବା ଭଳି ସଂଗୀନ ଅଭିଯୋଗ ହୋଇଛି ପିପିଲି ଥାନାରେ । ପିପିଲି ପୋଲିସ ଅଭିଯୋଗ ପାଇ ତଦନ୍ତ ଚଳାଇଛି । ସୂଚନା ଅନୁଯାୟୀ, ତେଇଶିପୁର ବାଙ୍ଗରପଡା ଗ୍ରାମର ମାଧବ ମୁଦୁଲି ପୈତୃକ ସମ୍ପତ୍ତିକୁ ଗତବର୍ଷ ଏପ୍ରିଲ ୨୬ ତାରିଖରେ ଖୋର୍ଦ୍ଧା ଜିଲ୍ଲା ଲିଙ୍ଗରାଜ ଥାନା ଅଞ୍ଚଳର ଅମରକାନ୍ତ ପଣ୍ଡା ଏବଂ ଧଉଳି ଥାନା ଅଞ୍ଚଳର ଉଗ୍ରସେନ ଦାଶଙ୍କୁ ବିକ୍ରୟ କରିବା ପାଇଁ ସ୍ଥିର କରିଥିଲେ । ଏ ବାବଦ ମୋଟ ମୂଲ୍ୟରୁ ୯ଲକ୍ଷ ଟଙ୍କା ଗ୍ରହଣ କରିଥିଲେ । ଇତିମଧ୍ୟରେ ଦୁଇଜଣ ଜମି ଦଲାଲ ବିକ୍ରେତାଙ୍କ ଟଙ୍କା ଚଞ୍ଚକତା କ୍ରମେ ହଡପ କରିବା ଉଦ୍ଦେଶ୍ୟରେ ସମସ୍ତ ଟଙ୍କା ଉଠାଣ କରି ନିଜ ପାଖରେ ରଖି ଜମି ରେଜେଷ୍ଟ୍ରି ପରେ ସମସ୍ତ ଟଙ୍କା ଦେବେ ବୋଲି କହିଥିଲେ । ଦଲାଲଙ୍କ କଥାରେ ମାଧବ ବିଶ୍ୱାସ କରି ପିପିଲି ସବ୍‌ରେଜିଷ୍ଟ୍ରାର ଅଫିସରେକାର୍ଯ୍ୟ ସମ୍ପାଦନ କରିଦେଇଥିଲେ । ଜମି ରେଜେଷ୍ଟ୍ରି ପୂର୍ବରୁ ଅଫିସରେ ଏକ ଦସ୍ତଖତ ରହିଗଲା ବୋଲି କହି ମାଧବଙ୍କଠାରୁ ଚଞ୍ଚକତାରେ ସାଦା ଷ୍ଟାମ କାଗଜରେ ଦସ୍ତଖତ କରାଇ ନେଇଥିଲେ । ଜମି ରେଜେଷ୍ଟ୍ରି ପରେ ସମ୍ପତ୍ତିର ଟଙ୍କା ମାଧବ ମାଗିବାରୁ ଦଲାଲମାନେ ଘଟଣା ସ୍ଥଳରୁ ଖସି ପଳାଇ ଯାଇଥିଲେ । ଏ ସଂକ୍ରାନ୍ତରେ ମାଧବ ଜମି ଗ୍ରହିତାଙ୍କୁ ଏ ବାବଦରେ ଜଣାଇବାରେ ସେ କୌଣସି କର୍ଣ୍ଣପାତ କରିନଥିଲେ । ଦଲାଲମାନେ ଷ୍ଟାମ୍ପ କାଗଜରେ ଦସ୍ତଖତ ରଖି ଧମକ ଦେଇଥିଲେ ଏବଂ ଅଭିଯୋଗକାରୀଙ୍କ ପରିବାରକୁ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିଲେ । ଏମିତିକି ବ୍ଲାଙ୍କ କାଗଜର ନମୁନା ଅଭିଯୋଗକାରୀଙ୍କ ବ୍ୟବହାର ଫୋନ କ୍ୟାମେରାରେ ଥିବା ରହିଥିବା ଅଭିଯୋରେ ଦର୍ଶାଇଛନ୍ତି । ମାଧବ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲେ ଜମି ଗ୍ରହୀତା ଓ ଦଲାଲଙ୍କ ମଧୁଚନ୍ଦ୍ରିକାରେ ଚଞ୍ଚକତା କରାଯାଇ ଆତ୍ମସାତ କରିଛନ୍ତି । ଗତ ଦୁଇଦିନ ତଳେ ଅଭିଯୋଗକାରୀଙ୍କ ଘର ସାମ୍ନା ଜାତୀୟ ରାଜପଥ କଡକୁ ଡାକି ଅସଭ୍ୟ ଭାଷାରେ ଗାଳିକରି କଣ ପାଇଁ ଟଙ୍କା ମାଗୁଛୁ କହି ମାରଧର୍ କରିବା ସହ ମୁଣ୍ଡରେ ବନ୍ଧୁକ ଲଗାଇ ଧମକ ଦେଇଥିଲେ । ଏଥିସହ ଟଙ୍କା କଥା କହିବୁ ତୋତେ ଜୀବନରୁ ମାରି ଶେଷ କରିଦେବୁ ଧମକ ଦେଇଥିଲେ । ସେହି ସମୟରେ ଅଭିଯୋଗକାରୀ ଚିତ୍କାର କରିବାରୁ ରାସ୍ତାରେ ଯାଉଥିବା ଲୋକମାନେ ଜମା ହୋଇଯିବାରେ ଆସାମୀ ଖସି ପଳାଇଯାଇଥିଲେ ।

### କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଚଢ଼ାଉ

## ୯୫ ଗ୍ରାମ୍‌ର ବ୍ରାଉନସୁଗାର ଜବତ



କଟକ(ନିପ୍ର): ବ୍ରାଉନସୁଗାର ବେପାର କରିବା ଅଭିଯୋଗରେ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ସ୍କ୍ୱାଡ୍ ମଂଗଳବାର ସ୍ଥାନୀୟ ସିଡ଼ିଏ-୬ ଅଂଚଳରେ ଥିବା ରୋଟାରୀ ଚକ୍ଷୁ ହସପିଟାଲ ନିକଟରେ ଚଢ଼ାଉ କରି ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ମର୍କତନଗର ଥାନା ଅନ୍ତର୍ଗତ ସିଡ଼ିଏ ୬ ଅଂଚଳର ପୂର୍ଣ୍ଣଚନ୍ଦ୍ର ଦାସ (୨୯) । ଗିରଫ ଅଭିଯୁକ୍ତ ନିକଟରୁ ୯୫ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି । ଜବତ ହୋଇଥିବା ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୨ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଅଭିଯୁକ୍ତ ନିକଟରୁ ପୋଲିସ ଗୋଟିଏ ରୟାଲ ଏନଫିଲ୍ଡ ବୁଲେଟ (ଓଡ଼ି୦୫ସିଇ୧୦୮୩) ଜବତ କରିଛି । ଏହି ଚଢ଼ାଉରେ ଅବକାରୀ ଏସଆଇ ବିଭୂତି ଭୂଷଣ ପ୍ରଧାନ, ଏଏସଆଇ କିଶୋର ଚନ୍ଦ୍ର ରାଉତ, କନଷ୍ଟେବଳ ଅଶ୍ୱିନୀ ପରିଡ଼ା, ଲକ୍ଷ୍ମୀଧର ଖୁଣ୍ଟିଆ ଓ ମାନସରଂଜନ ବେହେରା ପ୍ରମୁଖ ସାମିଲ ଥିଲେ । ଗିରଫ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରକୁ କୋର୍ଟ ଚାଲାଣ କରାଯାଇଛି ।

## ରାସ୍ତାରେ ବାଲି: ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ଆଶଙ୍କା

- ବାଲି ବୋହୁଥିବା ସଂସ୍ଥା କି ପ୍ରଶାସନର ନଜର ନାହିଁ
- ରାସ୍ତା ସଫାକଲେ ଥାନା କର୍ମଚାରୀ



କୋଣାର୍କ(ନିପ୍ର): କୋଣାର୍କ-ପୁରୀ ବେଳାମାର୍ଗ ଯାହାକି ଜାତୀୟ ରାଜପଥ ୩୧୬ରେ ଦୈନିକ ହଜାର ହଜାର ଗାଡିମଟର ଯିବାଆସିବା କରିଥାଏ । ହେଲେ ଚନ୍ଦ୍ରଭାଗାଠାରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ସମୁଦ୍ର କୂଳରୁ ବାଲି କଢ଼ା ଯାଇ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଉଥିବା ବେଳେ ମୁଖ୍ୟ ରାସ୍ତାରେ ପ୍ରବଳ ବାଲି ପଡ଼ି ରହୁଥିବା ଦେଖିବାକୁ ମିଳିଛି । ଚନ୍ଦ୍ରଭାଗା ମୁଖ୍ୟ ଛକଠାରୁ ସାମୁଦ୍ରିକ ଥାନା ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ବାଲି ଦ୍ୱାରା ଘୋଡାଇ ହୋଇ ରହୁଥିବା ବେଳେ ସେଠାରେ ଥିବା ହମ୍ପସ ପୋତିହୋଇ ଯିବାରେ ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଥିବା ଅଭିଯୋଗ ହୋଇଛି । ବିଶେଷ କରି ମଟର ସାଇକେଲ ଆରୋହୀମାନେ ସମସ୍ୟାରେ ପଡୁଥିବା ପରିଲକ୍ଷିତ ହେଉଛି । କାମ କରୁଥିବା ସଂସ୍ଥା ପ୍ରତିଦିନ ଶହ ଶହ ଟ୍ରିପ ବାଲି ହାଇୱା ଦ୍ୱାରା ଚାଲାଣ କରୁଥିବା ବେଳେ ରାସ୍ତା ଉପରେ ପଡି ରହିଥିବା ବାଲିକୁ ସଫା ନ କରିବା ସମସ୍ତଙ୍କୁ ଚଳିତ କରିଛି । ଯଦି ଏହି ବାଲି ଯୋଗୁ ଦୁର୍ଘଟଣା ଘଟି ଧନଜୀବନ କ୍ଷତି ହୁଏ, ତାହାଲେ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଚନ୍ଦ୍ରଭାଗା ମୁଖ୍ୟ ଛକରେ ବୁଲାଣି ଥିବାବେଳେ ଏଠାରେ ବାଲି ଜମା ହୋଇ ସମସ୍ୟା ସୃଷ୍ଟି କରିବା ସହ ବାଇକ ଆରୋହୀମାନଙ୍କ ପାଇଁ ମୃତ୍ୟୁଯନ୍ତା ସଦୃଶ ହୋଇଛି । ଏହି ରାସ୍ତା ଦେଇ ନେତାଠାରୁ ଆରମ୍ଭ କରି ମନ୍ତ୍ରୀ, ଯନ୍ତ୍ରୀ ଓ ବଡ ବଡ ପ୍ରଶାସନିକ ଅଧିକାରୀମାନେ ଯିବା ଆସିବା କରୁଥିଲେ ମଧ କାହାର ଦୃଷ୍ଟି ଗୋଚର ନହେବା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି । ପ୍ରଶାସନର ଅବହେଳା ପାଇଁ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ରାସ୍ତା ଉପରୁ ଚନ୍ଦ୍ରଭାଗା ସାମୁଦ୍ରିକ ଥାନାର କିଛି କର୍ମଚାରୀ ବେଲେଚା ଦ୍ୱାରା ବାଲି ସଫା କରୁଥିବା ଦେଖିବାକୁ ମିଳିଛି । ଥାନା କର୍ମଚାରୀଙ୍କ ଏତାଦୃଶ କାର୍ଯ୍ୟକୁ ଅଞ୍ଚଳବାସୀ ଉଚ୍ଚ ପ୍ରଶଂସା କରିଥିବା ବେଳେ ପ୍ରଶାସନ ଓ କାର୍ଯ୍ୟ କରୁଥିବା ସଂସ୍ଥା, ଠିକାଦାରଙ୍କ ବେପରୁଆ କାର୍ଯ୍ୟକୁ ନିନ୍ଦା କରିଅଛନ୍ତି ।

## ସାଂସଦ ଓ ବିଧାୟିକାଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

କୃଷ୍ଣପ୍ରସାଦ(ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦଘାଟନ ପୁରୀ ସାଂସଦ ଡ଼ଃ ସମ୍ବିତ ପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ କରକମଳରେ ଉଦ୍‌ଘାଟିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ, କୃଷ୍ଣପ୍ରସାଦ ବିଡ଼ିଓ ଅମିୟ କୁମାର ପଣ୍ଡାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ବ୍ଲକ ପରିସରରେ ନବ ନିର୍ମିତ କ୍ୟାଫଟେରିଆ (ଜଳ ପାନ କକ୍ଷ ), ଭିଡ଼ିଓ ସମ୍ମିଳନୀ କକ୍ଷର ଶୁଭ ଉଦଘାଟନ ହୋଇଥିଲା । ଏହି ଉତ୍ସବରେ ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ,ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, ମୁଖ୍ୟ କିରାଣୀ ପୂର୍ଣ୍ଣ ଚନ୍ଦ୍ର କାଣ୍ଡି, ବିଓ ଅଧିକାରୀ ମହେନ୍ଦ୍ର ରଞ୍ଜନ ସାହୁ, ରାଜସ୍ୱ ସହାୟକ କାଶୀମ ମହମ୍ମଦ, ଏସିପି ସୌଭାଗ୍ୟ କୁମାର ବଳିୟାରସିଂହ, ଭିଡ଼ିଓ ପରିଚାଳକ ଆଲୋକ କୁମାର ଖୁଣ୍ଟିଆ, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ଅମିୟ କୁମାର ପଣ୍ଡା, ବିପ୍ଳବ କେଶରୀ ପ୍ରଧାନ, ଜ୍ୟୋତି ରଞ୍ଜନ ସ୍ୱାଇଁ, ମଣ୍ଡଳ ବିଜେପି ସଭାପତି ସଂଗ୍ରାମ କେଶରୀ ଜେନା, ବିଜେପି ନେତା ସୁରେନ୍ଦ୍ର କୁମାର ବିଶ୍ୱାଳ (ମୁନା), ସରୋଜ କୁମାର ଜେନା ବିଶ୍ୱ ରଞ୍ଜନ ପ୍ରଧାନ, ଯୁବ ମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳ, ନୂଆପଡା ଗ୍ରାମ୍ୟ କମିଟି ସଭାପତି ନଳିନୀ କାନ୍ତ ଜେନା, ସାତପଡ଼ା ମଣ୍ଡଳ ବିଜେପି ସଭାପତି ପ୍ରଦୀପ କୁମାର ବେହେରା, ବ୍ଲକ ଉପାଧ୍ୟକ୍ଷା ଶକୁନ୍ତଳା ଗଡ୍ଡ, ଯୁବ ନେତା ଲିଟୁ ପ୍ରଧାନ ସମେତ ଲୋକ ପ୍ରତିନିଧି, ବ୍ଲକ କର୍ମଚାରୀ ଏବଂ ସ୍ଥାନୀୟ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ପ୍ରଥମ କରି କାର୍ଯ୍ୟାଳୟ ପରିସରରେ ଏହି ସେବା ଯୋଗାଇ ଦିଆ ଯାଇଥିବାରୁ ସାଂସଦ ଏବଂ ବିଧାୟିକାଙ୍କୁ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି ।

ଏସ୍‌ସିବିରେ ଲଜ୍ଜା

## ଆଇସିୟୁ ଭିତରେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ

କଟକ(ନିପ୍ର): କଟକ ବଡ଼ ଡାକ୍ତରଖାନାରେ ଘଟିଛି ଲଜ୍ଜାଜନକ ଘଟଣା । ବଡ଼ ଡାକ୍ତରଖାନାର ଆଇସିୟୁ ୱାର୍ଡ଼ ଭିତରେ ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି । ଏ ନେଇ ଯୁବତୀଙ୍କ ପରିବାର ପକ୍ଷରୁ ମଂଗଳାବାଗ ଥାନାରେ ଅଭିଯୋଗ କରାଯାଇଛି । ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପରିବାର ପକ୍ଷରୁ ହୋଇଥିବା ଅଭିଯୋଗ ଅନୁସାରେ ଗତ ରବିବାର ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଛି । ଯୁବତୀ ଜଣକ ଆଇସିୟୁରେ ଥିବା ସମୟରେ ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ଆଇସିୟୁରେ ପଶି ତାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଅପର ପକ୍ଷରେ ଏଭଳି ଅଭିଯୋଗ ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ରାଜ୍ୟର ସବୁଠୁ ବଡ଼ ଡାକ୍ତରଖାନାରେ ରୋଗୀ କେତେ ସୁରକ୍ଷିତ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## କାକଟପୁରରୁ ଚୋରି ବୋଲେରୋ ଧଉଳିରୁ ଉଦ୍ଧାର



କାକଟପୁର(ନିପ୍ର): କାକଟପୁର ଥାନା ଅଧିନସ୍ଥ ମେଡିକାଲ ଛକ ନିକଟରୁ ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ଘର ନିକଟରୁ ତାଙ୍କର ଏକ ବୋଲେରୋ ଗାଡି ନମ୍ବର ଓଡି୦୨ଡି-୦୩୬୫କୁ ଗତ ରବିବାର ରାତି ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଚୋରିକରି ନେଇ ଦ୍ରୁତ ଗତିରେ ପଳାଇଥିଲେ । ଏ ସଂକ୍ରାନ୍ତରେ ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ପୁଅ ସୌଭାଗ୍ୟ ରଞ୍ଜନ ସ୍ୱାଇଁ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଇନ୍ସପେକ୍ଟର ଗୌରୀ ଶଙ୍କର ସେଠୀ ବିଭିନ୍ନ ସ୍ଥାନରେ ସିସିଟିଭି ଯାଞ୍ଚ କରିବା ପରେ ଗାଡିଟିକୁ ଧଉଳି ଛକ ନିକଟରୁ ଉଦ୍ଧାର କରିଥିଲେ । ୨୪ ଘଣ୍ଟା ମଧ୍ୟରେ ଗାଡିଟିକୁ ଉଦ୍ଧାର କରାଯାଇଥିବାରୁ ଗାଡି ମାଲିକ ଶ୍ରୀ ସ୍ୱାଇଁ କାକଟପୁର ପୋଲିସକୁ ଭୂୟସୀ ପ୍ରଶଂସା କରିଛନ୍ତି । ଏ ସଂକ୍ରାନ୍ତରେ କାକଟପୁର ଥାନା କେସ ନମ୍ବର ୩୩୯/୨୫ରେ ଏକ ମାମଲା ରୁଜୁ କରି କାକଟପୁର ପୋଲିସ ତଦନ୍ତ ଜାରି ରଖିଛି ।

### ।। ସରକାରୀ ଡାକ୍ତରଖାନା ସଫାହେଲା, ବିଦ୍ୟୁତ୍ ଜଳିଲା ।।

# ମୁଖ୍ୟ ଫାଟକରେ ଫଳକ ନାହିଁ କି ଲାଇଟ ନାହିଁ

ପିପିଲି(ନିପ୍ର): ଦୈନିକ ଓଡିଆ ଖବର 'ଦିନଲିପି'ରେ ଖବର ପ୍ରକାଶ ପାଇବା ପରେ ବଳଙ୍ଗା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସଫା ହେଲା । ଭିତର ବିଦ୍ୟୁତ ଆଲୋକ ଜଳିଲା ହେଲେ ମୁଖ୍ୟ ଫାଟକରେ ନାହିଁ ସୂଚନା ଫଳକ କି ଲାଇଟ । ଏଦିଗରେ ବିଭାଗୀୟ ଅଧିକାରୀଙ୍କ ନାହିଁ ନଜର, ଯାହାକୁ ନେଇ ହେଉଛି ଚର୍ଚ୍ଚା । ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ କରିବା ନିମନ୍ତେ ଅଞ୍ଚଳବାସୀ ଦାବିକରି ଆସୁଥିବା ବେଳେ ଏନେଇ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ବିଧାନସଭା ଗୃହରେ ସମସ୍ୟା ନେଇ ପ୍ରଶ୍ନ ଉଠାଇଥିଲେ, ହେଲେ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟକ୍ଷମ କରିବା ବଦଳରେ ଏ ଦିଗରେ ସମ୍ପୂର୍ଣ୍ଣ ଆଖିବୁଜି ଦେଇଛି । କାର୍ଯ୍ୟକ୍ଷମ ନହେବା ଯୋଗୁ କେତେକ ଅସାମାଜିକ ଯୁବକଙ୍କୁ ଏହା ସୁହାଉଛି । ଫଳରେ ନିଶାସକ୍ତ ଯୁବକଙ୍କ ଧଳା ଜହରର ଚରାଭୂଇଁ ପାଲଟିଛି । ସରକାର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ସୌନ୍ଦର୍ଯ୍ୟ କରଣ କରିବା କ୍ଷେତ୍ରରେ କୋଟି କୋଟି ଟଙ୍କା ବବ୍ୟୟ ବରାଦ କରୁଥିବା ବେଳେ ତାହାରି ମଧ୍ୟରେ ଆର.କେ.ଏସ ଫଣ୍ଡ ଅର୍ଥ ଲକ୍ଷାଧିକ ଆସୁଥିବା ବେଳେ ତାହାକୁ ଭୁତ ଖାଇ ଯାଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଏମିତିକି ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଅଭିଶପ୍ତ ପାଇ ଉପାନ୍ତ ଅଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ପାଲଟିଛି । ସେପଟେ ସ୍ୱାସ୍ଥ୍ୟ କେନ୍ଦ୍ରରେ




ଜଣେ ଡାକ୍ତର ଓ ଫାର୍ମାସିଷ୍ଟ ଏବଂ ଷ୍ଟାଫ ନର୍ସ ନିଯୁକ୍ତି ଅଛନ୍ତି । ନିଯୁକ୍ତି ଥିବା ଫାର୍ମାସିଷ୍ଟ ଏବଂ ନର୍ସ ଦୀର୍ଘ ବର୍ଷ ଧରି ଏକ ସ୍ଥାନରେ ଥିବା ବେଳେ ସେମାନେ ଏକଛତ୍ର ରାଜକରି ଆସୁଥିବା ରୋଗୀଙ୍କୁ ଇଞ୍ଜେକେସନ ନଦେଇ ଦୁର୍ବ୍ୟବହାର କରୁଥିବା ଚର୍ଚ୍ଚା ହେଉଛି । ଯଦି କୌଣସି ବ୍ୟକ୍ତି ବା ରୋଗୀଙ୍କ ସମ୍ପର୍କୀୟ ମୁହଁ ଖୋଲୁଛନ୍ତି ତାହାଲେ ସେମାନଙ୍କୁ ଧମକ ଦିଆଯାଉଥିବା ଜଣାପଡିଛି । ଏସବୁ ସମସ୍ୟା ଡାକ୍ତର ଖାନାରେ ଉପୁଜିବା ଯୋଗୁ ବଳଙ୍ଗା ଅଞ୍ଚଳରେ ଉତ୍ତେଜନା ଦେଖାଦେଉଛି । ପ୍ରାୟତଃ ୫୦ ହଜାରରୁ ଊର୍ଦ୍ଧ ଜନସାଧାରଣ ଗର୍ଭବତୀ ମହିଳା । ନବଜାତ ଶିଶୁ, ବୟସ୍କ ବୃଦ୍ଧାମାନେ ହୀନସ୍ତା ଭୋଗୁଛନ୍ତି । ଯୁବ ଗୋଷ୍ଠୀ, ବୁଦ୍ଧିଜୀବୀ ଏବଂ ବିଭିନ୍ନ ସଂଗଠନ ମାନେ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ବିଧାୟିକା ତଥା ଓଡିଶା ସରକାରଙ୍କର ଉପମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ଆସୁଥିବା ବେଳେ କେହି ଏହି ସମସ୍ୟା ଦିଗରେ ନଜର ଦେଉ ନଥିବାରୁ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଛି । ତେଣୁ ଏ ଦିଗରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଏବଂ ସଚିବ ନଜର ଦେବାକୁ ଦାବି ହେଉଛି ।

# ଶୁଭମନ୍ ଗିଲ୍ ଏବଂ କୁଲଦୀପ ଯାଦବ ଖେଳିବେନି ଦ୍ୱିତୀୟ ଟେଷ୍ଟ

ନୂଆଦିଲ୍ଲୀ,୧୮/୧୧ : ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ୨୨ନଭେମ୍ବରରୁ ଗୌହାଟିରେ ଖେଳାଯିବ । ଦୁଇ ମ୍ୟାଚର ଟେଷ୍ଟ ସିରିଜ ପୂର୍ବରୁ ଏହି ମ୍ୟାଚରେ ଅତିଥି ଦଳ ଦକ୍ଷିଣ ଆଫ୍ରିକା ଟିମ୍ ଇଣ୍ଡିଆକୁ ହରାଇ ୧-୦ରେ ଆଗରେ ଅଛି । ଏବେ ସିରିଜରେ କ୍ଲିନ ସ୍ୱିପରୁ ବର୍ତ୍ତିବା ଲାଗି ଭାରତୀୟ ଟିମ୍କୁ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଜିତିବାକୁ ପଡ଼ିବ । ସୂଚନା ଅନୁସାରେ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଅଧିନାୟକ ଶୁଭମନ ଗିଲ୍ ଏବଂ ଚାଇନାମ୍ୟାନ୍ ସ୍ପିନର କୁଳଦୀପ ଯାଦବଙ୍କ ଖେଳିବା ସହଜ ନୁହେଁ । ପ୍ରକାଶ ଯେ, ଭାରତୀୟ ଟିମ୍ ୨୨ନଭେମ୍ବରରୁ ଗୁହାଟିରେ ଖେଳାଯିବାକୁ ଥିବା ଦିତ୍ୱୀୟ ଟେଷ୍ଟ ମ୍ୟାଚରେ ଶୁଭମନ୍ ଗିଲ ଖେଳିବା ନେଇ ଏବେ କୌଣସି ନିଷ୍ପତ୍ତି ହୋଇନାହିଁ। ମାତ୍ର କେତେକ ଗଣମାଧ୍ୟମ ରିପୋର୍ଟ୍ସ ଅନୁସାରେ ଗିଲ୍ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଖେଳିପାରିବେ ନାହିଁ



। ତାଙ୍କ ସ୍ଥାନରେ ୱିକେଟକିପର ବ୍ୟାଟର ଋଷଭ ପନ୍ଥ ଟିମ୍ କୁ ଲିଡ୍ କରିବେ । ନିତୀଶ କୁମାର ରେଡ୍ଡୀଙ୍କୁ ପୂର୍ବରୁ ଟିମ୍ ଇଣ୍ଡିଆରୁ ରିଲିଜ୍ କରିଦିଆଯାଇଥିଲା । ଫଳରେ ସେ ଇଣ୍ଡିଆ-ଏ ଲାଗି ଖେଳିପାରିବେ । ମାତ୍ର ଏବେ ପୁଣି ଥରେ ଟିମ୍ ଇଣ୍ଡିଆରେ ସାମିଲ୍ କରାଯାଇଛି । ସେ ଅଧିନାୟକ ଶୁଭମନ ଗିଲଙ୍କ ରିପ୍ଲେସମେଣ୍ଟ ଭାବେ ଟିମରେ ପୁଣି ଥରେ ଯୋଡ଼ି ହୋଇଛନ୍ତି । ଗିଲବି ଟିମ୍ ସହ ଗୁହାଟି ଯିବେ । କିନ୍ତୁ ତାଙ୍କ ଖେଳିବା ସହଜ ନୁହେଁ । ସୂଚନା ଅନୁସାରେ, ଚାଇନାମ୍ୟାନ୍ ସ୍ପିନର କୁଳଦୀପ ଯାଦବ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ଖେଳିନପାରନ୍ତି । ଗଣମାଧ୍ୟମ ରିପୋଟ୍ସ ଅନୁସାରେ ନଭେମ୍ବର ଶେଷରେ କୁଳଦୀପ ଯାଦବଙ୍କ ବିବାହ ଅଟେ । ଏଭଳି ସ୍ଥଳେ ସେ ଛୁଟିରେ ଯାଇପାରନ୍ତି । ଏହା ବି କୁହାଯାଇଛି କି କୁଳଦୀପ ପୂର୍ବରୁ ହିଁ ବିସିସିଆଇକୁ ଲିଭ୍ ଲାଗି ଅନୁରୋଧ କରିସାରିଛନ୍ତି ।

# ପୁଣି ଅଧିନାୟକ ହେବେ ରୋହିତ !




ମୁମ୍ବାଇ,୧୮।୧୧ : ଦକ୍ଷିଣ ଆଫ୍ରିକା ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଦିନିକିଆ ସିରିଜ୍ ପୂର୍ବରୁ ଭାରତୀୟ ଦଳ ଏକ ବଡ଼ ନେତୃତ୍ୱ ସଙ୍କଟ ଦେଇ ଗତି କରୁଛି । ନିୟମିତ ଅଧିନାୟକ ଶୁଭମନ ଗିଲ୍ ବେକରେ ଆଘାତ ଯୋଗୁଁ ଆଗାମୀ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିବାର ସମ୍ଭାବନା ରହିଛି । ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟରୁ ମଧ୍ୟ ବାଦ୍ ପଡ଼ିବେ ବୋଲି କୁହାଯାଉଛି । ଗିଲ୍ ବାଦ୍ ପଡ଼ିଲେ ଏବଂ ଉପ-ଅଧିନାୟକ ଶ୍ରେୟସ ଆୟର ଆହତ ଥିବାରୁ, ବର୍ତ୍ତମାନ କେ.ଏଲ୍. ରାହୁଲ୍ ଏବଂ ଟେଷ୍ଟ ଉପ-ଅଧିନାୟକ ଋଷଭ ପନ୍ତ ଅଧିନାୟକ ଦୌଡ଼ରେ ଆଗରେ ରହିଛନ୍ତି । ଟାଇମ୍ସ ଅଫ୍ ଇଣ୍ଡିଆର ରିପୋର୍ଟ ଅନୁଯାୟୀ, ଅଧିନାୟକତ୍ୱର ଅଭିଜ୍ଞତା ଏବଂ ଦଳରେ ବରିଷ୍ଠତା ଯୋଗୁଁ କେ.ଏଲ୍. ରାହୁଲ୍ ଦିନିକିଆ ସିରିଜ୍‌ରେ ଦଳର ନେତୃତ୍ୱ ନେବାର ଅଧିକ ସମ୍ଭାବନା ରହିଛି । ନଭେମ୍ବର ୩୦ (ରାଞ୍ଚି), ଡିସେମ୍ବର ୩ (ରାୟପୁର), ଏବଂ ଡିସେମ୍ବର ୬ (ବିଶାଖାପାଟଣା) । ଡିସେମ୍ବର ୯ରୁ ୧୯ ପର୍ଯ୍ୟନ୍ତ କଟକ ସମେତ ପାଞ୍ଚଟି ସ୍ଥାନରେ ଖେଳାଯିବ । ଆହତରୁ ସୁସ୍ଥ ହେବା ପରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ରବୀନ୍ଦ୍ର ଜାଡେଜା ଦିନିକିଆ ସିରିଜ୍‌ରେ ଦଳକୁ ଫେରିବାର ସମ୍ଭାବନା ରହିଛି । ସିରିଜ୍ ପୂର୍ବରୁ ଚୟନକର୍ତ୍ତାମାନେ ଶୀଘ୍ର ନୂଆ ଅଧିନାୟକଙ୍କ ନାମ ଘୋଷଣା କରିବେ ବୋଲି ଆଶା କରାଯାଉଛି ।



# ଜନ୍ମମାଟିରେ ହ୍ୟୁମାନଙ୍କ ଶେଷକୃତ୍ୟ

## ଲୁହରେ ଭିଜିଲା ହ୍ୟୁମାନଙ୍କ ଗାଁ; ସାମିଲ ହେଲେ ଲକ୍ଷାଧିକ ପ୍ରଶଂସକ

ଟିଟିଲାଗଡ଼, ୧୮/୧୧(ନିପ୍ର): ଓଡ଼ିଶା ସଂଗୀତ ଜଗତର ଚର୍ଚ୍ଚିତ ଓ ଲୋକପ୍ରିୟ ଗାୟକ ହ୍ୟୁମାନ୍ ସାଗରଙ୍କ ଶେଷକୃତ ମଙ୍ଗଳବାର ସନ୍ଧ୍ୟାରେ ବଲାଙ୍ଗୀରଜିଲ୍ଲା ଟିଟିଲାଗଡ଼ରେ ସମ୍ପନ୍ନ ହୋଇଛି । ହ୍ୟୁମାନ ସାଗରଙ୍କ ଅନ୍ତିମ ବିଦାୟ ସ୍ଥାନୀୟ ଏକ ଚର୍ଚ୍ଚରେ କରାଯାଇଛି । ପରଂପରା ଅନୁସାରେ ଅନୁଷ୍ଠିତ ଶେଷକୃତ୍ୟ କାର୍ଯ୍ୟକ୍ରମରେ ଲକ୍ଷାଧିକ ପ୍ରଶଂସକ ଓ ଶୁଭେଚ୍ଛୁ ସାମିଲ ହୋଇ ମରଶରୀରକୁ ଅଶ୍ରୁଳ ବିଦାୟ ଦେଇଥିଲେ । ପାର୍ଥିବ ଶରୀରର ଶେଷ ଦର୍ଶନ ପାଇଁ ବଲାଙ୍ଗୀର, କଣ୍ଟାବାଞ୍ଜି, ସଇଁତଳାରୁ ମଧ୍ୟ ପ୍ରଶଂସକମାନେ ଛୁଟି ଆସିଥିଲେ । ମରଶରୀର ଟିଟିଲାଗଡ଼ରେ ପହଞ୍ଚିଲା ପରେ ହ୍ୟୁମାନଙ୍କର ଘରେ ଓ ଘର ବାହାରେ ପ୍ରବଳ ଭିଡ଼ ଲାଗିଥିଲା । ପରିବାର ଲୋକ, ସଂପର୍କୀୟ, ପ୍ରଶଂସକମାନେ ଶ୍ରଦ୍ଧାଞ୍ଜଳି ଦେବା ସହିତ ଅନ୍ତିମ ଦର୍ଶନ କରିଥିଲେ । ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଗତକାଲି ରାତି ପ୍ରାୟ ୯ଟାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧିନ ଅବସ୍ଥାରେ ଦେହାନ୍ତ ହୋଇଥିଲା । ଡାକ୍ତରଖାନାରେ ଭର୍ତ୍ତି ହେବାର କିଛିଦିନ ହେବ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଥିଲା । ସେ ଲିଭର ଓ କିଡନିଜନିତ ରୋଗରେ ପୀଡ଼ିତ ଥିଲେ । ଶ୍ୱାସକ୍ରିୟା ଜନିତ ଅସୁବିଧା, ନିମୋନିଆ, ହେପାଟୋପାଥି, ଥ୍ରୋମ୍ବୋସାଇଟୋପେନିଆ ଓ କୋଆଗୁଲୋପାଥିରେ ପୀଡ଼ିତ ଥିଲେ ।

# ରାଜ୍ୟକୁ ନିବେଶ ଆକର୍ଷିତ କରିବାରେ ଓଡ଼ିଶା ସଫଳ ହୋଇଛି: ଶିଳ୍ପ ମନ୍ତ୍ରୀ

ଭୁବନେଶ୍ୱର, ୧୮/୧୧(ନିପ୍ର): ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ସମ୍ମିଳନୀର ପ୍ରଥମ ଦିନର ତୃତୀୟ ଅଧିବେଶନ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ରାଜ୍ୟର ଶିଳ୍ପ ଅଭିବୃଦ୍ଧି, ବ୍ୟବସାୟ ସୁବିଧା, ପ୍ରୋଜେକ୍ଟ ମନିଟରିଂ ଗ୍ରୁପ୍ (ପିଏମଜି ପୋର୍ଟାଲ) ମାଧ୍ୟମରେ ପ୍ରକଳ୍ପର ଅଗ୍ରଗତି ଅନୁଧ୍ୟାନ ଓ ସମୀକ୍ଷା, ପାରସ୍ପରିକ ଆଲୋଚନା ଆଧାରରେ ରାଜ୍ୟରେ ଶିଳ୍ପ ଇକୋସିଷ୍ଟମରେ ପରିବର୍ତ୍ତନ ସଂପର୍କିତ ବିଷୟଭିତ୍ତିକ ଏହି ଆଲୋଚନା ହୋଇଥିଲା । ପ୍ରଶାସନିକ ଅଧିକାରୀମାନେ ଯେତେବେଳେ ସମ୍ମିଳିତ ଭାବରେ ରାଜ୍ୟର ପ୍ରଗତି ପାଇଁ କାର୍ଯ୍ୟ କରିବେ, ସେତେବେଳେ ଓଡ଼ିଶାର ଅଭିବୃଦ୍ଧି ଅଧିକ ତ୍ୱରାନ୍ୱିତ ହେବ । ପ୍ରକଳ୍ପ ଅନୁମୋଦନର ସରଳୀକୃତ ପଦ୍ଧତି ଯୋଗୁଁ ନିବେଶ ଆକର୍ଷିତ କରିବାରେ ଓଡ଼ିଶାକୁ ସମସ୍ତେ ପ୍ରାଥମିକତା ଦେଉଛନ୍ତି । ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଜିଲ୍ଲାମାନଙ୍କରେ ବ୍ୟବସାୟ କରିବାର ସହଜତା ପ୍ରଦାନ କରିବାରେ ଜିଲ୍ଲାପାଳମାନଙ୍କ ଭୂମିକା ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ସିଏମଡି, ଓପିଟିସିଏଲ ଭାସ୍କର ଜ୍ୟୋତି ଶର୍ମା ଓଡ଼ିଶାରେ ଶକ୍ତି କ୍ଷେତ୍ର ଏବଂ ଏହା ଆକର୍ଷିତ କରୁଥିବା ନିବେଶ ଏବଂ ଶିଳ୍ପ ପାଇଁ ଅବଶ୍ୟକ ବିଦ୍ୟୁତ୍ ଯୋଗାଣ ବିଷୟରେ ବିସ୍ତୃତ ଉପସ୍ଥାପନ କରିଥିଲେ । ଅଧିବେଶନରେ "ପ୍ରଗତି" ତଦାରଖ ବ୍ୟବସ୍ଥା ମାଧ୍ୟମରେ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରାଯାଉଥିବା ସଂପର୍କରେ ଗୁରୁତ୍ୱ ଦିଆଯାଇଥିଲା ।

# ବରଗଡ଼ ଧନୁଯାତ୍ରା: ସୁଶୀଳ ମେହେର ହେଲେ ନୂଆ କଂସ

ବରଗଡ଼,୧୮।୧୧(ନିପ୍ର): ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଡିସେମ୍ବର ମାସ ୨୪ ତାରିଖରୁ ଆରମ୍ଭ ହେବ । ଦୀର୍ଘ ୧୧ଦିନ ବ୍ୟାପୀ ଆସନ୍ତା ୨୦୨୬ ଜାନୁଆରୀ ୩ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ । ଏଥର ମହୋତ୍ସବରେ ଅଭିନୟ ପାଇଁ କଂସ ସମେତ ଅନ୍ୟ ପ୍ରମୁଖ ଚରିତ୍ର ପାଇଁ କଳାକାର ଚୟନ କରାଯାଇଛି । ଏଥିରେ ବରଗଡ଼ ଜିଲା ଭେଡେନ ବ୍ଲକ ଚିଚିଣ୍ଡା ଗ୍ରାମର ସୁଶୀଳ ମେହେର ବରଗଡ଼ କଂସ ଅଭିନେତା ଭାବେ ମନୋନୀତ ହୋଇଛନ୍ତି । ସେହିପରି ପ୍ରଭାସ କୁମାର ତ୍ରିପାଠୀ ମୁଷ୍ଟିକ, ହିମାଂଶୁ ସାହୁ ଚାଣୁର, ଆର୍ତ୍ତତ୍ରାଣ ମହାପାତ୍ର ଉଗ୍ରସେନ, କାମରାଜ ଭୋଇ ନାରଦ, ମନୋଜ ସାହୁ ବସୁଦେବ, ଜଗନ୍ନାଥ ସାହୁ ଅକ୍ରୂର, ଜଗବନ୍ଧୁ ମହାଲିଙ୍ଗ ସାର୍ତ୍ତକୀ, ଅମ୍ବାଭୋନାର ହେମନ୍ତ ପ୍ରଧାନ



ସେନାପତି, ଗୁଲାବ ଚନ୍ଦ୍ର ଦାଶ ମହାମନ୍ତ୍ରୀ, ମୁମ୍ବା ଦାଶ ଦେବକୀ ଚରିତ୍ର ପାଇଁ ଚୟନ ହୋଇଛନ୍ତି । ଧନୁଯାତ୍ରା ମହୋତ୍ସବ ସମିତି ଉପସଭାପତି ବରଗଡ଼ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏହା ଘୋଷଣା କରିଛନ୍ତି । ଘୋଷଣା ସମୟରେ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶର ଶତପଥୀ ମଧ୍ୟ ଉପସ୍ଥିତ ଥିଲେ ।

# ଓଡ଼ିଶା ବିଧାନସଭା ପରିଦର୍ଶନ କଲେ ୪୦ ବିଦେଶୀ ପ୍ରତିନିଧି



ଭୁବନେଶ୍ୱର, ୧୮।୧୧(ନିପ୍ର): ନୂଆଦିଲ୍ଲୀ ସ୍ଥିତ ଲୋକସଭା ସଚିବାଳୟର ପାର୍ଲିଆମେଣ୍ଟାରୀ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ଇନଷ୍ଟିଚ୍ୟୁଟ ଫର ଡେମୋକାର୍ସି (ପ୍ରାଇଡ) ତରଫରୁ ୧୨ଟି ଦେଶର ୪୦ ଜଣ ବିଦେଶୀ ପ୍ରତିନିଧି ଓଡ଼ିଶା ବିଧାନସଭା ପରିଦର୍ଶନ କରିଛନ୍ତି । ଏଥିସହ ସଚିବାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ବାଚସ୍ପତି ସୁରମା ପାଢୀ ଏହି ବୈଠକକୁ ଉଦ୍‌ଘାଟନ କରିଥିଲେ । ସେ ଉପସ୍ଥିତ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ବିଧାନସଭାର ଗୌରବମୟ ଇତିହାସ ଓ ଏହାର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ବିଧାନସଭାର ସଂସଦୀୟ କାର୍ଯ୍ୟ ପ୍ରଣାଳୀ ଭାରତର ସର୍ବଶ୍ରେଷ୍ଠ ।ଚଳିତ ୧୭ ତମ ବିଧାନସଭାର ପ୍ରଥମ ବର୍ଷରେ ମୋଟ ୬୨ ଦିନ ଅଧିବେଶନ କାର୍ଯ୍ୟ ଦିବସ ସମ୍ପାଦନ କରିବା ପାଇଁ ସକ୍ଷମ ହୋଇପାରିଛି । ଏତଦବ୍ୟତୀତ ଓଡ଼ିଶା ବିଧାନସଭାର ସମସ୍ତ କାର୍ଯ୍ୟ ଡିଜିଟାଇଜେସନ୍ ଏବଂ କମ୍ପ୍ୟୁଟରୀ କରଣ ହେବା ସହ ନେଭା ପ୍ରୋଜେକ୍ଟ ଦ୍ୱାରା ସମସ୍ତ କାର୍ଯ୍ୟ କୁ କାଗଜ ଶୂନ୍ୟ କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ବାଚସ୍ପତି କହିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଯୋଗ ଦେଇ ଓଡ଼ିଶା ବିଧାନସଭାର ବିଧି ବ୍ୟବସ୍ଥା ଓ କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ସମସ୍ତ ପ୍ରତିନିଧିମାନଙ୍କୁ ଅବଗତ କରିଥିଲେ । ସେହିପରି ବିଭିନ୍ନ ଦେଶର ଲୋକଙ୍କ ମଧ୍ୟରେ ସଂସଦୀୟ ଓ ସାଂସ୍କୃତିକ ପରମ୍ପରାର ଆଦାନ ପ୍ରଦାନ କାର୍ଯ୍ୟକ୍ରମ ଆହୁରି ନିବିଡ଼ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ସାଂସଦ ସୁଜିତ କୁମାର ଭାରତୀୟ ସଂସଦୀୟ ପରମ୍ପରା ଓ କାର୍ଯ୍ୟ ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ବିଧାନସଭାର ଗବେଷଣା ନିର୍ଦ୍ଦେଶକ ତ୍ରିବିକ୍ରମ ପ୍ରଧାନ, ପ୍ରଶାନ୍ତ ମଲ୍ଲିକ, ନିର୍ଦ୍ଦେଶକ ପ୍ରାଇଡ ଏବଂ ବିଧାନସଭାର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସ୍ୱୟଂ ସହାୟିକା ଗୋଷ୍ଠୀ ମା'ମାନଙ୍କୁ ୧୧୭ କୋଟି ଟଙ୍କା ସୁଧ ଫେରସ୍ତ

ଭୁବନେଶ୍ୱର, ୧୮/୧୧(ନିପ୍ର): ମହିଳା ସଶକ୍ତିକରଣ ହେଉଛି ବିକଶିତ ଓଡିଶା ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ମା ମାନଙ୍କର ଆର୍ଥିକ ଅଭିବୃଦ୍ଧିକୁ ସୁଦୃଢ଼ କରିବା କ୍ଷେତ୍ରରେ ରାଜ୍ୟ ସରକାରଙ୍କର ବ୍ୟାଙ୍କ ଋଣ ଉପରେ ସୁଧ ଫେରସ୍ତ ବ୍ୟବସ୍ଥା ସହାୟକ ହୋଇଛି । ଏହା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଭିତ୍ତିକୁ ସୁଦୃଢ଼ କରିବା ସହିତ ଅଧିକ ବଜାର ସୁଯୋଗ ସୃଷ୍ଟି କରି ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରୁଛି । ମଙ୍ଗଳବାର ମିଶନ ଶକ୍ତି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମ "ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ସୁଧ ଫେରସ୍ତ"ରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଯୋଗ ଦେଇଥିଲେ । ସରକାର ମହିଳାମାନଙ୍କ ପାଇଁ ଜୀବିକାମୂଳକ ଅର୍ଥନୈତିକ ମଡେଲ୍ ମାଧ୍ୟମରେ ସଶକ୍ତ କରିବା ପାଇଁ ପ୍ରତିବଦ୍ଧ ବୋଲି ସେ କହିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଜୀବନ ଜୀବିକାର ବିକାଶ ତଥା ଉଦ୍ୟୋଗୀ ମନୋଭାବକୁ ପ୍ରୋତ୍ସାହନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବ୍ୟାଙ୍କ ଋଣ ବ୍ୟବସ୍ଥା । ଗୋଷ୍ଠୀମାନଙ୍କ ଉପରେ ସୁଧ ପରିଶୋଧର ଭାର ହ୍ରାସ କରିବା ପାଇଁ ଓଡିଶା ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ନେଉଥିବା ବ୍ୟାଙ୍କଋଣ ରାଶିକୁ ବୃଦ୍ଧି କରିବା ସହ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣରେ ବାର୍ଷିକ ସୁଧ ହାରକୁ ଶୂନ୍ୟ ପ୍ରତିଶତକୁ ଆଣିଛନ୍ତି । ଏହି ସୁଧ ଫେରସ୍ତ ରାଶି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଖାତାକୁ ସିଧା ସଳଖ ଯାଇଥାଏ । ଏହି କାର୍ଯ୍ୟକ୍ରମରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ୨ ଲକ୍ଷ ୨୪ ହଜାର ୮୮୪ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମୋଟ ୧୧୭ କୋଟି ୧୨ ଲକ୍ଷ ୫ ହଜାର ୧୬୪ ଟଙ୍କାର ସୁଧ ରାଶି ଫେରସ୍ତ କରିଥିଲେ । ଏହି ପଦକ୍ଷେପ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗ ଗୁଡ଼ିକୁ ଆର୍ଥିକ ଭାବେ ସଶକ୍ତ କରିବା ସହିତ ରାଜ୍ୟର ବିକାଶ ଏବଂ ଆର୍ଥିକ ପ୍ରଗତି ପ୍ରତି ସରକାରଙ୍କ ସଂକଳ୍ପକୁ ପୁଣିଥରେ ସ୍ପଷ୍ଟ କରିଛି ।

# ୪ ଦୋକାନରୁ ଗୁଟ୍‌ଖା ଓ ପାନମସଲା ଜବତ

ହିଞ୍ଜିଳିକାଟୁ, ୧୮।୧୧ (ନିପ୍ର): ଶିକ୍ଷାନୁଷ୍ଠାନଠାରୁ ୧୦୦ ମିଟର ଦୂରତା ପର୍ଯ୍ୟନ୍ତ ସିଗାରେଟ୍, ଗୁଟଖା, ପାନମସଲା ଭଳି ନିକୋଟିନ୍‌ଯୁକ୍ତ ଦ୍ରବ୍ୟ ବିକ୍ରି କରିବା ଆଇନାନୁଯାୟୀ ନିଷିଦ୍ଧ କରାଯାଇଛି । ରାଜ୍ୟ ପୁଲିସ ବିଭାଗ ପକ୍ଷରୁ ଅପରେସନ 'ଥଣ୍ଡର' ଜରିଆରେ ଏହି ଆଇନର କଡାକଡି ପଦକ୍ଷେପ ଗ୍ରହଣ କରାଯାଇଛି । ଉକ୍ତ ଦୋକାନ ଗୁଡିକରୁ ବିପୁଳ ପରିମାଣର ଗୁଟ୍‌ଖା, ସିଗାରେଟ୍, ବିଡି, ପାନ ମସଲା ସମେତ ନିକୋଟିନ ଯୁକ୍ତ ନିଶାଦ୍ରବ୍ୟ ଜବତ କରାଯିବା ସହ ସଂପୃକ୍ତ ଦୋକାନ ମାଲିକଙ୍କୁ ନୋଟିସ ଜାରି କରାଯିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

# ମାଛ ଜାଲରୁ ୬ ଫୁଟ ଲମ୍ବର ରଣା ସାପ ଉଦ୍ଧାର

ନିରାକାରପୁର, ୧୮/୧୧(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ବାଲିଗାଡିଆ ଗ୍ରାମର ତ୍ରିନାଥ ଚମ୍ପତିଙ୍କ ମାଛ ଜାଲରୁ ଏକ ୬ ଫୁଟ ଲମ୍ବର ରଣା ସାପ ଉଦ୍ଧାର ହୋଇଥିବା ଜଣା ପଡ଼ିଛି । ତ୍ରିନାଥ ନିଜ ଜାଲରେ ରଣା ସାପ ପଡିଥିବାର ଦେଖି ବଘେଇପୁଟ ସାପ ଉଦ୍ଧାରକାରୀ ବସନ୍ତ କୁମାର ବେହେରାଙ୍କୁ ଖବର ଦେଇଥିଲେ । ପରେ ଶ୍ରୀ ବେହେରା ପହଞ୍ଚି ସାପକୁ ଉଦ୍ଧାର କରି ସ୍ଥାନୀୟ ଜଙ୍ଗଲରେ ଛାଡ଼ି ଥିବା ସୂଚନା ମିଳିଛି ।



ଭୁବନେଶ୍ୱର: ସାଲିଆ ସାହିରେ ବେଆଇନ ଦଖଲ ଭାଙ୍ଗିଲା ବୁଲଡୋଜର (ଫଟୋ- ଦିନଲିପି)

# ଜଙ୍ଗଲି ହାତୀଙ୍କୁ ଆୟତ୍ତରେ ରଖ,ନଚେତ୍ ଆନ୍ଦୋଳନ

## ବନ ବିଭାଗକୁ ଚାଷୀଙ୍କ ଚେତାବନୀ

କୁଚିଣ୍ଡା,୧୮/୧୧(ନିପ୍ର): ହାତୀଙ୍କୁ କ୍ଷତି ପହଞ୍ଚାଉଥିବା ମଣିଷ ଉପରେ ବନବିଭାଗ କାର୍ଯ୍ୟାନୁଷ୍ଠାନ ନେଉଛି । ହେଲେ ଲୋକଙ୍କ ଘରଦ୍ୱାର ଭାଙ୍ଗିବା ସହ ଫସଲ ନଷ୍ଟ କରୁଥିବାରୁ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହେଉଛି । ଜଙ୍ଗଲ ଛାଡି ହାତୀ ଏବେ ଗାଁ ମୁହାଁ ହୋଇଛନ୍ତି । ପାଚିଲା ଧାନ ସବୁ ମାଡିଦଳି ନଷ୍ଟ କରୁଛନ୍ତି । ଅନେକ ଗ୍ରାମରେ ଘରଦ୍ୱାର ଭାଙ୍ଗି ଗଚ୍ଛିତ ଧାନ ଚାଉଳ ଆଦି ଖାଇ ଦେଉଛନ୍ତି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ବି ବନବିଭାଗ ହାତୀଙ୍କୁ ଘଉଡ଼ାଉ ନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି ସମ୍ବଲପୁର ଜିଲ୍ଲା ବାମରା ବନ୍ୟପ୍ରାଣୀ ବନଖଣ୍ଡରେ । ବନଖଣ୍ଡ ଅଧିନସ୍ଥ ଡରମା ରେଞ୍ଜ କୁତବା ଗ୍ରାମରେ ଫସଲ ଜଗିଥିବା ସମୟରେ ହାତୀ ହାବୁଡରେ ପଡି ଦୁଇ ଜଣଙ୍କ ଜୀବନ ଯାଇଛି । ଜମନକିରା ରେଞ୍ଜ ଅଞ୍ଚଳର କଟଙ୍ଗପାଣି ପଞ୍ଚାୟତରେ ଜଙ୍ଗଲି ହାତୀଙ୍କ ଉତ୍ପାତ ଯୋଗୁଁ ଚାଷୀଙ୍କ ପାଚିଲା





ଧାନବିଲ ସବୁ ନଷ୍ଟ ହେବାରେ ଲାଗିଛି । ବାମରା ରେଞ୍ଜ ଅଧିନସ୍ଥ ଗଡପୋଷ,ରବଗା, କିନାବଗା, ଜରାବଗା,ଲରିଆପାଲି ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ହାତୀପଲଙ୍କ ଯୋଗୁଁ ଚାଷୀଙ୍କ ବ୍ୟାପକ ଫସଲ ନଷ୍ଟ ହୋଇଛି । ସେହିପରି କୁଚିଣ୍ଡା ରେଞ୍ଜ ଅଧିନସ୍ଥ ସାଲେଭାଡି ପଞ୍ଚାୟତର ଡବାହାଲ, ହିଞ୍ଜେରକେଲା, ବଘିଆଡିହି, ଘିଆଜଙ୍ଗଲ ସହ ସୀମାନ୍ତ ସୁନ୍ଦରଗଡ଼ ଜିଲ୍ଲା ଜର୍ଡା ପଞ୍ଚାୟତର ଦ୍ୱିହାଲ ଗ୍ରାମରେ ହାତୀପଲ ଦୀର୍ଘ ୧୫ଦିନ ହେବ ଏହିସବୁ ଅଞ୍ଚଳର ଶହଶହ ହେକ୍ଟର ପାଚିଲା ଧାନ ଫସଲ ଖାଇବାସହ ମାଡ଼ି ଦଳି ନଷ୍ଟ କରି ଦେଉଛନ୍ତି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ବନବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି । ଏହାଛଡ଼ା କୁଚିଣ୍ଡା ବ୍ଲକ ହାଡ଼ିପାଲି ପଞ୍ଚାୟତର କିଣ୍ଡିରା ଗ୍ରାମର ପବିତ୍ର ମାଝିଙ୍କ ଘର କାନ୍ଥ ଭାଙ୍ଗି ଗଚ୍ଛିତ ଖାଦ୍ୟ ଶସ୍ୟ ସବୁ ଖାଇ ଦେଇଛି । ସମଗ୍ର ବାମରା ବନଖଣ୍ଡରେ ଜଙ୍ଗଲି ହାତୀଙ୍କ ଦୌରାତ୍ମ୍ୟ ଯୋଗୁଁ ଚାଷୀ ଏବେ ବନବିଭାଗର ନୀରବଦ୍ରଷ୍ଟାକୁ ଦାୟୀ କରିଛନ୍ତି । ବାଧହୋଇ ଲୋକେ ଜୀବନକୁ ବାଜି ଲଗାଇ ରାତିରେ ନିଆଁ ହୁଳା ଓ ବାଣ ସାହାଯ୍ୟରେ ହାତୀ ଘଉଡାଉଛନ୍ତି । ବନ ବିଭାଗର ଖାମଖିଆଲି ମନୋଭାବ ଯୋଗୁଁ ଚାଷୀମାନେ ଅତିଷ୍ଠ ହୋଇ ହାତୀଙ୍କୁ ଆୟତ୍ତରେ ନ ରଖିଲେ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଗ୍ରାମର କ୍ଷତିଗ୍ରସ୍ତ ଚାଷୀ ବିହାରୀ ସିଂ, ଅମୂଲ୍ୟ ଠାକୁର, ଜୟସିଂ ମୁଣ୍ଡା,ବେନି ମୁଣ୍ଡା,ଭକ୍ତ ମୁଣ୍ଡା,ଅରୁଣ ପଟେଲ, କାଳିଆ ମୁଣ୍ଡା,ମିଶ୍ର ଖଣ୍ଡେଲ ଏବଂ କର୍ଲିଆଡିହି ଗ୍ରାମର କ୍ଷତିଗ୍ରସ୍ତ ଚାଷୀ ଲାଲୁ ଖଡିଆ,ସରୋଜିନୀ ଖଡ଼ିଆ, ଶୁକ୍ରୁ ଖଡ଼ିଆ, ରୋଜିନ ଖଡିଆ, ଶୁକ୍ରୁ ମୁଣ୍ଡା, ନବୀନା କିଷାନ,ସୁବି କିଷାନ ପ୍ରମୁଖ ଆନ୍ଦୋଳନ ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ କୁଚିଣ୍ଡା ବନ୍ୟପ୍ରାଣୀ ରେଞ୍ଜର ଲେଖାରାଣୀ ମହାନନ୍ଦଙ୍କୁ ପଚାରିବାରେ ଯେଉଁଠାରୁ ଅଭିଯୋଗ ଆସୁଛି ଆମର ବନ କର୍ମଚାରୀ ଟିମ୍ ପହଞ୍ଚି ପଦକ୍ଷେପ ନେଉଛନ୍ତି ବୋଲି କହିଛନ୍ତି ।

697-B

OFICE OF THE SUPERINTENDING ENGINEER,
KHORDHA (R&B) DIVISION, KHORDHA
INVITATION FOR BIDS (IFB)
E-mail: pwdoff_khd@yahoo.com

Quotation Call Notice
Quotation Bid Identification No. S.E.-KHD-(R&B)-29/2025-26
Letter No. 635 Dtd. 11/11/25

The Superintending Engineer, Khurda (R&B) Division, Khurda on behalf of Governor of Odisha invites **Quotation rate bid** in **Single cover** system in ONLINE MODE from eligible class of contractors having valid registration certificate for execution of theCivil Works as detailed below:

1. Nature of Work : Electrical Works
2. No of Work : 02Nos
3. Cost of Quotation bid document : Rs.6000.00(Online)
4. Class of Contractor : Original Equipment Manufacturer (OEM)/Registered firm having experience in similar nature of work
5. Available of Quotation Bid Documents in the web site. : From 12.00 Noon of Dt.20.11.2025 to 5.00 PM of Dt.29.11.2025
6. Opening of Quotation Bids : Dt. 01.12.2025 at 11.30A.M
7. Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any information regarding Addendum / Corrigendum / Cancellation of tender can be available in the said website.

*Superintending Engineer, Khurda(R&B) Division, Khurda*

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ